

ଅନିମେଶ କୁଜୁର ଶ୍ରେଷ୍ଠ କ୍ରୀଡ଼ାବିତ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-66 ◆SATURDAY ◆30 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୬୬ ◆ଶନିବାର ◆୩୦ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଉର୍ଜିତ ପଟେଲ୍ ଆଇଏମ୍ଏଫ୍ ଇଡି

■ **ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ର ପୂର୍ବତନ ଗଭର୍ଣ୍ଣର ଉର୍ଜିତ ପଟେଲ୍ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ ନିଯୁକ୍ତି ପାଇଛନ୍ତି। ତିନି ବର୍ଷ ପାଇଁ ସେ ଏହି ପଦରେ ନିଯୁକ୍ତ ହୋଇଛନ୍ତି। ଦୀର୍ଘ ୩୦ ବର୍ଷ ପରେ ଶ୍ରୀ ପଟେଲ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିକୁ ଫେରିଛନ୍ତି। ଯାହା ଫଳରେ ସେ ପୁଣି ଥରେ ସେହିଠାରେ ପହଞ୍ଚିଛନ୍ତି, ଯେଉଁଠାରୁ ନିଜ କ୍ୟାରିଅର ଆରମ୍ଭ କରିଥିଲେ। ଆଇଏମ୍ଏଫ୍‌ରେ ଭାରତର ବର୍ତ୍ତମାନର ଇଡି କୃଷ୍ଣମୂର୍ତ୍ତି ଭି. ସୁବ୍ରମଣ୍ୟନଙ୍କ ସ୍ଥାନରେ ଶ୍ରୀ ପଟେଲ୍‌ଙ୍କୁ ଏହି ନିଯୁକ୍ତି ମିଳିଛି। ସୂଚନାଯୋଗ୍ୟ ଯେ, କାର୍ଯ୍ୟକାଳ ଶେଷ ହେବାର ପ୍ରାୟ ୬ ମାସ ପୂର୍ବରୁ ଶ୍ରୀ ସୁବ୍ରମଣ୍ୟନ ବିଦାୟ ନେଇଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ଆଇଏମଏଫରେ ଅର୍ଥନୀତିଜ୍ଞ ଭାବରେ କାର୍ଯ୍ୟ କରିଥିଲେ। ପଟେଲ ୨୦୧୬ରେ ରଘୁରାମ ରାଜନଙ୍କ ପରେ ଆର୍‌ବିଆଇର ୨୪ତମ ଗଭର୍ଣ୍ଣର ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୧୮ରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିବା ପ୍ରଥମ ଆର୍‌ବିଆଇ ଗଭର୍ଣ୍ଣର ଥିଲେ।



୩୦ ବର୍ଷ ପରେ ପୁଣି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିକୁ ଫେରିଲେ



ଡଲାର ତୁଳନାରେ ରେକର୍ଡ ହ୍ରାସ

## ଟାରିଫ୍ ଯୁଦ୍ଧରେ ଟଙ୍କା ଘାଇଲା
# ୧ ଡଲାର = ୮୮.୭୫ ଟଙ୍କା

■ **ନୂଆଦିଲ୍ଲୀ,୨୯।୮ (ଏଜେନ୍ସି):** ଆମେରିକା ଦ୍ୱାରା ଲାଗୁ କରାଯାଇଥିବା ୫୦% ଶୁଳ୍କ ଭାରତୀୟ ଟଙ୍କାର ମେରୁଦଣ୍ଡ ଭାଙ୍ଗି ଦେଇଛି। ଏହି ଶୁଳ୍କ ଯୁଦ୍ଧରେ ଭାରତୀୟ ମୁଦ୍ରା ଘାଇଲା ହୋଇଛି। ଫଳସ୍ୱରୂପ ଟଙ୍କା ଏହାର ପର୍ଯ୍ୟନ୍ତର ସର୍ବନିମ୍ନ ସ୍ତରକୁ ଖସିଯାଇଛି। ଅଗଷ୍ଟ ୨୭ରୁ ଟ୍ରମ୍ପ୍ ଶୁଳ୍କ ଲାଗୁ ହୋଇଛି। ଶୁକ୍ରବାର କାରବାରରେ ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ୭୦ ପଇସାରୁ ଅଧିକ ହ୍ରାସ ପାଇଛି। ଡଲାର ତୁଳନାରେ ଟଙ୍କା ୮୮.୭୫ ର ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହି ହ୍ରାସ ଦର୍ଶାଉଛି ଯେ ଭାରତର ବାଣିଜ୍ୟ ଏବଂ ବିକାଶ ଉପରେ ଆମେରିକାର ଭାରୀ ଶୁଳ୍କର ପ୍ରଭାବକୁ ନେଇ ନିବେଶକମାନେ ବେଶ ଚିନ୍ତିତ। ସୂଚନାଯୋଗ୍ୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଚଳିତ ବର୍ଷ ୩% ହ୍ରାସ ଘଟିଛି। ଏଥିସହ ଟଙ୍କା ଏସିଆର ସବୁଠାରୁ ଖରାପ ପ୍ରଦର୍ଶନକାରୀ ମୁଦ୍ରା ପାଲଟିଛି। ଚଳିତବର୍ଷ ଫେବୃଆରୀ ପୂର୍ବରୁ ଟଙ୍କା ମୂଲ୍ୟ ପ୍ରତି ଡଲାର ତୁଳନାରେ ୮୭.୯୫ ଟଙ୍କାର ରେକର୍ଡ ସର୍ବନିମ୍ନ ସ୍ତରରେ ରହିଥିଲା। ଶୁକ୍ରବାର, ଚୀନ୍ ୟୁଆନ ତୁଳନାରେ ଟଙ୍କା ମଧ ରେକର୍ଡ ସର୍ବନିମ୍ନ ସ୍ତରରେ ପହଞ୍ଚିଛି।

## ଚମ୍ବାରେ ଭୂସ୍ଖଳନ
# ୧୧ ଶ୍ରଦ୍ଧାଳୁ ମୃତ

■ **ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ମଧ୍ୟରେ ମଣିମହେଶ ଯାତ୍ରାରେ ବାହାରିଥିବା ୧୧ ଶ୍ରଦ୍ଧାଳୁ ଭୂସ୍ଖଳନ କାଣରୁ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ୩ ଜଣ ପଞ୍ଜାବ, ଜଣେ ଉତ୍ତରପ୍ରଦେଶ ଓ ୫ ଜଣ ଚମ୍ବାର ଅଧିବାସୀ ରହିଛନ୍ତି। ଦୁଇଜଣ ଲୋକଙ୍କର ପରିଚୟ ଏବେ ମଧ ମିଳିପାରିନାହିଁ। ପାହାଡ଼ ଉପରୁ ପଥର ଖସିବା ଓ ଅମ୍ଳଜାନ ଅଭାବ କାରଣରୁ ଲୋକମାନେ ପ୍ରାଣ ହରାଇଛନ୍ତି ବୋଲି ଅଧିକାରୀମାନେ କହିଛନ୍ତି। ଏହି ପ୍ରାକୃତିକ ବିପତ୍ତି କାରଣରୁ ପାଖାପାଖି ୩ ହଜାର ମଣିମହେଶ ଶ୍ରଦ୍ଧାଳୁ ଫସି ରହିଛନ୍ତି। ଏମାନଙ୍କୁ ଉଦ୍ଧାର କରିବା ପାଇଁ ଅପରେସନ ଜାରି ରହିଛି। ଗତ ସପ୍ତାହରେ ମଧ ଭୂସ୍ଖଳନ କାରଣରୁ ୭ ଶ୍ରଦ୍ଧାଳୁ ମୃତ୍ୟୁବରଣ କରିଥିଲେ ଓ ୯ ଜଣ ନିଖୋଜ ହୋଇଥିଲେ।



### ଉତ୍ତରାଖଣ୍ଡର ୩ ଜିଲ୍ଲାରେ ବାଦଲଫଟା ବର୍ଷାରେ ୫ ମୃତ

ଅନ୍ୟପଟେ ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ, ଚମୋଲି, ବାଗେଶ୍ୱର ଓ ତେହରୀ ଗଢ଼ୱାଲ ଜିଲ୍ଲାରେ ଗୁରୁବାର ରାତିରେ ବାଦଲ ଫଟା ବର୍ଷା କାରଣରୁ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୩ ଜଣ ନିଖୋଜ ଅଛନ୍ତି। ଭୂସ୍ଖଳନ କାରଣରୁ ପାଖାପାଖି ୩୦ରୁ ୪୦ ପରିବାର ଆବର୍ଜନା ତଳେ ଦବି ଯାଇଛନ୍ତି। ଆହୁରି କେତୋଟି ଘର କ୍ଷତିଗ୍ରସ୍ତ ହୋଇଛି। ଏନ୍‌ଡିଆରଏଫ୍, ଏସ୍‌ଡିଆରଏଫ୍, ଡିଡିଆରଏଫ୍ ଓ ପୁଲିସର ଟିମ୍ ପ୍ରଭାବିତ ଜିଲ୍ଲାରେ ଉଦ୍ଧାର କାର୍ଯ୍ୟ ପାଇଁ ବାହାରିଛନ୍ତି। ବାଗେଶ୍ୱର ଜିଲ୍ଲା ନିକଟସ୍ଥ ପୋସାରୀରେ ରାତି ସାରା ବର୍ଷା ଯୋଗୁ ଦୁଇଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ▶ପୃଷ୍ଠା-୭

## ଭାରତ-ଚୀନ୍ ବନ୍ଧୁତା
# ସମ୍ପର୍କ ସୁଧାରିଛି 'ଗୁପ୍ତ ଚିଠି'
## 'ଟ୍ରମ୍ପ ଟାରିଫ୍' ନେଇ ରାଷ୍ଟ୍ରପତି ମୁର୍ମୁଙ୍କୁ ପତ୍ର ଲେଖି ଚିନ୍ତା ବ୍ୟକ୍ତ କରିଥିଲେ ଜିନ୍‌ପିଙ୍ଗ

■ **ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି):** ଗଲୱାନ ସଂଘର୍ଷ ପରେ ଭାରତ-ଚୀନ୍ ସମ୍ବନ୍ଧ ଖରାପ ହେବାରେ ଲାଗିଥିଲା। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ପ୍ରାୟତଃ ଛିନ୍ନ ହୋଇ ଯାଇଥିଲା। 'ଅପରେସନ ସିନ୍ଦୂର'ରେ ପାକିସ୍ତାନକୁ ଚୀନ୍‌ର ସହାୟତା ଏହାକୁ ଅଧିକ ଜଟିଳ କରିଦେଇଥିଲା। କିନ୍ତୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଧମକ ସ୍ଥିତିକୁ ବଦଳାଇ ଦେଇଥିଲା। ଜବାବୀ ଶୁଳ୍କ ଭାରତ-ଚୀନ୍ ସମ୍ବନ୍ଧକୁ ନୂଆ ଦିଗ ଦେଇଥିଲା। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୀର୍ଘ ସାତ ବର୍ଷ ପରେ ଏସ୍‌ସିଓ ସମ୍ମିଳନୀରେ ଯୋଗ ଦେବା ପାଇଁ ଚୀନ୍ ଗସ୍ତରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ଏହି ଘଟଣାକ୍ରମ ପଛରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଗୁପ୍ତ ଚିଠିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସେ ଲେଖିଥିବା ଏହି ଚିଠିରେ ଆମେରିକା-ଭାରତ ବ୍ୟବସାୟରେ ଚୀନ୍‌ର ହେଉଥିବା କ୍ଷତି ବିଷୟରେ ଚିନ୍ତା ପ୍ରକଟ କରିଥିଲେ। ଚୀନ୍ ବିରୋଧରେ ଆମେରିକା ରାଷ୍ଟ୍ରପତି ଶୁଳ୍କ ଯୁଦ୍ଧ ଜୋରଦାର କରିବା ସମୟରେ ଏହି ଚିଠି ଆସିଥିଲା। ଏହି ସମୟରେ ଭାରତ ସହ ସମ୍ପର୍କ ସୁଧାରିବା ପାଇଁ ଚୀନ୍ ପ୍ରୟାସ କରିଥିଲା। ଗୁପ୍ତ ଭାବେ ଭାରତ ସହ ଯୋଗାଯୋଗ କରିବା ଆରମ୍ଭ କରିଥିଲା। ଜିନପିଙ୍ଗ ଚିଠି ମାଧ୍ୟମରେ ଦୁଇ ଦେଶର ସମ୍ପର୍କ ସୁଧାରିବାର ସମ୍ଭାବନା ବିଷୟରେ ଉଲ୍ଲେଖ କରିଥିଲେ। ଏହା ପରେ ହିଁ ଦୁଇ ଦେଶର ସମ୍ପର୍କ ସ୍ୱାଭାବିକ ହେବାରେ ଲାଗିଥିଲା। ଏହାର କିଛି ମାସ ପରେ ଚୀନ୍ ଯିବା ପାଇଁ ମୋଦୀ ଯୋଜନା କରିଥିଲେ। ବ୍ଲୁମବର୍ଗ ରିପୋର୍ଟରେ ଏଭଳି ଦାବି କରାଯାଇଛି।



ଜଣେ ଭାରତୀୟ ଅଧିକାରୀଙ୍କ ସୂଚନା ଆଧାରରେ ରିପୋର୍ଟରେ କୁହାଯାଇଛି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜିନପିଙ୍ଗ୍ ଲେଖିଥିବା ଚିଠିକୁ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଖକୁ ପଠା ଯାଇଥିଲା। ଚିଠିରେ କୁହାଯାଇଥିଲା ଯେ ଭାରତ ଏବଂ ଆମେରିକା ମଧ୍ୟରେ ହେବାକୁ ଥିବା କୌଣସି ବାଣିଜ୍ୟ ଚୁକ୍ତି ଚୀନ୍‌ର ସ୍ୱାର୍ଥ ପ୍ରତି ଆଞ୍ଚ ଆଣିପାରେ। ଏହା ସହିତ ସମ୍ବନ୍ଧ ସୁଧାରିବା ପାଇଁ ଜଣେ ପ୍ରାଦେଶିକ ଅଧିକାରୀ ନେତୃତ୍ୱରେ ପ୍ରୟାସ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ଜୁନ୍ ପର୍ଯ୍ୟନ୍ତ ଭାରତ ଏହି ଚିଠିର କୌଣସି ଜବାବ ଦେଇ ନ ଥିଲା। ପରେ ପରିବର୍ତ୍ତିତ ସ୍ଥିତି ଯୋଗୁଁ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ବିବାଦରେ ଫସି ଯାଇଥିଲା। ଆମେରିକାର ଦୁଇଟି ନିଷ୍ପତ୍ତି ଉପରେ ଭାରତ ବେଶୀ କ୍ଷୁବ୍ଧ ହୋଇଥିଲା। ପ୍ରଥମେ ଟ୍ରମ୍ପ ଭାରତ-ପାକିସ୍ତାନ ଅସ୍ତ୍ରବିରତି କରାଇଥିବା ଦାବି କରିଥିଲେ। କିନ୍ତୁ ଭାରତ ପକ୍ଷରୁ ଏହାକୁ ଖାରଜ କରିଦିଆଯାଇଥିଲା। ▶ପୃଷ୍ଠା-୭

## ନବୀନଙ୍କୁ ଭେଟିଲେ ଯୁବ ଓ ଛାତ୍ର ବିଜେଡ଼ି କର୍ମକର୍ତ୍ତା
# ତୃଣମୂଳରୁ ଶକ୍ତିଶାଳୀ ହେବ ତୃତୀୟ ପିଢ଼ି





▶▶ ତୃଣମୂଳସ୍ତରରୁ ଆହୁରି ସଂଗଠିତ ହେବ ଦୁଇ ଛାମୁଆଁ ସଙ୍ଗଠନ

▶▶ ବିନମ୍ର ଓ ଶାଳୀନ ଭାବରେ ଏକାଠି କାମ କରିବାକୁ ପରାମର୍ଶ

▶▶ ସାରା ରାଜ୍ୟ ବୁଲି ସମାଧାନ କର ଯୁବ ଓ ଛାତ୍ରଙ୍କ ସମସ୍ୟା

■ **ଭୁବନେଶ୍ୱର, ୨୯।୮ (ସମିସ):** ଜିଲ୍ଲା ସଭାପତି ନିର୍ବାଚନ ପରେ ଦଳର ଦୁଇ ଛାମୁଆ ସଙ୍ଗଠନ ଛାତ୍ର ବିଜେଡି ଓ ଯୁବ ବିଜେଡିର କାୟା ପରିବର୍ତ୍ତନ କରିଛନ୍ତି ଦଳର ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। କେଇଦିନ ତଳେ ତୃତୀୟ ପିଢ଼ିର ଦୁଇଜଣ ଯୁବ ନେତାଙ୍କ ଉପରେ ଦୁଇ ଛାମୁଆଁ ସଙ୍ଗଠନର ଦାୟିତ୍ୱ ନ୍ୟସ୍ତ କରିବା ପରେ ଶୁକ୍ରବାର ଉଭୟଙ୍କୁ ନବୀନ ଦେଇଛନ୍ତି ରାଜନୀତିର ଗୁରୁମନ୍ତ୍ର। ଭବିଷ୍ୟତକୁ ଦୃଷ୍ଟିରେ ରଖି ନୂଆ ପିଢ଼ିକୁ ଶକ୍ତିଶାଳୀ କରିବା ଓ ରାଜ୍ୟର ତୃଣମୂଳସ୍ତରରେ ଦୁଇ ଛାମୁଆ ସଙ୍ଗଠନକୁ ଅଧିକ ସୁଦୃଢ଼ କରିବାକୁ ▶ପୃଷ୍ଠା-୭

# ପିକ୍‌ଅପ୍-ବାଇକ୍ ମୁହାଁମୁହିଁ, ୨ ମୃତ

■ **କୁକୁଡ଼ାଖଣ୍ଡି, ୨୯।୮ (ସମିସ):** ସଦର ଥାନା ଅନ୍ତର୍ଗତ ବାଇଗଣବାଡ଼ି ଛକରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଆଜି ୨ ଜଣଙ୍କ ମୃତ୍ୟୁ ହୋଇଛି। ଏକ ପିକଅପ-ଭ୍ୟାନ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ଖଲିଙ୍ଗି ଗ୍ରାମର କର୍ଣ୍ଣ ସେଠୀ ଓ ସନାତନ ସୁଆଁସିଆ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ବ୍ରହ୍ମପୁର-ଦିଗପହଣ୍ଡି ମୁଖ୍ୟ ରାସ୍ତାକୁ ଦୀର୍ଘ ୬ ଘଣ୍ଟା ଧରି ଅବରୋଧ କରିଥିଲେ। ତେବେ ପ୍ରଶାସନର ହସ୍ତକ୍ଷେପ ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।

**ଶବ ରଖି ୬ ଘଣ୍ଟା ରାସ୍ତା ଅବରୋଧ**

ସୂଚନାନୁସାରେ, ପାଟପୁର ଥାନା ଅନ୍ତର୍ଗତ ଖଲିଙ୍ଗି ଗ୍ରାମର କର୍ଣ୍ଣ ଓ ସନାତନ ଦିଗପହଣ୍ଡି ପଟୁ ବାଇକ୍ (ଓଡି-୦୭ଟି-୭୯୫୪)ରେ ବ୍ରହ୍ମପୁର ଅଭିମୁଖେ ଯାଉଥିଲେ। ବାଇଗଣବାଡ଼ି ଛକ ନିକଟରେ ବିପରୀତ ଦିଗରୁ ଯାଉଥିବା ଏକ ପିକଅପ୍ ଭ୍ୟାନ୍ (ଓଡି-୦୨ସିକେ-୫୩୪୩) ▶ପୃଷ୍ଠା-୭

## ଏସ୍‌ସି, ଏସ୍‌ଟି କଲ୍ୟାଣ କମିଟି ଅଧ୍ୟକ୍ଷଙ୍କ ସମ୍ମିଳନୀ
# ସମତାଭିତ୍ତିକ ସମାଜ ଓ ବିକଶିତ ଭାରତ ଗଠନ ଲକ୍ଷ୍ୟ: ଓମ୍ ବିର୍ଲା



### ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ଏହି ସମ୍ମିଳନୀ: ମୋହନ
### ଏସ୍‌ସି, ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ଲାଭାନ୍ୱିତ କରିବ ନୂଆ ଶିକ୍ଷାନୀତି: ଧର୍ମେନ୍ଦ୍ର

■ **ଭୁବନେଶ୍ୱର, ୨୯।୮ (ସମିସ):** ବାବା ସାହେବ ଆମ୍ବେଦକରଙ୍କର ବିଚାରକୁ ନେଇ ସମ୍ବିଧାନର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଦୀର୍ଘ ୭୮ ବର୍ଷ ଧରି ଏହି ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢୁଛି। ଏହି ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆ ବର୍ଗଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ୨ ଦିନିଆ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ସଂକ୍ରାନ୍ତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟଙ୍କ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରି ଶ୍ରୀ ବିର୍ଲା କହିଛନ୍ତି ଯେ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟ ସବୁ ସମୟରେ ଦଳମତରୁ ଉର୍ଦ୍ଧ୍ୱରେ ରହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି। ଆଜି ଦେଶରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି। ଦଳମତ ନିର୍ବିଶେଷରେ ସଂସଦୀୟ ଓ ବିଭିନ୍ନ ରାଜ୍ୟର କମିଟି ମାନେ ଏହି ବର୍ଗର ସାମଗ୍ରିକ ଉନ୍ନତି ଉପରେ ଧ୍ୟାନଦେଇ ଆସିଛନ୍ତି ବୋଲି ଶ୍ରୀ ବିର୍ଲା କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ୨୫ ବର୍ଷ ପରେ ଏହି ସମ୍ମିଳନୀ ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ହେଉଛି। ଆମର ଆଜି ଭଲ ଅଛି, ଆଗାମୀ କାଲି ଖୁବ୍ ଭଲ ହେବ, ନିଶ୍ଚୟ ଭଲ ହେବ। ଭୁବନେଶ୍ୱରର ଏହି ସମ୍ମିଳନୀ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏକ ସମୃଦ୍ଧ ଭବିଷ୍ୟତର ରାସ୍ତା ନିର୍ମାଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ପିଏମ ଜନମନ ଏବଂ ଧରତୀଆବା ଗ୍ରାମ ଉତ୍କର୍ଷ ଯୋଜନାରେ ଆଦିବାସୀ ଗୋଷ୍ଠୀଙ୍କୁ କିପରି ଫୋକସ କରାଯାଉଛି ସେ ସମ୍ପର୍କରେ ମତ ରଖିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ ଶିକ୍ଷା ନୀତିରେ ବଞ୍ଚିତ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଛାତ୍ର ଛାତ୍ରୀ ▶ପୃଷ୍ଠା-୭

## ୟୁ-ଡାଇଜ୍ ରିପୋର୍ଟ
# ଅଧାରୁ ପାଠ ଛାଡୁଛନ୍ତି ୯.୮% ଛାତ୍ରଛାତ୍ରୀ

■ **ଭୁବନେଶ୍ୱର, ୨୯।୮ (ସମିସ):** ରାଜ୍ୟରେ ଅଧାରୁ ପାଠପଢ଼ା ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅର୍ଥାତ୍ ଡ୍ରପ୍‌ଆଉଟ୍ ହାର ବଢୁଛି। ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାରମ୍ଭିକ (ପ୍ରିପାରେଟୋରୀ), ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟମ (ମିଡିଲ୍) ଏବଂ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଧ୍ୟମିକ (ସେକେଣ୍ଡାରୀ) ବର୍ଗରେ ଅଧିକ ପିଲା ପାଠ ଛାଡୁଛନ୍ତି। ତନ୍ମଧ୍ୟରେ ନବମରୁ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ସର୍ବାଧିକ। ଡ୍ରପ୍‌ଆଉଟ୍ ରୋକିବାକୁ ସରକାର ବିଭିନ୍ନ ଯୋଜନା କରୁଥିଲେ ମଧ ଆଶାଜନକ ସଫଳତା ମିଳିପାରୁ ନାହିଁ। ଅପରପକ୍ଷରେ ଦେଶରେ ଡ୍ରପ୍‌ଆଉଟ୍ ହାର କମୁଥିବାବେଳେ ଓଡ଼ିଶାରେ ଡ୍ରପ୍‌ଆଉଟ୍ ହାର ବଢୁଥିବା ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟ ପକ୍ଷରୁ ପ୍ରକାଶିତ ୟୁନିଫାଇଏଡ୍ ଡିଷ୍ଟ୍ରିକ୍ ଇନ୍‌ଫରମେସନ୍ ସିଷ୍ଟମ ଫର୍ ଏଜୁକେସନ୍ (ୟୁ-ଡାଇଜ୍) ତଥ୍ୟରୁ ଜଣାପଡ଼ିଛି।

୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟର ମାଧ୍ୟମିକସ୍ତର ଡ୍ରପ୍‌ଆଉଟ୍ ହାର ୯.୧ ପ୍ରତିଶତ ଥିଲା। ଅର୍ଥାତ୍ ନବମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ୧୦୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୧ ଜଣ ଅଧାରୁ ପାଠ ଛାଡ଼ି ଦେଉଥିଲେ। ଚଳିତ ବର୍ଷ ଏହା ଆହୁରି ବୃଦ୍ଧି ପାଇ ୯.୮ ପ୍ରତିଶତରେ ପହଞ୍ଚିଛି। ଅର୍ଥାତ୍ ପ୍ରତି ୧୦୦୦ ଜଣରେ ୯୮ ଜଣ ପିଲା ପାଠ ଛାଡୁଛନ୍ତି। ସେହିପରି ମାଧ୍ୟମିକ ସ୍ତର ବା ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଡ୍ରପ୍‌ଆଉଟ୍ ହାର ୨୦୨୩-୨୪ ଶିକ୍ଷାବର୍ଷରେ ୨ ପ୍ରତିଶତ ଥିବାବେଳେ ୨୦୨୪-୨୫ ଶିକ୍ଷାବର୍ଷରେ ୩.୨ ପ୍ରତିଶତକୁ ବୃଦ୍ଧି ପାଇଛି।

### ପ୍ରତି ୧୦୦୦ ପିଲାରେ ପାଠ ଛାଡୁଛନ୍ତି ୯୮ ଜଣ
### ଝିଅଙ୍କ ତୁଳନାରେ ଅଧାରୁ ପାଠ ଛାଡୁଛନ୍ତି ଅଧିକ ପୁଅ

ଅନୁରୂପ ଭାବେ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ମଧ ୦.୫ରୁ ୧.୪ ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ସମସ୍ତ ବର୍ଗରେ ଛାତ୍ରୀଙ୍କ ତୁଳନାରେ ଅଧିକ ଛାତ୍ର ପାଠ ଛାଡୁଥିବା ରେକର୍ଡ ହୋଇଛି। ଅନ୍ୟପଟେ ଜାତୀୟ ସ୍ତରରେ ଡ୍ରପ୍‌ଆଉଟ୍ ହାର କମୁଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୨୩-୨୪ ଶିକ୍ଷାବର୍ଷରେ ମାଧ୍ୟମିକ ସ୍ତରର ଡ୍ରପ୍‌ଆଉଟ୍ ହାର ୧୦.୯ ପ୍ରତିଶତ ଥିବାବେଳେ ୨୦୨୪-୨୫ରେ ଏହା ୮.୨ ପ୍ରତିଶତକୁ ଖସିଛି। ସେହିପରି



ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ୫.୨ ରୁ ୩.୫ ପ୍ରତିଶତ ଏବଂ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଡ୍ରପ୍‌ଆଉଟ୍ ହାର ୩.୭ରୁ ୨.୩ ପ୍ରତିଶତକୁ ହ୍ରାସ ପାଇଛି। ▶ପୃଷ୍ଠା-୭

## ପଶୁ ହେବାକୁ ଚାହୁଁଛି ମନୁଷ୍ୟ



ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ଏକବିଂଶ ଶତାବ୍ଦୀର ଆଧୁନିକ ମନୁଷ୍ୟ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବନାଇ ସବୁ କାର୍ଯ୍ୟକୁ ସହଜ କରିଦେଇଛି। କିନ୍ତୁ ଏପରି ସମୟରେ କିଛି ଲୋକ ପଶୁ ହେବାକୁ ପ୍ରୟାସ କରୁଛନ୍ତି। ଏଥିପାଇଁ ସାମାଜିକ ଗଣମାଧ୍ୟମରେ 'କ୍ୱାଡ୍ରୋବିକ୍ସ' ଧାରା ଆରମ୍ଭ ହୋଇଛି। ଏହା ମାଧ୍ୟମରେ ଚାରି ହାତ-ଗୋଡରେ ପଶୁ ପରି ଚାଲିବାର ପ୍ରତିଯୋଗିତା ଚାଲିଛି। ଅନେକ ଲୋକେ ମଧ୍ୟ ଏହି ଧାରାରେ ସାମିଲ ହୋଇ ନିଜେ ପଶୁ ପରି ଚାଲୁଥିବାର ଭିଡିଓ ପୋଷ୍ଟ କରୁଛନ୍ତି। ଏହାକୁ ଫିଟ୍‌ନେସ୍‌ର ନୂଆ ଧାରା କୁହାଯାଉଛି। କ୍ୱାଡ ଏବଂ ଏରୋବିକ୍ସର ମିଶ୍ରଣରୁ କ୍ୱାଡ୍ରୋବିକ୍ସ ହୋଇଛି। ଏହାର ଅର୍ଥ ହେଉଛି, ହାତ ଏବଂ ଗୋଡ଼ ଏକାସଙ୍ଗେ କାମ କରୁଥିବାଭଳି ବ୍ୟାୟାମ କରିବା। ଏଥିରେ ମନୁଷ୍ୟ ପଶୁ ପରି ଦୌଡୁଛି, ଡେଉଁଛି ଏବଂ ଗଛରେ ଚଢୁଛି। ପ୍ରଥମେ ବେଲ୍‌ଜିୟମର ପ୍ରାମାଣିକ ଚଳଚ୍ଚିତ୍ର ନିର୍ଦ୍ଦେଶକ ଏଲେକ୍ସିଆ କ୍ରାଫ୍ଟ ଏହି ଧାରା ଆରମ୍ଭ କରିଥିଲେ। ସେ ୨୦୨୧ରେ ସ୍ପେନର ଏକ ଜଙ୍ଗଲରେ ଗବେଷଣା କରୁଥିବା ସମୟରେ ଭିକ୍ଟର ମାନୁଏଲଙ୍କ ବିଷୟରେ ଶୁଣିଥିଲେ। ଏହି ବ୍ୟକ୍ତି ଜଙ୍ଗଲରେ ମୋଗଲୀ ଭଳି ରହୁଥିଲେ। ଭିକ୍ଟରଙ୍କଠାରୁ ଏଲେକ୍ସିଆ ପ୍ରଶିକ୍ଷଣ ନେଇଥିଲେ। ପରେ ଉଭୟେ ଏହାର ନାମ କ୍ୱାଡ୍ରୋବିକ୍ସ ରଖିଥିଲେ। ଏବେ ହଜାର ହଜାର ଲୋକ ଏହି ପଶୁ ହେବାର ଧାରାରେ ସାମିଲ ହେଉଛନ୍ତି।

## ୨ ଲକ୍ଷ ଦେଇ ପରିଚୟ ହଟାଉଛନ୍ତି ଲୋକେ



ଟୋକିଓ, ୨୯।୮ (ଏଜେନ୍ସି): ମନୁଷ୍ୟ ହେଉଛି ସାମାଜିକ ପ୍ରାଣୀ। ମାତ୍ର ଜାପାନରେ ଲୋକେ ସମାଜରୁ ଦୂରେଇ ଯାଉଛନ୍ତି। ପ୍ରତି ବର୍ଷ ହଜାର ହଜାର ଲୋକ ଜାଣିଶୁଣି ନିଜ ଚାକିରି, ପରିବାର ଏବଂ ବନ୍ଧୁଙ୍କୁ ଛାଡ଼ି ଗାଏବ ହେଇ ଯାଉଛନ୍ତି। ଜାପାନରେ ଚାଲିଥିବା ଏହି ଧାରାକୁ 'ଜୋହାସ୍ତୁ' କୁହାଯାଉଛି। ଏହାର ଅର୍ଥ ଗାଏବ ହୋଇଯିବା। ଜାପାନରେ ବ୍ୟକ୍ତିଗତ ବିଫଳତାକୁ ପରିବାର ପାଇଁ ଲଜ୍ଜାଜନକ ଧରାଯାଏ। ଲଜ୍ଜା, ଋଣ ଏବଂ ଘରୋଇ ହିଂସାରୁ ବର୍ତ୍ତିବା ଲାଗି ଲୋକେ ଗାଏବ ହେବାକୁ ଉଚିତ ମଣୁଛନ୍ତି। ଏହା ବ୍ୟତୀତ ଚାକିରି ହରାଇବା, ଦେବାଳିଆ ହେବା, ଛାଡ଼ପତ୍ର ଏବଂ ପଢାରେ ବିଫଳ ଏହାର ପ୍ରମୁଖ କାରଣ ପାଲଟିଛି। ରିପୋର୍ଟ ଅନୁଯାୟୀ ୨୦୨୨ରେ ୮୪, ୯୧୦ ଜଣ ଗାଏବ ହେବା ନେଇ ମାମଲା ରୁଜୁ ହୋଇଥିଲା। ଏଥିପାଇଁ ଜାପାନରେ ଏକ ସ୍ୱତନ୍ତ୍ର କମ୍ପାନୀ 'ୟୋନିଗେ-ୟା' ରହିଛି। ୩ ଲକ୍ଷ ୟେନ ଅର୍ଥାତ୍ ପ୍ରାୟ ୨ ଲକ୍ଷ ଟଙ୍କା ଦେଲେ ଏହି କମ୍ପାନୀ ରାତାରାତି ଲୋକଙ୍କୁ ଗାଏବ କରିଦେଉଛି। ଏହା ସହିତ ଲୋକଙ୍କ ପୁରୁଣା ପରିଚୟକୁ ନଷ୍ଟ କରି ନୂଆ ନାମ ଏବଂ ଠିକଣା ପ୍ରଦାନ କରୁଛି। ଜାପାନରେ ମଧ୍ୟ ଏହାକୁ ଆଇନଗତ ଅନୁମତି ମିଳିଛି। କେହି ଗାଏବ ହେଲେ ପୁଲିସ ତାହାର ଯାଞ୍ଚ କରେନି।

## ବିହାରରେ ୩ ଲକ୍ଷ ସନ୍ଦିଗ୍ଧ ଭୋଟରଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୨୯।୮(ଏଜେନ୍ସି): ବିହାର ୩ ଲକ୍ଷ ଭୋଟରଙ୍କୁ ନିର୍ବାଚନ କମିଶନ ନୋଟିସ ଜାରି କରିଛନ୍ତି। ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ୍ (ଏସ୍‌ଆଇଆର) ସମୟରେ ବହୁ ଅନିୟମିତତା ହୋଇଥିବା କମିଶନ ଜାଣିବାକୁ ପାଇଛନ୍ତି। ୩ ଲକ୍ଷ ଭୋଟର ନିଜର ଆବଶ୍ୟକୀୟ କାଗଜପତ୍ର ଜମା କରିନାହାନ୍ତି। ଫଳରେ ଏମାନଙ୍କୁ ନିଜର ନାଗରିକତା ଦେଖାଇବାକୁ ଅର୍ଥାତ ପ୍ରମାଣ କରିବାକୁ କମିଶନ କହିଛନ୍ତି ଓ ଏଥିପାଇଁ ନୋଟିସ ଜାରି କରାଯାଇଛି ବୋଲି କୁହାଯାଇଛି। ନାଗରିକତା ନ ଦେଖାଇପାରିଲେ ମତଦାତା ସୂଚୀରୁ ସେମାନଙ୍କ ନାମ କାଟିଦିଆଯିବ। କିଶନଗଞ୍ଜ, ପୂର୍ଣ୍ଣିଆ, ଅରରିଆ, ସହରସା, ମଧୁବନୀ ଓ ଚମ୍ପାରଣ ଭୋଟରମାନଙ୍କୁ ଏହି ନୋଟିସ ଜାରି କରାଯାଇଛି। ବୁଥ୍‌ସ୍ତରର ଅଧିକାରୀମାନେ ଘରଘର ବୁଲି ସର୍ଭେକ୍ଷଣ କରିବା ଅବସରରେ ନେପାଳ, ବାଂଲାଦେଶ, ଆଫଗାନିସ୍ତାନ, ମିଆଁମାରର ନାଗରିକମାନେ ବହୁସଂଖ୍ୟାରେ ଦେଖିବାକୁ ମିଳିଥିଲେ ବୋଲି ନିର୍ବାଚନ କମିଶନର ଅଧିକାରୀମାନେ କହିଛନ୍ତି। ଏହି ବିଦେଶୀ ନାଗରିକଙ୍କ ପାଖରୁ ଆଧାର, ବାସସ୍ଥାନ ପ୍ରମାଣପତ୍ର ଓ ରାସନକାର୍ଡ ମିଳିଥିଲା। ନକଲି କାଗଜପତ୍ର ଦେଖାଇ ଏମାନେ ପରିଚୟପତ୍ର ହାସଲ କରିଛନ୍ତି। ଏଭଳି ସ୍ଥିତିରେ ପଚରାଉଚରା ପରେ ଏମାନଙ୍କୁ ନୋଟିସ ଜାରି କରାଯାଇଛି। ଆଗାମୀ ୭ ଦିନ ମଧ୍ୟରେ ଏହି ଭୋଟରମାନଙ୍କୁ ଅଧିକାରୀଙ୍କ ନିକଟରେ ଉପସ୍ଥିତ ରହି ନିଜର ରେକର୍ଡ ସ୍ପଷ୍ଟ କରିବାକୁ କୁହାଯାଇଛି। ଅଗଷ୍ଟ ୧ରୁ ୩୦ ମଧ୍ୟରେ ଯେଉଁମାନେ ଅଯୋଗ୍ୟ ବିବେଚିତ ହେବେ ସେମାନଙ୍କ ନାମ ଅନ୍ତିମ ତାଲିକାରୁ କାଟି ଦିଆଯିବ ବୋଲି କୁହାଯାଇଛି।

## ଇସ୍ରାଏଲ୍ ଆକ୍ରମଣରେ ହୁତି ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ସେନା ମୁଖ୍ୟ ମୃତ

ତେଲ ଅଭିଭ୍, ୨୯।୮(ଏଜେନ୍ସି): ମଧ୍ୟପ୍ରାଚ୍ୟ ଦେଶ ୟେମେନ ରାଜଧାନୀ ସନ୍ନାରେ ରହୁଥିବା ହୁତି ବିଦ୍ରୋହୀଙ୍କ ଉପରେ ଇସ୍ରାଏଲ୍ ଗୁରୁବାର ବଡ଼ ଧରଣର ଆକ୍ରମଣ କରିଛି ଓ ଏହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି। ଏହି ଆକ୍ରମଣରେ ହୁତିର ସେନା ଓ ରାଜନୈତିକ ନେତୃବୃନ୍ଦ ବଡ଼ ଧରଣର କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏହି ଆକ୍ରମଣରେ ହୁତି ପ୍ରଧାନମନ୍ତ୍ରୀ ଘାଲିବ ଅଲ-ରାହଓ୍ୱି, ପ୍ରତିରକ୍ଷା ମନ୍ତ୍ରୀ ମହମ୍ମଦ ନାସେର ଅଲ- ଅଟ୍ଟାଫି ଓ ସେନା ମୁଖ୍ୟ ପ୍ରାଣ ହରାଇଛନ୍ତି। ତେବେ ଇସ୍ରାଏଲ ତରଫରୁ ଏ ନେଇ କୌଣସି ସୂଚନା ଦିଆଯାଇନାହିଁ। ଇସ୍ରାଏଲ ୧୦ ଜଣ ହୁତି ମନ୍ତ୍ରୀଙ୍କୁ ଲକ୍ଷ୍ୟ କରି ଏହି ଆକ୍ରମଣ କରିଥିଲା। ଏହି ମନ୍ତ୍ରୀମାନେ ଏକ ରାଜଧାନୀ ବାହାରେ ଏକ ଜଣେ ଗ୍ରୁପ୍ ଲିଡରଙ୍କ ଭାଷଣ ଶୁଣିବାକୁ ଏକାଠି ହୋଇଥିଲେ।

## ପୂର୍ବତନ ବିଜେପି ବିଧାୟକ, ଆଇପିଏସଙ୍କୁ ଆଜୀବନ ଜେଲ୍

ଅହମଦାବାଦ, ୨୯।୮ (ଏଜେନ୍ସି): ସାତ ବର୍ଷ ତଳର ବିଟ୍‌କଏନ ଲୁଟ୍ ଏବଂ ଅପହରଣ ମାମଲାରେ ଅହମଦାବାଦ ସିଟି ସେସନ୍ସ କୋର୍ଟଙ୍କ ଏସିବି ଅଦାଲତ ଶୁକ୍ରବାର ବଡ଼ ରାୟ ଦେଇଛନ୍ତି। ବିଜେପିର ପୂର୍ବତନ ବିଧାୟକ ନଳିନ କୋଟଡିଆ, ଅମରେଲିର ପୂର୍ବତନ ଏସ୍‌ପି ଜଗଦୀଶ ପଟେଲ, ପୂର୍ବତନ ଇନ୍ସପେକ୍ଟର ଅନନ୍ତ ପଟେଲଙ୍କ ସମେତ ୧୪ ଅଭିଯୁକ୍ତଙ୍କ ଆଜୀବନ ଜେଲଦଣ୍ଡ ଶୁଣାଇଛନ୍ତି। ଏହି ମାମଲା ୨୦୧୮ ର। ସେତେବେଳେ ସୁରଟର ବିଲ୍ଡର ଶୈଳେଶ ଭଟ୍ଟ ଅଭିଯୋଗ କରିଥିଲେ ଯେ ଅମରେଲି ଜିଲ୍ଲାର କିଛି ପୁଲିସ ଅଧିକାରୀ ତାଙ୍କୁ ଅଜ୍ଞାତ ସ୍ଥାନକୁ ନେଇ ବନ୍ଦୀ ବନାଇ ଥିଲେ। ଏହା ପରେ ପୁଲିସ ଅଧିକାରୀ ଡରାଇ ଧମକାଇ ୧୨ କୋଟି ଟଙ୍କାର ବିଟ୍‌କଏନକୁ ନିଜ ଖାତାକୁ ନେଇ ଯାଇଥିଲେ। ଏହି ଷଡ଼ଯନ୍ତ୍ରରେ ବିଜେପିର ପୂର୍ବତନ ବିଧାୟକ ନଳୀନ କୋଟାଡିଆ ସାମିଲ ଥିଲେ। ପରେ ନିଜ ସହଯୋଗୀ କିରୀଟି ପଲାଡିଆ ପୁଲିସ ସହ ମିଶିଥିବା ସେ ଅଭିଯୋଗ କରିଥିଲେ। ସିଆଇଡି ଯାଞ୍ଚରୁ ମାମଲା ସତ୍ୟ ସାବ୍ୟସ୍ତ ହୋଇଥିଲା। ୨୦୧୮ରେ ଏହି ମାମଲାରେ ଏସ୍‌ପି ସମେତ ଅନେକ ପୁଲିସ ଅଧିକାରୀ ଗିରଫ ହୋଇଥିଲେ।

## ସହମତିରେ ଶାରୀରିକ ସମ୍ପର୍କ ଦୁଷ୍କର୍ମ ନୁହଁ: କୋର୍ଟ

ସୁରତ, ୨୯।୮(ଏଜେନ୍ସି): ବିବାହ ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବା ପରେ ବିବାହ କରିବାକୁ ମନା କରିବା ଦୁଷ୍କର୍ମ ନୁହଁ ବୋଲି ସୁରତର ଏକ ସେସନ କୋର୍ଟ କହିଛନ୍ତି। ଗୁରୁବାର ହୋଇଥିବା ଏକ ଶୁଣାଣି ଅବସରରେ କୋର୍ଟ ଏହିକ୍ରମରେ ଜଣେ ଅଭିଯୁକ୍ତଙ୍କୁ ଖଲାସ କରିଛନ୍ତି। ଏହି ମାମଲାରେ ପୀଡିତା ଜଣକ ବିନା କୌଣସି ଚାପରେ ହୋଟେଲ ଓ ରେସ୍ତୋରାଁ ନିଜର ପରିଚୟ ପତ୍ର ଦେଇଥିଲେ। ତେଣୁ ଏଥିପାଇଁ ତାଙ୍କ ଉପରେ କୌଣସି ଜୋର ଜବରଦସ୍ତି କରାଯାଇନାହିଁ। ପୁଣି ଯେତେବେଳେ ଯୁବକଙ୍କ ସହ ବିବାହ ସମ୍ଭବ ନୁହଁ ବୋଲି ଜାଣିଥିଲେ ମଧ୍ୟ ପୀଡିତାଜଣକ ତାଙ୍କ ସହ ଶାରିରୀକ ସମ୍ପର୍କ ରଖିଥିଲେ।

### ରାହୁଲଙ୍କ ଯାତ୍ରାରେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କୁ ଗାଳି ଅଭିଯୋଗ

# ବିଜେପି-କଂଗ୍ରେସ କର୍ମୀ ମୁହାଁମୁହିଁ; ଚାଲିଲା ଠେଙ୍ଗାବାଡ଼ି

ପାଟନା, ୨୯।୮ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାରରେ ରାଜନୈତିକ ଲଢ଼େଇ ଆରମ୍ଭ ହୋଇଛି। ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ 'ଭୋଟର ଅଧିକାର ଯାତ୍ରା' ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ଙ୍କୁ ଗାଳିଦେବାକୁ ନେଇ ଲଙ୍କାକାଣ୍ଡ ଘଟିଛି। ଏହାକୁ ନେଇ ଶୁକ୍ରବାର ପାଟନାରେ ବିଜେପି ଏବଂ କଂଗ୍ରେସ କର୍ମୀ ମୁହାଁମୁହିଁ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ସକାଳେ ବିଜେପି କର୍ମୀ ବିକ୍ଷୋଭ ପାଇଁ କଂଗ୍ରେସ ଅଫିସ ସାମନାରେ ପହଞ୍ଚି ଥିଲେ। ଏଠାରେ ସେମାନେ ରାହୁଲଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କିନ୍ତୁ କଂଗ୍ରେସ କର୍ମୀ ଏହାକୁ ସହ୍ୟ କରିପାରି ନ ଥିଲେ। ପରେ ସେମାନେ ମଧ୍ୟ ବିଜେପି ବିରୋଧରେ ସ୍ଲୋଗାନ ଦେଇଥିଲେ। ଦେଖୁ ଦେଖୁ ଏହି ବିକ୍ଷୋଭ ଗଣ୍ଡଗୋଳର ରୂପ ନେଇଥିଲା। ଉଭୟ ଦଳର କର୍ମୀ ବାଡିଆପିଟା ହୋଇଥିଲେ। ଠେଙ୍ଗାବାଡ଼ି ଚାଲିଥିଲା। ପରସ୍ପର ଉପରକୁ ଇଟା ପଥର ମାଡ଼ ମଧ୍ୟ କରାଯାଇଥିଲା। ଅନେକ ଗାଡ଼ିକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଏହା ଦେଖି ପୁଲିସ ବିଜେପି କର୍ମୀଙ୍କୁ ସେଠାରୁ ହଟାଇ ଦେଇଥିଲା। କିନ୍ତୁ ଏତିକିରେ ମାମଲା ଶାନ୍ତ ପଡ଼ି ନ ଥିଲା। ଏହା ପରେ କଂଗ୍ରେସ କର୍ମୀ ରାସ୍ତା ଉପରେ ବସି ବିକ୍ଷୋଭ ଆରମ୍ଭ କରିଦେଇଥିଲେ। ଏଥିଯୋଗୁଁ ଟ୍ରାଫିକ ଜାମ୍ ହୋଇଥିଲା। ଏହା ଦେଖି ପୁଲିସ ମାତ୍ର ୩୦ ମିନିଟ ଭିତରେ କଂଗ୍ରେସ କର୍ମୀଙ୍କୁ ହଟାଇ ଦେଇଥିଲା।

ମୁଜାଫରପୁରରେ ମଧ୍ୟ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ଏହି ସମୟରେ କଂଗ୍ରେସ ଏବଂ ଇଣ୍ଡିଆ ମେଣ୍ଟର ନେତାଙ୍କ ବିରୋଧରେ ବିଜେପି କର୍ମୀ ସ୍ଲୋଗାନ ଦେଇଥିଲେ। ସେହିପରି ଆରାରେ ମଧ୍ୟ ବିଜେପି ଏବଂ କଂଗ୍ରେସ କର୍ମୀ ଧସ୍ତାଧସ୍ତି ହୋଇଥିଲେ। ରାହୁଲ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି ସମୟରେ କଂଗ୍ରେସ କର୍ମୀ ପହଞ୍ଚି ଯିବାରୁ ସ୍ଥିତି ବିଗିଡି ଯାଇଥିଲା। କଂଗ୍ରେସ କର୍ମୀ ବିକ୍ଷୋଭ କରି ବିଜେପି ଏବଂ ସରକାର ବିରୋଧରେ ସ୍ଲୋଗାନ ଦେଇଥିଲେ। ଏହାକୁ ନେଇ ବିଜେପି ନେତା ନାରାୟଣ ମେହଟା ପାଟଳିପୁତ୍ର ଥାନରେ ଅଭିଯୋଗ ଦାଏର କରିଛନ୍ତି। କଂଗ୍ରେସ ପକ୍ଷରୁ ଠେଙ୍ଗାବାଡ଼ି, ଇଟାପଥର ମାଡ଼କରି ଆତ୍ମଘାତୀ ଆକ୍ରମଣ କରାଯାଇଥିବା ଅଭିଯୋଗ କରିଛନ୍ତି। ଏହି ମାମଲାକୁ

### ମୁଜାଫରପୁର, ଆରାରେ ମଧ୍ୟ ସଂଘର୍ଷ

### ଗାଳି ଦେଇଥିବା ଅଭିଯୁକ୍ତ ଗିରଫ



ନେଇ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କଂଗ୍ରେସକୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ରାହୁଲଙ୍କ ଯାତ୍ରାରେ ପ୍ରଧାନମନ୍ତ୍ରୀଙ୍କ ମାଆଙ୍କ ପ୍ରତି ଖରାପ ଶବ୍ଦ ବ୍ୟବହାର କରି କଂଗ୍ରେସ ସବୁଠାରୁ ହୀନ କାମ କରିଛି। ରାହୁଲ ଯେଉଁ ଭଳି ରାଜନୀତି ଆରମ୍ଭ କରିଛନ୍ତି ତାହା ସାର୍ବଜନୀନ ଜୀବନକୁ ଶିଖରରେ ପହଞ୍ଚାଇବ ନାହିଁ। ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ଦିନଠାରୁ ସୋନିଆ, ରାହୁଲ, ମଣିଶଙ୍କର ଆୟର ଏଭଳି ଘୃଣିତ ମନ୍ତବ୍ୟ ଦେଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଯେତେ ଗାଳିଦେବେ ସେତେ ପଦ୍ମ ଫୁଟିବ ବୋଲି ଶାହା କହିଛନ୍ତି। ସେହିପରି ରାହୁଲ ଗାନ୍ଧୀ କହିଛନ୍ତି ଯେ ସତ୍ୟ ଏବଂ ଅହିଂସା ଆଗରେ ହିଂସା ରହିପାରିବ ନାହିଁ। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହାକୁ ଅଶୋଭନୀୟ କହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି।

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ସୀମାରେ କାନ୍ଥ ନିର୍ମାଣ କରିବ କି

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ବେଆଇନ ଅନୁପ୍ରବେଶକାରୀଙ୍କୁ ରୋକିବାକୁ ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଆମେରିକା ଭଳି ଭାରତ ସୀମାରେ କାନ୍ଥ ନିର୍ମାଣ କରିବାକୁ ଯୋଜନା କରୁଛି କି ବୋଲି ପଚାରିଛନ୍ତି। ପଶ୍ଚିମବଙ୍ଗର ମାଇଗ୍ରାଣ୍ଟ ୱେଲଫେୟାର ବୋର୍ଡର ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ ପାଞ୍ଚୋଲିଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ କରିଥିଲେ। ଖଣ୍ଡପୀଠ କହିଥିଲେ ଯେ ପଶ୍ଚିମବଙ୍ଗ ଏବଂ ପଞ୍ଜାବ ଲୋକଙ୍କ ସଂସ୍କୃତି ଓ ଭାଷା ପଡ଼ୋଶୀ ଦେଶ ସହ ମିଶୁଛି। ସେମାନଙ୍କ ଭାଷା ସମାନ, କିନ୍ତୁ ସୀମା ଲୋକଙ୍କୁ ଅଲଗା କରିଦେଉଛି। ଆବେଦନରେ କୁହାଯାଇଥିଲା ଯେ ବଙ୍ଗଳା ଭାଷା କହୁଥିବା ପ୍ରବାସୀ ଶ୍ରମିକଙ୍କୁ ବେଆଇନ ଭାବେ ଗିରଫ କରାଯାଉଛି। ସରକାର ତାଙ୍କ ଉପରେ ବାଂଲାଦେଶ ଯିବାକୁ ଚାପ ପକାଉଛନ୍ତି।

ସରକାରଙ୍କ ପକ୍ଷ ରଖି ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ବୋର୍ଡ ଦାବି ଅସ୍ପଷ୍ଟ ରହିଛି। କିଛି ରାଜ୍ୟ ସରକାର ବେଆଇନ ପ୍ରବାସୀଙ୍କ ଉପରେ ନିର୍ଭର କରୁଛନ୍ତି। ବେଆଇନ ପ୍ରବାସୀଙ୍କ ଯୋଗୁଁ ଜନସଂଖ୍ୟା ବଦଳୁଛି। ତେଣୁ ରୋହିଙ୍ଗ୍ୟା ମାମଲା ସହ ଏହାର ଶୁଣାଣି କରାଯାଉ। ଶେଷରେ ସୁପ୍ରିମକୋର୍ଟ କହିଥିଲେ ଯେ ଏହା ଏକ ଅଲଗା ମାମଲା। ହାଇକୋର୍ଟଙ୍କୁ ଏହାର ଶୁଣାଣି କରି ଉଚିତ ନିର୍ଦ୍ଦେଶ ଦେବାକୁ କୁହାଯିବ। ବେଆଇନ ପ୍ରବାସୀ ବିଶେଷ କରି ବାଂଲାଦେଶୀଙ୍କୁ ନିଜ ଦେଶକୁ ପଠାଇବା ପାଇଁ ଆପଣା ଯାଇଥିବା ଏସ୍‌ଓପି ବିଷୟରେ ଅବଗତ କରାଇବାକୁ କୋର୍ଟ କେନ୍ଦ୍ରକୁ କହିଥିଲେ। ସୁପ୍ରିମକୋର୍ଟ କହିଥିଲେ ଯେ ବେଆଇନ ପ୍ରବାସୀଙ୍କ ସଂଖ୍ୟା ବୃଦ୍ଧି ଦ୍ୱାରା ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଛି। ସୀମିତ ସମ୍ବଳ ଉପରେ ବେଆଇନ ପ୍ରବାସୀ ଚାପ ପକାଇପାରନ୍ତି, ତେଣୁ ଏହା ଉପରେ ନିୟନ୍ତ୍ରଣ ଜରୁରୀ। ପଶ୍ଚିମବଙ୍ଗ, ପଞ୍ଜାବର ଭାଷା ଏକା ଭଳି। ତେଣୁ ଭାଷା ଆଧାରରେ କାହାକୁ ବିଦେଶୀ ଭାବିବା ଭୁଲ। ବେଆଇନ ପ୍ରବାସୀଙ୍କ ପାଇଁ ଅଲଗା ଉପାୟ ଅବଲମ୍ବନ କରାଯିବା ଉଚିତ। କେବଳ ଗଣମାଧ୍ୟମ ରିପୋର୍ଟ କିମ୍ବା ଖାଲି ଅଭିଯୋଗ ଆଧାରରେ କାର୍ଯ୍ୟାନୁଷ୍ଠାନ ନ ହେବା ଉଚିତ।

### ପ୍ରଧାନମନ୍ତ୍ରୀ ମୋଦୀ ଓ ଇସିବାଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷର

## ଜାପାନ ରକେଟରେ ଲଞ୍ଚ ହେବ ଚନ୍ଦ୍ରଯାନ-୫

ଟୋକିଓ, ୨୯।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଜାପାନ ଗସ୍ତରେ ଯାଇ ଶୁକ୍ରବାର ଟୋକିଓରେ ପହଞ୍ଚିଛନ୍ତି। ସେ ଏଠାରେ ଆୟୋଜିତ ଭାରତ-ଜାପାନ ସମ୍ମିଳନୀରେ ସାମିଲ ହୋଇଛନ୍ତି। ଏଥିରେ ମୋଦୀ ଏବଂ ତାଙ୍କ ଜାପାନୀ ସମକକ୍ଷ ସିଗେରୁ ଇସିବାଙ୍କ ଉପସ୍ଥିତିରେ ଚନ୍ଦ୍ରଯାନ-୫କୁ ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ହୋଇଛି। ଚନ୍ଦ୍ରଯାନ-୫ ପାଇଁ ଦୁଇ ଦେଶର ମହାକାଶ ଏଜେନ୍ସି ଭାରତର ଇସ୍ରୋ ଏବଂ ଜାପାନର ଜାକ୍ସା ମିଳିତ ଭାବେ କାର୍ଯ୍ୟ କରିବେ। ଉଭୟ ଦେଶ ଚନ୍ଦ୍ରର ଦକ୍ଷିଣ ମେରୁ ଉପରେ ଅଧ୍ୟୟନ କରିବେ। ଅନ୍ୟପକ୍ଷରେ ମୋଦୀ ଆଗାମୀ ସମ୍ମିଳନୀ ପାଇଁ ଭାରତ ଆସିବାକୁ ଇସିବାଙ୍କୁ ଆମନ୍ତ୍ରଣ କରିଛନ୍ତି। ମୋଦୀ କହିଛନ୍ତି



ଯେ ଦୁଇ ଦେଶର ସମ୍ବନ୍ଧ ମୁଖ୍ୟ ଆଧାର ହେଉଛି ଭରସା। ଉଭୟ ଦେଶର ଜନସାଧାରଣ, ବିଶ୍ୱରେ ଶାନ୍ତି, ପ୍ରଗତି ଏବଂ ସମୃଦ୍ଧିର ସ୍ୱପ୍ନକୁ ନେଇ ଆଗକୁ ବଢିବେ। ଆଗାମୀ ଦଶନ୍ଧି ପାଇଁ ଆମେ ଏକ ମାର୍ଗଦର୍ଶିକା ମଧ୍ୟ ପ୍ରସ୍ତୁତ କରିଛୁ।

ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଷ୍ଟମ ଜାପାନ ଗସ୍ତ। ସେ ଟୋକିଓରେ ପହଞ୍ଚିବା ପରେ ସ୍ଥାନୀୟ କଳାକାର ଗାୟତ୍ରୀ ମନ୍ତ୍ର ଗାନ କରି ତାଙ୍କ ସ୍ୱାଗତ କରିଥିଲେ। ଏହି ସମୟରେ ମୋଦୀ ପ୍ରବାସୀ ଭାରତୀୟଙ୍କୁ ମଧ୍ୟ ଭେଟିଥିଲେ। ପରେ ଏକ ସମ୍ମିଳନୀକୁ ସମ୍ବୋଧନ କରି ଭାରତ ଉପରେ ସାରା ବିଶ୍ୱର ଭରସା ବୋଲି କହିଥିଲେ। ପରେ ଭାରତ ଏବଂ ଜାପାନ ମଧ୍ୟରେ ୭ଟି ପ୍ରମୁଖ ଚୁକ୍ତି ସ୍ୱାକ୍ଷର ହୋଇଥିଲା ଏବଂ ୧୫୦ଟି ଏମଓୟୁ ଘୋଷଣା ହୋଇଥିଲା। ଏହା ମଧ୍ୟରେ ପ୍ରତିରକ୍ଷା ଜ୍ଞାନକୌଶଳ ସେୟାର ଏବଂ ଅସ୍ତ୍ରଶସ୍ତ୍ରର ମିଳିତ ଉତ୍ପାଦନର ସମ୍ଭାବନା ଦିଗରେ କାର୍ଯ୍ୟ କରିବା, ଦୁଇ ଦେଶ ମଧ୍ୟରେ ଜାହାଜ ଚଳାଚଳ ବୃଦ୍ଧି ଏବଂ ସମୁଦ୍ରରେ ଡକାୟତଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବା ଆଦି ସାମିଲ ରହିଛି।

● ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସଂଶୟ ବଢ଼ିଲା

## ରାଷ୍ଟ୍ରପତି ହେବାକୁ ଜେଡି ଭାନ୍ସ ପ୍ରସ୍ତୁତ

ନ୍ୟୁୟର୍କ, ୨୯।୮(ଏଜେନ୍ସି): ଶୁଳ୍କ ଧମକ ଦେଇ ସାରା ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସଂଶୟ ଲାଗି ରହିଛି। ସେ ୨୦୨୮ ପର୍ଯ୍ୟନ୍ତ ପଦରେ ରହିପାରିବେ କି ନାହିଁ ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏପରି ସମୟରେ ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏହି ସଂଶୟକୁ ଅଧିକ ବଢ଼ାଇ ଦେଇଛନ୍ତି। ରାଷ୍ଟ୍ରପତିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଭିନ୍ନ ଭିନ୍ନ କଥା ଶୁଣିବାକୁ ମିଳୁଛି। ଯଦି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କିଛି ଅଘଟଣ ଘଟେ ତେବେ ଏଭଳି ସ୍ଥିତିରେ କିଏ ହେବ ରାଷ୍ଟ୍ରପତି ବୋଲି ପ୍ରଶ୍ନ ଉଠୁଛି। କିନ୍ତୁ ଟ୍ରମ୍ପଙ୍କ ଅନୁଗତ ଭାନ୍ସ ଏହାର ଉତ୍ତର ଦେଇଛନ୍ତି। ଯଦି ଟ୍ରମ୍ପଙ୍କ ସହ କୌଣସି ଅଘଟଣ ଘଟେ ତେବେ ଭାନ୍ସ ରାଷ୍ଟ୍ରପତି ପଦ ସମ୍ଭାଳିବେ। ୟୁଏସ୍ ଟୁଡେକୁ ସାକ୍ଷାତକାର ଦେଇ ନିଜେ ଭାନ୍ସ ଏହା କହିଛନ୍ତି। ସେ ଏଭଳି ସ୍ଥିତିରେ ଏହି



ଗୁରୁଦାୟିତ୍ୱ ସମ୍ଭାଳିବାକୁ ପ୍ରସ୍ତୁତ ଥିବା ଉଲ୍ଲେଖ କରିଛନ୍ତି। ତେବେ ଟ୍ରମ୍ପ ନିଜ ୪ ବର୍ଷର କାର୍ଯ୍ୟକାଳ ନିର୍ବାହ କରିବାକୁ ଏବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଅଛନ୍ତି ବୋଲି ଭାନ୍ସ କହିଛନ୍ତି।

ଟ୍ରମ୍ପଙ୍କ ସ୍ୱାସ୍ଥ୍ୟକୁ ନେଇ ଆଲୋଚନା ଓ ଅଟକଳ ଚାଲିଥିବା ବେଳେ ଭାନ୍ସ ଏଭଳି ମନ୍ତବ୍ୟ ଦେଇ ଆଲୋଡ଼ନ ସୃଷ୍ଟି କରିଛନ୍ତି। ନିକଟରେ ଦକ୍ଷିଣ କୋରିଆର ରାଷ୍ଟ୍ରପତି ଲି ଜେ ମ୍ୟୁଙ୍ଗଙ୍କ ସହ ସାକ୍ଷାତ କଲା ବେଳେ ଟ୍ରମ୍ପଙ୍କ ହାତରେ ଏକ ବଡ଼ ନୀଳ କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ପ୍ରଥମେ ଜୁଲାଇରେ ଏହି କ୍ଷତି ଚିହ୍ନ ଦେଖିବାକୁ ମିଳିଥିଲା। ଏ ନେଇ ହ୍ୱାଇଟ୍ ହାଉସ୍ କିଛି ଲୁଚାଇବାକୁ ପ୍ରୟାସ କରୁଥିବାରୁ ଅନୁମାନ କରାଯାଉଛି। ଟ୍ରମ୍ପ ଗତ ଜାନୁଆରୀରେ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଥିଲେ। ସେ ୭୮ ବର୍ଷ ୭ ମାସ ବୟସରେ ଆମେରିକା ଇତିହାସର ସବୁଠାରୁ ବୟସ୍କ ରାଷ୍ଟ୍ରପତି ବିବେଚିତ ହୋଇଥିଲେ। ଟ୍ରମ୍ପ ଜନତାଙ୍କର ନେତା। ସେ ଅନ୍ୟ ଦେଶର ରାଷ୍ଟ୍ରପତିଙ୍କ ତୁଳନାରେ ଲୋକଙ୍କ ସହ ଅଧିକ ମିଳାମିଶା କରୁଛନ୍ତି ଓ ସେମାନଙ୍କ ସହ ହାତ ମିଳାଉଛନ୍ତି ବୋଲି ହ୍ୱାଇଟ୍ ହାଉସ ତରଫରୁ କୁହାଯାଇଛି। ଏହି କାରଣ ଯୋଗୁଁ ତାଙ୍କ ହାତରେ କ୍ଷତ ଚିହ୍ନ ଦେଖିବାକୁ ମିଳିଛି। କିନ୍ତୁ ଭାନ୍ସ କୌଣସି ପ୍ରକାର ଅଘଟଣକୁ ଖଣ୍ଡନ କରିଛନ୍ତି। ଟ୍ରମ୍ପ ଏବେ ମଧ୍ୟ ପୂର୍ବପରି ପୂରା ଦମ୍‌ରେ କାର୍ଯ୍ୟ କରୁଛନ୍ତି ବୋଲି ଭାନ୍ସ କହିଛନ୍ତି।

# ରୁଷ୍ ଆକ୍ରମଣରେ ବୁଡ଼ିଲା ୟୁକ୍ରେନର ସବୁଠୁ ବଡ଼ ଜାହାଜ

ମସ୍କୋ, ୨୯।୮(ଏଜେନ୍ସି): ରୁଷିଆ ପୁଣି ୟୁକ୍ରେନ ଉପରେ ବଡ଼ଧରଣର ଆକ୍ରମଣ କରିଛି। ରୁଷର ଡ୍ରୋନ୍ ଆକ୍ରମଣରେ ୟୁକ୍ରେନ ନୌସେନାର ସବୁଠାରୁ ବଡ଼ ଜାହାଜ 'ସିମଫେରୋପୋଲ' ବୁଡିଯାଇଛି। ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଗତ ୧୦ ବର୍ଷ ହେବ ଏହା ୟୁକ୍ରେନର ସବୁଠାରୁ ବଡ଼ ଜାହଜ ଥିଲା। ଏହା ଏକ ଲାଗୁନ କ୍ଲାସ ଅର୍ଥାତ ଉପକୂଳବର୍ତ୍ତୀ ଅଞ୍ଚଳର ଜାହାଜ ଥିଲା। ଗୁଇନ୍ଦା କାର୍ଯ୍ୟ ପାଇଁ ଏହାକୁ ନିର୍ମାଣ କରାଯାଇଥିଲା। ୟୁକ୍ରେନର ଓଡେସା ଅଞ୍ଚଳରେ ଥିବା ଡାନ୍ୟୁବ ନଦୀରେ ପ୍ରଥମଥର ପାଇଁ ରୁଷିଆ ସାମୁଦ୍ରିକ ଡ୍ରୋନ ଆକ୍ରମଣ କରି ଏହି ଜାହାଜକୁ ବୁଡାଇବାକୁ ସକ୍ଷମ ହୋଇଛି। ଏଥିସହ ଏହି ଯୁଦ୍ଧରେ ରୁଷିଆ ଏକ ବଡ଼ଧରଣର ସଫଳତା ହାସଲ କରିଛି ବୋଲି କୁହାଯାଉଛି।

୨୦୨୧ରେ ୟୁକ୍ରେନ ନୌସେନାରେ 'ସିମଫେରୋପୁଲ' ଜାହାଜକୁ ସାମିଲ କରାଯାଇଥିଲା। ୨୦୧୪ରେ ପରେ ୟୁକ୍ରେନ ଏଥିସହ ତା'ର ସର୍ବବୃହତ ଜାହଜକୁ ଲଞ୍ଚ୍ କରିଥିଲା। ଏହି ଆକ୍ରମଣରେ

### ପ୍ରଥମଥର ସାମୁଦ୍ରିକ ଡ୍ରୋନ୍‌ର ବ୍ୟବହାର

ଜଣେ କ୍ରୁ ସଦସ୍ୟ ମୃତ୍ୟୁବରଣ କରିଥିବା ବେଳେ ଏକାଧିକ ଲୋକ ଆହତ ହୋଇଛନ୍ତି। ଜାହଜ ବୁଡି ଯାଇଥିଲେ ମଧ୍ୟ ଅଧିକାଂଶ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି ବୋଲି ୟୁକ୍ରେନ ନୌସେନାର ମୁଖପାତ୍ର ଡିମିତ୍ରୋ ପ୍ଲେଟେନଚୁକ୍ କହିଛନ୍ତି। ତେବେ ନିଖୋଜ ହୋଇଥିବା କେତେଜଣଙ୍କୁ ଉଦ୍ଧାର କରିବାକୁ ପ୍ରୟାସ ଜାରି ରହିଛି। ଏହି ମଧ୍ୟମ ଆକାରର



ଜାହାଜ ରେଡିଓ, ଇଲେକ୍‌ଟ୍ରୋନିକ, ରାଡାର ଓ ଅପଟିକାଲ ରିଜୋନାନ୍ସ ପାଇଁ ପ୍ରସ୍ତୁତ କରାଯାଇଥିଲା ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ରୁଷ୍‌ର ଏହି ଆକ୍ରମଣକୁ ୟୁକ୍ରେନ ସ୍ୱୀକାର କରିଛି। ରୁଷିଆ ଗତକିଛି ମାସ ମଧ୍ୟରେ ସାମୁଦ୍ରିକ ଡ୍ରୋନ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି। ଉଲ୍ଲେଖଥାଉ କି, ୟୁକ୍ରେନ ମଧ୍ୟ ଅତୀତରେ ରୁଷିଆର ନୌ ଜାହାଜକୁ ଲକ୍ଷ୍ୟ କରି ଏକାଧିକ ଆକ୍ରମଣ କରି ସଫଳତା ହାସଲ କରିଥିଲା। ପୂର୍ବରୁ ଗୁରୁବାର ରୁଷିଆ ୟୁକ୍ରେନ ରାଜଧାନୀ କିଭ୍ ଉପରେ ବଡ଼ ଧରଣର ଆକ୍ରମଣ କରିଥିଲା। ଏଥିରେ ୧୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୪୮ ଜଣ ଆହତ ହୋଇଥିଲେ। ଏହି ଆକ୍ରମଣରେ ରୁଷିଆ ୫୯୮ ଡ୍ରୋନ୍ ଓ ୩୧ ମିସାଇଲ ମାଡ଼ କରିଥିଲା। ୟୁକ୍ରେନର ସବୁ ଠିକଣା ଉପରେ ସଠିକ୍ ଆକ୍ରମଣ କରାଯାଇଛି ବୋଲି ରୁଷିଆ ତରଫରୁ କୁହାଯାଇଛି।

## ପାଖାପାଖି ଜଳିଲା ଜେଜେ-ନାତୁଣୀଙ୍କ ଜୁଇ

**■ ସାପ କାମୁଡ଼ାରେ ନାତୁଣୀ ମୃତ**
**■ ଖବର ଶୁଣି ଜେଜେଙ୍କୁ ହୃଦ୍‌ଘାତ**

ବାଲିଚନ୍ଦ୍ରପୁର, ୨୯।୮(ସମିସ): ଯାଜପୁର ଜିଲ୍ଲା ତଥା ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତ ଗୋବଣ୍ଡିଆ ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ସାପ କାମୁଡ଼ାରେ ନାତୁଣୀର ମୃତ୍ୟୁ ଖବର ଶୁଣି ହୃଦ୍‌ଘାତରେ ଚାଲିଗଲା ଜେଜେଙ୍କ ଜୀବନ। ମୃତକଦ୍ୱୟ ହେଲେ, ଗ୍ରାମର ବାବାଜୀ ପରମାଣିକ(୭୫) ଓ ତାଙ୍କ ନାତୁଣୀ ଅଙ୍କିତା ପ୍ରିୟଦର୍ଶିନୀ(୧୫)। ଆଜି ଗାଁ ମଶାଣିରେ ପାଖାପାଖି ଦୁହିଁଙ୍କ ଜୁଇ ଜଳିଛି।

ସୂଚନା ମୁତାବକ, ଏହି ଅଙ୍କିତା ଦଶମ ଶ୍ରେଣୀରେ ପାଠ ପଢ଼େ। ଗତ ରାତିରେ ସେ ଘରେ ଶୋଇଥିବା ବେଳେ ଏକ ବିଷଧର ସାପ ତାକୁ କାମୁଡ଼ି ଦେଇଥିଲା। ବିଳମ୍ବିତ ରାତିରେ ଅଙ୍କିତା ଏହା ଜାଣିବା ପରେ ପରିବାରଲୋକଙ୍କୁ ଜଣାଇଥିଲା। ତାକୁ ଚିକିତ୍ସା ଲାଗି ପରିବାରଲୋକ ମାହାଙ୍ଗା ମେଡ଼ିକାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଙ୍କିତାର ମୃତ୍ୟୁ ହୋଇଯାଇଥିଲା। ବ୍ୟବଚ୍ଛେଦ ପରେ ଅଙ୍କିତାଙ୍କ ଶବ ଆଜି ଗାଁକୁ ଫେରୁଥିବା ବେଳେ ଏହି ଖବର ପାଇ ଜେଜେ ବାବାଜୀ ପରମାଣିକ (୭୫)ଙ୍କ ହୃଦ୍‌ଘାତ ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଗାଁ ମଶାଣିରେ ଉଭୟ ଜେଜେ-ନାତୁଣୀଙ୍କ ଶବକୁ ଏକାଠି ସତ୍କାର କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

## ଓଆଇଏସ୍‌ଏଲ୍ କାରଖାନାରେ ଠିକା ଶ୍ରମିକ ମୃତ

ରାଉରକେଲା,୨୯।୮(ସମିସ): ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ଜାମପାଲି ଛକରେ ଥିବା ଓଆଇଏସଏଲ କାରଖାନାର ଲାବୋରେଟରୀ ଭିତରେ ଜଣେ ଠିକା ଶ୍ରମିକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମୃତ ଠିକା ଶ୍ରମିକଜଣଙ୍କ କୁନମୁର ପଞ୍ଚାୟତ ତେତେରକେଲା ଗ୍ରାମର ଆନନ୍ଦ ଲାକ୍ରାଙ୍କ ପୁଅ ପ୍ରଦୀପ ଲାକ୍ରା। ସେ ଓଆଇଏସଏଲ କାରଖାନାରେ ଠିକା କମ୍ପାନୀ ଆକାଶ ଏଣ୍ଟରପ୍ରାଇଜେସ୍ ଅଧୀନରେ ଲାବୋରେଟରୀରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେ ଲାବୋରେଟରୀରେ କାର୍ଯ୍ୟରତ ଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ରାଜଗାଙ୍ଗପୁର ଗୋଷ୍ଠୀ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ପ୍ରଦୀପଙ୍କ ମୃତ୍ୟୁର ପ୍ରକୃତ କାରଣ ଅସ୍ପଷ୍ଟ ରହିଛି। ରାଜଗାଙ୍ଗପୁର ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଭାଙ୍ଗ ଖାଇ ଟ୍ରକ୍ ମଡ଼ାଇଦେଲା

### ଭାଙ୍ଗିଲା ୨ ଦୋକାନ ଘର, ଜଣେ ମୃତ

ଧରାକୋଟ,୨୯।୮(ସମିସ): ଧରାକୋଟ ଥାନା ଅନ୍ତର୍ଗତ ଢଉଗାଁ ଛକରେ ଶୁକ୍ରବାର ସକାଳୁ ଏକ ସିରିଜ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଦୁଇଟି ଦୋକାନ ଘର ଭାଙ୍ଗି ଯାଇଛି। ସୂଚନାନୁଯାୟୀ, ଦ୍ରୁତଗତିରେ ଆସୁଥିବା ଏକ ଏଲ୍‌ପିଜି ସିଲିଣ୍ଡର୍ ବୋଝେଇ ଟ୍ରକ୍ ପ୍ରଥମେ ଜଣେ ବ୍ୟକ୍ତିଙ୍କ ଉପରେ ମାଡ଼ିଯିବାରୁ ତାଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଟ୍ରକ୍‌ଟି ଫେରାର୍ ହେବା ପାଇଁ ଚେଷ୍ଟା କରି ଢଉଗାଁ ମିଲ ଛକରେ ଥିବା ଦୁଇଟି ଦୋକାନ, ଜଣେ ବ୍ୟକ୍ତିଙ୍କ ଘର, ଗୋଟିଏ ବାଇକ ଓ ସାଇକେଲ ଉପରେ ମାଡ଼ି ଯାଇଥିଲା। ମୃତକ ହେଲେ ବସନ୍ତ ପରିଡ଼ା(୪୮)।। ଦୁର୍ଘଟଣା ଘଟାଇବା ପରେ ଚାଳକ ଗାଡ଼ି ଧରି ଚମ୍ପଟ ମାରୁଥିବା ବେଳେ ଗାଁ ଲୋକେ ତାକୁ ଅଟକ ରଖି ପୁଲିସର ଜିମା ଦେଇଛନ୍ତି। ଅଧିକ ଭାଙ୍ଗ ସେବନ ଯୋଗୁଁ ନିଶାରେ ସେ ଏପରି ଅଘଟଣ ହୋଇଛି ବୋଲି ଚାଳକଜଣଙ୍କ ପୁଲିସ୍ ଆଗରେ କହିଛି। ପୁଲିସ୍ ତାକୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ, ଏହି ଦୁର୍ଘଟଣାରେ ମୃତ ବସନ୍ତଙ୍କ ପରିବାର ପୂରା ଭାଙ୍ଗି ପଡ଼ିଛି। ପୁଲିସ ତାଙ୍କ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ସ୍ଥାନୀୟ ତହସିଲଦାର ଲମ୍ବୋଦର ମାରାଣ୍ଡି ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ରେଡ୍‌କ୍ରସ୍ ପାଣ୍ଠିରୁ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

### ଗଣେଶ ପୂଜା ଭସାଣିରେ ଅଘଟଣ

## ପୋଖରୀରେ ବୁଡ଼ି ଛାତ୍ର ମୃତ

ପାଣିକୋଇଲି, ୨୯।୮(ସମିସ): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅମୃତିଆ ପଞ୍ଚାୟତ ଅନ୍ତର୍ଗତ ରଙ୍ଗରଙ୍ଗା ଗ୍ରାମରେ ଆଜି ଏକ ଅଘଟଣ ଘଟିଛି। ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପୋଖରୀରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗ୍ରାମର ବସନ୍ତ କୁମାର ସାହୁଙ୍କ ପୁଅ ସତ୍ୟପ୍ରକାଶ(୧୩)। ସେ ଗ୍ରାମରେ ଥିବା ପ୍ରହ୍ଲାଦ ଉଚ୍ଚ ବିଦ୍ୟାପୀଠର ଅଷ୍ଟମ ଶ୍ରେଣୀ ଛାତ୍ର।

ସୂଚନାନୁଯାୟୀ, ଆଜି ଦିନ ପ୍ରାୟ ୧୧ଟାରେ ସ୍କୁଲରେ ଗଣେଶ ମୂର୍ତ୍ତି ବିସର୍ଜନ ପର୍ବ ଅନୁଷ୍ଠିତ ହୋଇଥିଲା। ଗଣେଶଙ୍କ ମୂର୍ତ୍ତିଙ୍କୁ ଧରି ବିଦ୍ୟାଳୟର ପ୍ରାୟ ୧୦ ଜଣ ପିଲା ସ୍ଥାନୀୟ ଏକ ପୋଖରୀକୁ ବିସର୍ଜନ ନିମନ୍ତେ ଯାଇଥିଲେ। ବିସର୍ଜନ ସାରି ଗାଧୋଇବା ବେଳକୁ ଜଣକ ପରେ ଜଣେ ପୋଖରୀର ଗଭୀର ଜଳରେ ବୁଡ଼ି ଯାଇଥିଲେ। ଏହା ଦେଖି ଗ୍ରାମବାସୀମାନେ ୯ ଜଣଙ୍କୁ ଉଦ୍ଧାର କରିଥିବା ବେଳେ ସତ୍ୟପ୍ରକାଶକୁ ପାଇନଥିଲେ। ବହୁ ଖୋଜାଖୋଜି ପରେ ସତ୍ୟକୁ ପୋଖରୀର ଗଭୀର ଜଳରୁ ଉଦ୍ଧାର କରି ବୈତରଣୀରୋଡ୍ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାର ଡାକ୍ତର ସତ୍ୟକୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅପରପକ୍ଷେ, ଏହି ଅଘଟଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବିନା ଶିକ୍ଷକରେ ପିଲାମାନଙ୍କୁ କିଏ ଓ କାହିଁକି ବିସର୍ଜନ ପାଇଁ ପଠାଇଥିଲା, ତାହାର ତଦନ୍ତ କରିବାକୁ ଦାବି ହୋଇଛି।

### ଉପକୂଳ ସୁରକ୍ଷା ସହ ଖେଳ

# ବାଣ୍ଟିଦେଲେ ପାଟ୍ରୋଲିଂ ଡ୍ରୋନ୍

**ମୁକୁଳା ପଡ଼ିଛି ଉପକୂଳ ମାର୍ଗ; ଆତଙ୍କବାଦୀ ପ୍ରବେଶର ଭୟ ଘାରିଲାଣି**

ଭୁବନେଶ୍ୱର,୨୯।୮(ସମିସ): ଉପକୂଳ ସୁରକ୍ଷା ପାଇଁ ଓଡ଼ିଶା ପୁଲିସ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଡ୍ରୋନ୍ କିଣିଥିଲା। ହେଲେ ଏହି ଡ୍ରୋନ୍ ଉପକୂଳରେ ପାଟ୍ରୋଲିଂ କରିବ କ'ଣ, ଆକାଶରୁ ଉଭାନ୍ ହୋଇଗଲାଣି। ଗତ ମାର୍ଚ୍ଚରେ କିଣାଯାଇଥିବା ଏହି ଡ୍ରୋନ୍‌ଗୁଡ଼ିକୁ ଓଡ଼ିଶା ପୁଲିସ୍ ଉପକୂଳ ସୁରକ୍ଷାରେ ନିୟୋଜିତ ନ କରି ନକ୍ସଲ ମୁକାବିଲା ନିମନ୍ତେ ସ୍ପେସାଲ ଅପରେସନ୍ ଗ୍ରୁପ୍(ଏସଓଜି)କୁ ହସ୍ତାନ୍ତର କରାଯାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ, କାହା ନିର୍ଦ୍ଦେଶରେ ଏପରି କରାଯାଇଛି, ସେନେଇ କେହି ମୁହଁ ଖୋଲୁନାହାନ୍ତି।

ନିକଟରେ, ବିହାରକୁ ୩ଜଣ ଆତଙ୍କବାଦୀ ନେପାଳ ରାସ୍ତା ଦେଇ ପଶି ଆସିଥିବା ଗୁଇନ୍ଦା ସୂଚନା ଦେଇଥିଲା। ଆତଙ୍କବାଦୀ ଆକ୍ରମଣ ଦୃଷ୍ଟିରୁ ଓଡ଼ିଶା ବି ଏକ ସମ୍ବେଦନଶୀଳ ରାଜ୍ୟ। ବିଶେଷକରି, ଏହାର ସୁଦୀର୍ଘ ଉପକୂଳ ଦେଇ ଆତଙ୍କୀ ପଶି ଆସିବାର ଆଶଙ୍କା ରହିଛି। ଅତୀତରେ ଓଡ଼ିଶାରୁ ମଧ୍ୟ ଏକାଧିକ ଆତଙ୍କବାଦୀ ଧରାପଡ଼ିବାର ନଜିର ରହିଛି। କେବଳ ଆତଙ୍କବାଦୀ ନୁହେଁ, ଓଡ଼ିଶାକୁ ଲାଗିଥିବା ଦୀପଗୁଡ଼ିକରେ ମଧ୍ୟ ଅନୁପ୍ରବେଶକାରୀମାନେ ରହିଲେଣି। ଏହା ଉପରେ ନଜର ରଖିବା ଲାଗି ରାଜ୍ୟ ସରକାର ଉପକୂଳ ସୁରକ୍ଷା ପ୍ଲାନରୁ ୧୨.୭୩ କୋଟି ଟଙ୍କା ଓଡ଼ିଶା ପୁଲିସକୁ ମଞ୍ଜୁର କରିଥିଲେ। ଉପକୂଳ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପାଣ୍ଠିରୁ ବିଡିଂ ପ୍ରକ୍ରିୟାରେ ୨୦୨୫ ମାର୍ଚ୍ଚରେ ୧୦ଟି ଉଚ୍ଚକ୍ଷମତା ସମ୍ପନ୍ନ ଡ୍ରୋନ୍ କିଣାଯାଇଥିଲା। ମାତ୍ର ସେହି ଡ୍ରୋନ୍‌କୁ ଉପକୂଳ ସୁରକ୍ଷାରେ ନିୟୋଜିତ କରାନଯାଇ ସେଥିରୁ ୫ଟି ଡ୍ରୋନ୍‌କୁ ଏସ୍‌ଓଜିକୁ ହସ୍ତାନ୍ତର କରାଯାଇଛି। ନକ୍ସଲ ମୁକାବିଲା ନିମନ୍ତେ ଏସ୍‌ଓଜି ପାଖରେ ୨୦୨୪ ମସିହାରୁ ୬ଟି ଡ୍ରୋନ୍ ରହିଛି। ଯଦି ଓଏସ୍‌ଜି ପାଇଁ ଅଧିକ ଡ୍ରୋନର ଆବଶ୍ୟକତା ଥିଲା, ସେଥିପାଇଁ ଅଲଗା ଟେଣ୍ଡର୍ ଡାକି କ୍ରୟ କରିବାରେ ଅସୁବିଧା କେଉଁଠି ବୋଲି ପ୍ରଶ୍ନ ଉଠିଛି। ଓଡ଼ିଶା ଆର୍ଥିକ ନିୟମାବଳୀର ଉଲ୍ଲଙ୍ଘନ କରି ଉପକୂଳ ସୁରକ୍ଷା ପାଣ୍ଠିରୁ କ୍ରୟ ଡ୍ରୋନ୍‌ଗୁଡ଼ିକୁ ଏସଓଜିକୁ ହସ୍ତାନ୍ତର ହୋଇଛି ବୋଲି କୁହାଯାଉଛି।

ଅପରପକ୍ଷେ, ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଏହାର ଫାଇଦା ନେଉଥିବା ଅଭିଯୋଗ ହେଉଛି। ଦଳଦଳ ହୋଇ ସେମାନେ ବିନା ଭୟରେ ଓଡ଼ିଶାରେ ପ୍ରବେଶ କରୁଛନ୍ତି। ଆଗାମୀ ଦିନରେ ଏହା ଉଭୟ ରାଜ୍ୟ ଓ ଦେଶ ପାଇଁ ବିପଦ ଆଣିବ ବୋଲି କୁହାଯାଉଛି।

ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶ ଏବେ ଗୁରୁତର ସମସ୍ୟା ହୋଇ ରହିଛି। ୨୦୨୧ ମସିହା ସୁଦ୍ଧା ରାଜ୍ୟରେ ମୋଟ୍ ୩୭୩୮ ଜଣ ବାଂଲାଦେଶୀ ନାଗରିକ ରହୁଛନ୍ତି ବୋଲି ତଥ୍ୟରୁ ଜଣାପଡ଼ିଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଭଳି ଉପକୂଳ ଜିଲ୍ଲାରେ ସମୁଦ୍ର ମାର୍ଗ ଦେଇ ବାଂଲାଦେଶୀଙ୍କ ଅନୁପ୍ରବେଶର ଆଶଙ୍କା ଅଧିକ ରହିଛି। ଅନୁପ୍ରବେଶକାରୀମାନେ ସମୁଦ୍ର ମାର୍ଗରେ ଦେଶୀ ଡଙ୍ଗା ଅବା ବୋଟ୍ ସହାୟତାରେ ସର୍ବାଧିକ ୮-୧୦ ଘଣ୍ଟା ମଧ୍ୟରେ ଓଡ଼ିଶା ଉପକୂଳରେ ପହଞ୍ଚିବାର ସମ୍ଭାବନା ବି ରହୁଛି।



ପୁରୀରେ ମହାପ୍ରଭୁଙ୍କ ଦର୍ଶନ ଅବସରରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ସାଂସଦ ଓ ବିଧାୟକଗଣ

## ୩୧ରୁ ପୁଣି ବଢ଼ିବ ବର୍ଷା

ଭୁବନେଶ୍ୱର,୨୯।୮(ସମିସ): ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବିଶେଷ ବର୍ଷା ହେବ ନାହିଁ। ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନାହିଁ। ତେଣୁ ବର୍ଷା କମିବ। ମାତ୍ର ୩୧ ତାରିଖରୁ ପୁଣି ବର୍ଷା ବଢ଼ିବ। ଆସନ୍ତା ୩ ତାରିଖରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ପୁଣି ବର୍ଷା ବଢ଼ିବ। ଗୋଟିଏ ସେପ୍ଟେମ୍ବର ପ୍ରଥମ ସପ୍ତାହରେ ଓ ଆଉ ଗୋଟିଏ ଦ୍ୱିତୀୟ ସପ୍ତାହରେ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଆଗମୀ ଦୁଇ ସପ୍ତାହ ପାଇଁ ବିସ୍ତାରିତ ପାଣିପାଗର ପୂର୍ବାନୁମାନ ଜାରି ହୋଇଛି। ଏହି ଆକଳନ ଅନୁସାରେ, ସେପ୍ଟେମ୍ବର ୩ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏହା ଅଧିକ ଘନୀଭୂତ ହୋଇ ୫ ତାରିଖରେ ଅବପାତର ରୂପ ନେବାର ସମ୍ଭାବନା ଅଛି। ଏହାପରେ ଦ୍ୱିତୀୟ ସପ୍ତାହ ବେଳକୁ ପୁଣି ଆଉ ଏକ ଲଘୁଚାପ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ଅଛି। ତେଣୁ ଓଡ଼ିଶାରେ ଆସନ୍ତା ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୩ ଭିତରେ ପ୍ରବଳ ବର୍ଷା ହୋଇପାରେ। ଗତ ୨୪ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ହ୍ରାସ ପାଇଛି। ମାତ୍ର କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହୋଇଥିବା ଜଣାପଡ଼ିଛି। ଶନିବାର ମଧ୍ୟ ଅଧିକାଂଶ ସ୍ଥାନରେ ବର୍ଷାର ପ୍ରଭାବ କମିବା ସହ କାଁ ଭାଁ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର କହିଛି। ୩୧ରେ ବର୍ଷା ବଢ଼ିବା ଯୋଗୁଁ କିଛି କିଛି ଜିଲ୍ଲା ପାଇଁ ଆଲର୍ଟ ଜାରି ହୋଇଛି।

### ମୁଖ୍ୟମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କଲେ ଲେଖାଶ୍ରୀ

## 'ମହିଳାଙ୍କ ପ୍ରତି ସମ୍ମାନ ରାଜନୈତିକ ଚାଟୁକାରିତାରେ ସୀମିତ'

**■ ନୀଳଗିରି ବିଧାୟକଙ୍କ ଅସଭ୍ୟ, ଅଶୋଭନୀୟ ଭାଷାକୁ ୨ ମାସ ପୂରିଲା**
**■ ମୁଖ୍ୟମନ୍ତ୍ରୀଙ୍କ ମୁହଁରୁ ପଦୁଟିଏ ଶବ୍ଦ ବାହାରିଲାନି**

ଭୁବନେଶ୍ୱର, ୨୯।୮(ସମିସ): ବିହାର ଦରଭଙ୍ଗାଠାରେ ଏକ ସଭାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱର୍ଗୀୟା ମା'ଙ୍କ ପ୍ରତି ଅପଶବ୍ଦ ପ୍ରୟୋଗକୁ ନେଇ ଦେଶବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏପରି ଅପଶବ୍ଦକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ କଡ଼ା ଭାଷାରେ ନିନ୍ଦା କରିଥିବା ବେଳେ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେଡିର ବରିଷ୍ଠ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର। ମହିଳାଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଏ ସମ୍ମାନ କେବଳ ରାଜନୈତିକ ଚାଟୁକାରିତା ଭିତରେ ସୀମିତ ବୋଲି ସେ କହିଛନ୍ତି।

ଲେଖାଶ୍ରୀ କହିଛନ୍ତି, ବିହାରରେ ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ଉପରେ ହୋଇଥିବା ଅସଭ୍ୟ ଟିପ୍ପଣୀକୁ ଭର୍ତ୍ସନା କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଧନ୍ୟବାଦ। ମହିଳାଙ୍କ ଉପରେ ଅତ୍ୟାଚାର, ଅପରାଧ ଓ ଅସମ୍ମାନର ବିରୋଧ କରିବା ଓ ଦୋଷୀକୁ ଦଣ୍ଡିତ କରିବା ସମସ୍ତଙ୍କ ଗୁରୁଦାୟିତ୍ୱ। ମୁଖ୍ୟମନ୍ତ୍ରୀ ଭାବେ ଆପଣଙ୍କ ଦାୟିତ୍ୱ ସବୁଠାରୁ ଅଧିକ। ପ୍ରଧାନମନ୍ତ୍ରୀଙ୍କ ମା'ଙ୍କ ସମ୍ମାନ ପାଇଁ ଆପଣ ଅଣ୍ଟା ଭିଡ଼ିଲେ ଭଲ କଥା। ମାତ୍ର ମୋ ଉପରେ ଆପଣଙ୍କ ଦଳର ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା କୁତ୍ସିତ, ଅସଭ୍ୟ, ଅଭଦ୍ର ମନ୍ତବ୍ୟକୁ ଦୁଇ ମାସ ବିତିଯାଇଥିଲେ ମଧ୍ୟ ଆପଣଙ୍କ ମୁହଁରୁ ଉଁ ଟିଏ ମଧ୍ୟ ବାହାରିଲା ନାହିଁ। ଆପଣଙ୍କର ମହିଳାଙ୍କ ପ୍ରତି ଏ ସମ୍ମାନ କେବଳ ରାଜନୈତିକ ଚାଟୁକାରିତା ଭିତରେ ସୀମିତ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଲେଖାଶ୍ରୀଙ୍କ ପ୍ରତି ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କ ଅଶୋଭନୀୟ, ଅଭଦ୍ର ମନ୍ତବ୍ୟକୁ ନେଇ ବିଜେଡି ଦିଲ୍ଲୀରୁ ଓଡ଼ିଶା ଯାଏଁ ସ୍ୱର ଉତ୍ତୋଳନ କରିଆସିଛି। ଦିଲ୍ଲୀରେ ରାଷ୍ଟ୍ରୀୟ ମହିଳା ଆୟୋଗ ଅଧ୍ୟକ୍ଷଙ୍କଠାରୁ ଆରମ୍ଭ କରି ରାଜ୍ୟ ପୁଲିସ ମୁଖିଆଙ୍କ ନିକଟରେ ଏନେଇ ବିଜେଡି ଫେରାଦ ହୋଇଥିଲେ ମଧ୍ୟ ଶ୍ରୀ ଖଟୁଆଙ୍କ ବିରୋଧରେ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

**■ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଲେ ସୌମ୍ୟାଶ୍ରୀଙ୍କ ବାପା**

## କମିଟି ସଦସ୍ୟଙ୍କୁ ଶୀଘ୍ର ବାନ୍ଧ

**ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମଦାହ ମାମଲା**

ବାଲେଶ୍ୱର,୨୯।୮(ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମଦାହ ମାମଲାକୁ ମାସେରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୪ଜଣ ଗିରଫ ହୋଇଛନ୍ତି। କିନ୍ତୁ ଯେଉଁ ଆଇସିସି କମିଟିର ରିପୋର୍ଟ ପାଇଁ ହତାଶ ହୋଇ ଝିଅ ଆତ୍ମହତ୍ୟା କଲା, ସେ କମିଟି ସଦସ୍ୟଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନି ବୋଲି ଅଭିଯୋଗ କରି ଆଜି ସୌମ୍ୟାଶ୍ରୀଙ୍କ ବାପା ବଳରାମ ବିଶି ବାଲେଶ୍ୱର ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟିଛନ୍ତି। ଯେଉଁମାନେ ଝିଅକୁ ଆତ୍ମହତ୍ୟା ପାଇଁ ଉସୁକାଇଥିଲେ, ଝିଅକୁ ପ୍ରତାରଣା ଏବଂ ମାନସିକ ନିର୍ଯାତନା ଦେଇଥିଲେ, ସେମାନଙ୍କ ଉପରେ ଏପର୍ଯ୍ୟନ୍ତ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି ବୋଲି ସେ ପ୍ରଶ୍ନ କରିଛନ୍ତି। ସେମାନଙ୍କ ବିରୋଧରେ ମଧ୍ୟ ହତ୍ୟା ମାମଲା ରୁଜୁ ହେଉ ବୋଲି ବଳରାମ ଦାବି କରିଛନ୍ତି। ତେବେ ଉଭୟ ଜିଲ୍ଲାପାଳ ଓ ଏସ୍‌ପି ତାଙ୍କୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ ଏହି ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ଚାଲିଛି। ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ହେବ।

### ରାଜ୍ୟ ପୁଲିସ ମୁଖ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ

## ଓଡ଼ିଶା ପୁଲିସର ୪୧ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ



କଟକ,୨୯।୮(ସମିସ): କିଂବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଓଡ଼ିଶା ପୁଲିସର ୪୧ଜଣ ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କଟକ ଆଇପିଏସ୍ ମେସସ୍ଥିତ ଆର୍.କେ ପାଢ଼ୀ ମେମୋରିଆଲ ହଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଡିଜିପି ଶ୍ରୀ ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ଅସାଧାରଣ ପ୍ରତିଭାର ପ୍ରଶଂସା କରିଥିଲେ। ଏଥିନିମନ୍ତେ ବିଗତ ଦିନରେ ସାରା ଦେଶରେ ଓଡ଼ିଶା ପୁଲିସର ସୁନାମ ବୃଦ୍ଧି ପାଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ଏହି ଅବସରରେ ଆମେରିକାର ବିର୍ମିହାମଠାରେ ଅନୁଷ୍ଠିତ ହୋଇଥିବା ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ା ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ୭ କ୍ରୀଡ଼ାବିତ୍‌ଙ୍କ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ମଧ୍ୟ ଡିଜିପି ଉଲ୍ଲେଖ କରିଥିଲେ। ଏହି କ୍ରୀଡ଼ାବିତ୍‌ମାନେ ନିଜର ଦକ୍ଷତା ପ୍ରତିପାଦନ କରି ୧୩ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ବିଜୟ ହୋଇ ଖେଳ ଜଗତରେ ନୂଆ ଇତିହାସ ସୃଷ୍ଟି କରିବା ସହ ଓଡ଼ିଶା ପୁଲିସକୁ ଗୌରବମଣ୍ଡିତ କରିଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ଡିଜିପି ୪୧କ୍ରୀଡ଼ାବିତ୍‌ଙ୍କୁ ଉତ୍ତରୀୟ, ନଗଦ ଅର୍ଥରାଶି ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ସମାରୋହରେ ରାଜ୍ୟ ପୁଲିସ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିହାରରେ ଧର୍ମେନ୍ଦ୍ର ଓ ଭକ୍ତଙ୍କ ନିର୍ବାଚନ ପ୍ରଚାର

**■ ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ଧର୍ମେନ୍ଦ୍ର**
**■ ବିହାରରେ କଂଗ୍ରେସ ପ୍ରଭାରୀ ଭକ୍ତଙ୍କର ରହିଛି ଅଭିଜ୍ଞତା**

ଭୁବନେଶ୍ୱର,୨୯।୮(ସମିସ): ଆଉ ଦୁଇମାସ ପରେ ବିହାର ବିଧାନସଭା ନିର୍ବାଚନ। ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିବା ଏହି ନିର୍ବାଚନ ଉପରେ ସାରା ଦେଶର ନଜର ରହିଛି। ଯଦିଓ ଆନୁଷ୍ଠାନିକ ଭାବେ ନିର୍ବାଚନ ତାରିଖ ଘୋଷଣା ହୋଇନାହିଁ, ତଥାପି ନିର୍ବାଚନ ପରିବେଶ ବେଶ୍ ସରଗରମ ରହିଛି। ଭୌଗୋଳିକ ଓ ସାମାଜିକ ଦୃଷ୍ଟିକୋଣରୁ ଯଦିଓ ବିହାର ସହ ଓଡ଼ିଶାର ସେପରି କିଛି ସମ୍ପର୍କ ନାହିଁ; ତଥାପି ବିହାର ରାଜନୀତି ସହିତ ଜଡ଼ିତ ଓଡ଼ିଶାର ଦୁଇ ନେତା ବିଧିବଦ୍ଧ ଭାବରେ ନିର୍ବାଚନରେ ସାମିଲ ହୋଇ ସାରିଲେଣି। ପୂର୍ବରୁ ବିହାରରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିହାର ପାଇଁ ଏକଦା କଂଗ୍ରେସ ପ୍ରଭାରୀ ରୂପେ କାର୍ଯ୍ୟ କରିଥିବା ଓଡ଼ିଶା ପିସିସି ସଭାପତି ଭକ୍ତଚରଣ ଦାସ ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି।

ଅତୀତରେ ବିହାର ବିଧାନସଭା ନିର୍ବଚନ ପାଇଁ ସହପ୍ରଭାରୀ ଦାୟିତ୍ୱ ତୁଲାଇଥିବା ଓ ବିହାରରୁ ରାଜ୍ୟସଭାକୁ ଯାଇଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ମଧ୍ୟ ବିହାର ନିର୍ବାଚନ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତ। ଗତ ୨୭ତାରିଖରେ ଧର୍ମେନ୍ଦ୍ର ପାଟନାରେ ଭାରତୀୟ ଜନତା ଯୁବ ମୋର୍ଚ୍ଚାର ଯୁବ ସମ୍ମିଳନୀରେ ଯୋଗ ଦେଇଥିଲେ। ସେଠାରେ ବିଜେପି ସରକାରରେ ବିହାର ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ଦର୍ଶାଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ମଧ୍ୟ ସାକ୍ଷାତ କରିଥିଲେ। ଯାହାକୁ ସ୍ଥାନୀୟ ସାମ୍ବାଦିକମାନେ ବହୁ ଗୁରୁତ୍ୱପୂର୍ଣ୍ଣ ଦର୍ଶାଉଛନ୍ତି।

ବର୍ତ୍ତମାନ ବିହାରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ୍‌ଅଧିକାର ଯାତ୍ରା କରୁଛନ୍ତି। ଏହା ସହ ବିହାର ହୋଇଥିବା 'ଏସ୍‌ଆଇଆର୍' ପ୍ରକ୍ରିୟାକୁ ତ୍ରୁଟିପୂର୍ଣ୍ଣ କହି ନିର୍ବାଚନ କମିସନ ଓ ବିଜେପି ସରକାରଙ୍କୁ ଟାର୍ଗେଟ୍ କରୁଛନ୍ତି। ତେଣୁ ବିହାରରେ ବିଜେପିକୁ ମାତ୍ ଦେବା ପାଇଁ କଂଗ୍ରେସ ଚଳାଇଥିବା ଉଦ୍ୟମରେ ସାମିଲ ହୋଇଛନ୍ତି ପିସିସି ସଭାପତି ଭକ୍ତଚରଣ ଦାସ । ସେ ବିହାର ଗସ୍ତ କରି ବିଭିନ୍ନ ସ୍ଥାନରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି। ବିହାରର ନିର୍ବାଚନରେ ରହିଥିବା ବିଭିନ୍ନ ପ୍ରସଙ୍ଗ ଓ କୌଶଳ ସମ୍ପର୍କରେ ତାଙ୍କର ପୂର୍ବ ଅଭିଜ୍ଞତା ଦଳ ପାଇଁ ଉପଯୋଗୀ ହେବ ବୋଲି କଂଗ୍ରେସ ମନେ କରୁଛି। ଶୁକ୍ରବାର ଭକ୍ତ ପାଟନାଠାରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କ ଉପସ୍ଥିତିରେ ସାମ୍ବାଦିକ ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି। ଭକ୍ତଙ୍କ ସହିତ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ବିହାର ସକ୍ରିୟ ଭାବେ ଦଳ ପାଇଁ କାମ ଆରମ୍ଭ କରିଦେଇଛନ୍ତି।

## ଓକିଲାତି ଲାଇସେନ୍ସଧାରୀ ଅନ୍ୟ ପେସାରେ ଥିଲେ ରୁଜୁ ହେବ ଫୌଜଦାରୀ ମାମଲା

**ବାର୍ କାଉନସିଲର ଚିଠି**

କଟକ, ୨୯।୮ (ସମିସ): ଓକିଲାତି ପେସାରେ ଯୋଗଦେବା ଲାଗି ରାଜ୍ୟ ଆଇନଜୀବୀ ପରିଷଦରୁ ଲାଇସେନ୍ସ ନେଉଥିବା ଅନେକ ଆଇନଜୀବୀ ସରକାରୀ ଚାକିରି ସହ ବିଭିନ୍ନ କମ୍ପାନୀ, ବ୍ୟବସାୟ, ଠିକାକାମ ଓ ଅନ୍ୟାନ୍ୟ ପେସାରେ ଯୋଗ ଦେଇ କାର୍ଯ୍ୟ କରୁଛନ୍ତି। ଏପରି ଅଭିଯୋଗକୁ ଆଇନଜୀବୀ ପରିଷଦ ଗୁରୁତ୍ୱର ସହ ଗ୍ରହଣ କରିଛି। ଏହାକୁ ରୋକିବା ଲାଗି ସମସ୍ତ ବାର୍ ଆସୋସିଏସନକୁ ପତ୍ର ଜରିଆରେ ନିର୍ଦ୍ଦେଶ ଦେଇଛି ପରିଷଦ।

ଆଇନଜୀବୀ ଆଇନ-୧୯୬୧ର ନିୟମ ଅନୁଯାୟୀ, ଆଇନଜୀବୀ ଲାଇସେନ୍ସ ପାଇବା ପରେ ଜଣେ ଆଇନଜୀବୀ ଅନ୍ୟ ପେସାରେ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟ କରିବା, ଏପରିକି କେତେକ ସ୍ଥଳରେ ସରକାରୀ ଦପ୍ତରରେ ଚୁକ୍ତିଭିତ୍ତିକପୂର୍ଣ୍ଣ ସମୟ ଲାଗି କନ୍‌ସଲ୍ଟାଣ୍ଟ ଓ ରିସର୍ଚ୍ଚର୍ ଭାବେ କାର୍ଯ୍ୟ କରିବା ପେସାଗତ ନୈତିକତାର ବିରୋଧାଚରଣ କରୁଛି। ଏହି ଆଇନଜୀବୀମାନେ ସେମାନଙ୍କ ଲାଇସେନ୍ସ ରାଜ୍ୟ ଆଇନଜୀବୀ ପରିଷଦରେ ସରେଣ୍ଡର୍ କରିବା କଥା, ନଚେତ ସେମାନଙ୍କ ଲାଇସେନ୍ସ ରଦ୍ଦ କରିବାର ନିୟମ ରହିଛି। ତଥାପି ଏହାକୁ କିଛି ଆଇନଜୀବୀ ଉଲ୍ଲଙ୍ଘନ କରୁଛନ୍ତି। ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି କାଉନସିଲ୍‌ର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏ ବାବଦରେ ବାର୍ ଆସୋସିଏସନ୍‌କୁ କାଉନସିଲ୍ ପକ୍ଷରୁ ଚିଠି ଲେଖି ଏଭଳି ଆଇନଜୀବୀଙ୍କୁ ସେମାନଙ୍କ ଲାଇସେନ୍ସ ତୁରନ୍ତ ସରେଣ୍ଡର୍ କିମ୍ବା ସସପେଣ୍ଡ ଲାଗି ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ଆଇନଜୀବୀମାନେ ଏହି ନିୟମକୁ ଉଲ୍ଲଙ୍ଘନ କରୁଛନ୍ତି, ସେମାନଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା କରାଯିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ ପାଇଁ କାଉନସିଲ ସଦସ୍ୟ ସଚିବ ଯଯାତି କେଶରୀ ସାମନ୍ତସିଂହାର ସମସ୍ତ ବାର୍ ଆସୋସିଏସନକୁ ଜଣାଇଛନ୍ତି। ଆଇନ ପେସାରେ ପୂର୍ଣ୍ଣ ସମୟ ଦେଇ କାର୍ଯ୍ୟ କରୁଥିବା ଆଇନଜୀବୀମାନେ ଏଭଳି ଆଇନ ଉଲ୍ଲଙ୍ଘନକାରୀଙ୍କ ସଂପର୍କରେ ବାର୍ ଆସୋସିଏସନ୍ କିମ୍ବା ବାର୍ କାଉନସିଲରେ ଜଣାଇଲେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାଉନସିଲ୍ ପକ୍ଷରୁ ଏକ ପ୍ରେସ୍ ବିବ୍ୟତିରେ ସୂଚନା ଦିଆଯାଇଛି।

# ବିରୂପାରେ ବନ୍ୟା; ଦୁର୍ଦ୍ଦଶା ଭୋଗୁଛନ୍ତି ୯ ନଂ ୱାର୍ଡବାସୀ

ଡେରାବିଶ/ପଞ୍ଚୁପାଣ୍ଡବ, ୨୯।୮ (ସମିସ)



ବିରୂପା ନଦୀରେ ବନ୍ୟା ଯୋଗୁଁ ଡେରାବିଶ ବ୍ଲକ ଅନ୍ତର୍ଗତ ବେଣୀପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ନଦୀକୂଳିଆ ଲୋକ ଭୟଭୀତ ଅବସ୍ଥାରେ ରହିଛନ୍ତି। ତେବେ ମଙ୍ଗଳପୁର ପଞ୍ଚାୟତର ୯ ନମ୍ବର ୱାର୍ଡର ଘେରିବନ୍ଧ ତଳେ ଥିବା ୨୦ରୁ ଊର୍ଦ୍ଧ୍ୱ ପରିବାର ପାଣିଘେରରେ ରହିଛନ୍ତି। ବନ୍ୟାଜଳ ସମାନ୍ୟ ହ୍ରାସ ପାଇଥିବାବେଳେ ସମ୍ପୃକ୍ତ ଗ୍ରାମରେ ବନ୍ୟାପାଣି ଲୋକଙ୍କ ଘରକୁ ଲାଗି ରହିଛି। ଫଳରେ ଗ୍ରାମବାସୀ ନଦୀପାଣିରେ ଆସୁଥିବା ସରୀସୃପ ଓ କୁମ୍ଭୀର ଆଶଙ୍କାରେ ଭୟଭୀତ ହୋଇ ବନ୍ଧ ଉପରୁ ଉଠିଆସିଛନ୍ତି। ଏପରିକି ବନ୍ୟାଜଳ ମାଟି ଘରର କାନ୍ଥକୁ ଲାଗିଥିବାରୁ ଏଥିରୁ ମାଟି ଖସିଯାଉଥିବାବେଳେ କେତେକ ପରିବାର ସେହି ଘର ଛାଡ଼ି ବନ୍ଧ ଉପରକୁ ପଳାଇ ଆସିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ବନ୍ୟା ନିୟନ୍ତ୍ରଣ କକ୍ଷ ସୂଚନା ଅନୁଯାଇ ଗୁରୁବାର ଅପରାହ୍ନରେ ରେଙ୍ଗାଲିର ଦୁଇଟି ଗେଟ ବନ୍ଦ କରାଯାଇ ଗୋଟିଏ ଗେଟ ଓ ସମଲ ବ୍ୟାରେଜରେ ଖୋଲାଯାଇଥିବା ଦଶଟିରୁ ୪ଟି ଗେଟ ବନ୍ଦ କରାଯାଇ ୬ଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ବ୍ରାହ୍ମଣୀର ଶାଖା ବିରୂପା ନଦୀର ଗୋପାଳପୁରଠାରେ ବିପଦ ସଙ୍କେତ ୧୦.୦୫ ମିଟର ଥିବାବେଳେ ଆଜି ଅପରାହ୍ନ ସୁଦ୍ଧା ୯.୬୨ ମିଟର ଓ ଇନ୍ଦୁପୁରଠାରେ ବିପଦ ସଙ୍କେତ ୮, ୨୩ ଥିବାବେଳେ ଅପରାହ୍ନ ସୁଦ୍ଧା ୮ ମିଟର ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହେଉଥିବା ନେଇ ଜଣାଯାଇଛି। ବନ୍ୟାକୁ ଦୃଷ୍ଟିରେ ରଖି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଉମେଶ ସେଠୀଙ୍କ ନେତୃତ୍ୱରେ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟ, ସହକାରୀ ଯନ୍ତ୍ରୀ ନବୀନ ପାଣିଗ୍ରାହୀ, ସଞ୍ଜୟ ଶତପଥୀ ଓ କନିଷ୍ଠ ଯନ୍ତ୍ରୀ ଗୋରାଶିଷ ସାହୁ ପ୍ରମୁଖ ଯାଜପୁର ଜିଲ୍ଲାର ବାଲିଚନ୍ଦ୍ରପୁରଠାରୁ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ଯାଏ ନଦୀବନ୍ଧର ସ୍ଥିତି ପ୍ରତି ସତର୍କ ନଜର ରଖିଛନ୍ତି।

● ପାଣିଘେରରେ ୪ ପଞ୍ଚାୟତର ୨୦ ହଜାର ଲୋକ

## ହୋଇନି ଡଙ୍ଗା ବ୍ୟବସ୍ଥା, ମିଳୁନି ରିଲିଫ୍



ରାଜନଗର, ୨୯।୮ (ସମିସ): ବ୍ରାହ୍ମଣୀରେ ତୃତୀୟ ବନ୍ୟା ଆସିବା ଯୋଗୁଁ ରାଜନଗର ବ୍ଲକର ୪ଟି ପଞ୍ଚାୟତର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ, ଫିରିକିଦାଣ୍ଡି, ଦକ୍ଷିଣଦାଣ୍ଡି, ଗୋବିନ୍ଦପୁର, ସନ୍ତପଡ଼ା, ଟାଙ୍ଗଣଡେଁଳା, ବନ୍ଧପଡ଼ା, ଓସ୍ତିଆ ପଞ୍ଚାୟତର ନଗଡ଼, ନଳଦିଆ, କଟକଣା, ବନ୍ଧପାଟଣା, ଓସ୍ତିଆ, ବେଲପାଳ ପଞ୍ଚାୟତ, ରାଜପୁର ପଞ୍ଚାୟତର ରାଜପୁର, ବାଲିଚନ୍ଦ୍ରପୁର, ଚନ୍ଦନପୁର, ବଳଭଦ୍ରପ୍ରସାଦ ଗ୍ରାମର ୨୦ ହଜାର ଲୋକ ବିପନ୍ନ ହୋଇପଡ଼ିଛନ୍ତି। ସନ୍ଥପଡ଼ା ବାରିକ ସାହିରେ ଲୋକଙ୍କ ଘରେ ବନ୍ୟା ପାଣି ପଶିଛି। ଅଢାଯୋରି-ଚାକିବାଙ୍କ ରାସ୍ତାରେ ୪ ଫୁଟ ଉପରେ ପାଣି ଚାଲୁଥିବାରୁ ଲୋକମାନେ ଟ୍ରାକ୍ଟର ଓ ଡିଙ୍ଗି ସାହାଯ୍ୟରେ ଯାତାୟାତ କରୁଛନ୍ତି। ସରକାରଙ୍କ ପକ୍ଷରୁ ଡଙ୍ଗା କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ୪ ପଞ୍ଚାୟତରେ ପାନୀୟଜଳ, ଗୋଖାଦ୍ୟ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ପାନୀୟ ଜଳ ପ୍ରକଳ୍ପ ଓ ନଳକୂପ ବନ୍ୟା ଜଳରେ ବୁଡି ରହିଥିବାରୁ ପିଇବା ପାଣି ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଈଗୋରୁଙ୍କ ଖାଦ୍ୟାଭାବ ଦେଖାଦେଇଛି। ଚଳିତ ବର୍ଷ ତିନିଥର ବନ୍ୟା ଆସିଥିଲେ ବି ପ୍ରଶାସନ ପକ୍ଷରୁ ଏଯାଏଁ ରିଲିଫ ଯୋଗାଇ ଦିଆଗଲାନାହିଁ। ଗତ ଦୁଇଥର ବନ୍ୟାରେ ସରପଞ୍ଚ ବନ୍ୟାଞ୍ଚଳରେ ଡଙ୍ଗା ପକାଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଅର୍ଥ ପ୍ରଦାନ କରା ନ ଯିବା କାରଣରୁ ତୃତୀୟ ବନ୍ୟାରେ ଡଙ୍ଗା ବ୍ୟବସ୍ଥା ହୋଇ ନ ଥିବାରୁ ଲୋକଙ୍କ ମଧ୍ୟରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି। ପ୍ରଶାସନ ବିପନ୍ନଙ୍କ ନିକଟରେ ପହଞ୍ଚି ନ ଥିବାରୁ ବିପନ୍ନଲୋକେ ରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ସରକାର ପାନୀୟଜଳ, ଗୋ-ଖାଦ୍ୟ ଓ ରିଲିଫ୍ ସାମଗ୍ରୀ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ବନ୍ୟାଞ୍ଚଳରେ କଂଗ୍ରେସ ପ୍ରତିନିଧି ଦଳ



ରାଜନଗର, ୨୯।୮ (ସମିସ): ଲଗାତର ତୃତୀୟଥର ବନ୍ୟା ଆସି ରାଜନଗର ବ୍ଲକର ୪ଟି ପଞ୍ଚାୟତର ୨୦ ହଜାର ଲୋକ ବିପନ୍ନ ହୋଇପଡ଼ିଛନ୍ତ। ଆଜି ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ଯୁବ ନେତା ପ୍ରଶାନ୍ତ ରାଉତଙ୍କ ସହ ବ୍ଲକ କଂଗ୍ରେସ ପୂର୍ବତନ ସଭାପତି ଦାମୋଦର ବିଶ୍ୱାଳ, ଯୁବ ନେତା ସୁଶୀଲ ପ୍ରଧାନ, ବରିଷ୍ଠ ନେତା କମଳଲୋଚନ ରାଉତ ନିରଞ୍ଜନ ବାରିକ, ବାବୁରାମ ଜେନା, ଲଛମନ ସେଠୀ, ନିରଞ୍ଜନ ନାୟକ ପ୍ରମୁଖ ବିଭିନ୍ନ ପଞ୍ଚାୟତରେ ବନ୍ୟା ପ୍ରବାହିତ ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୟନ କରିଛନ୍ତି। ବନ୍ୟା ପାଣି ଘେରରେ ଥିବା ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନର ଦେଖାନାହିଁ। ବନ୍ୟା ପ୍ରଭାବିତଙ୍କ ପାଖରେ ଏପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଶୁଖିଲା ଖାଦ୍ୟ, ପିଇବା ପାଣି, ଗୋରୁଗାଈଙ୍କ ପାଇଁ ଗୋଖାଦ୍ୟ ପହଞ୍ଚି ନ ଥିବାରୁ କଂଗ୍ରେସ ନେତା ଉଦ୍‌ବେଗ ପ୍ରକାଶ କରିବା ସହ ତୁରନ୍ତ ରିଲିଫ, ଗୋଖାଦ୍ୟ ଯୋଗାଇ ଦିଆଯାଉ। ନଚେତ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ରାଉତ ଚେତାବନୀ ଦେଇଛନ୍ତି।

## ଜିଲ୍ଲାପାଳଙ୍କ ବନ୍ୟାଞ୍ଚଳ ପରିଦର୍ଶନ

ରାଜକନିକା/ଓଳାଭର, ୨୯।୮ (ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ପାରିନୂଆପଡ଼ା, ହାବଳଗଣ୍ଡ ପଞ୍ଚାୟତ ଓ ପ୍ରଧାନପଡ଼ା ପଞ୍ଚାୟତର ବିଭିନ୍ନ ବିଭିନ୍ନ ଗ୍ରାମର ବନ୍ୟା ସ୍ଥିତି ବୁଲି ଦେଖିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର। ଆଜି ବନ୍ୟା ପ୍ରଭାବିତ ପାରିନୂଆପଡ଼ା, କୈଥାପାଳ ଗାଁ ବୁଲି ଦେଖିଥିଲେ ଜିଲ୍ଲାପାଳ। ଏଥିରେ ସ୍ଥାନୀୟ ଚାଷୀ, ସାଧାରଣ ନାଗରିକ ସହିତ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ବନ୍ୟାର ଦୁର୍ଗତି ବିଷୟରେ ଅବଗତ କରାଇଥିଲେ। ଖରସ୍ରୋତାରେ ଆସିଥିବା ତୃତୀୟ ଥର ବନ୍ୟାରେ ଧାନଚାଷ ପ୍ରଭାବିତ ହୋଇଛି। ପୁନର୍ବାର ତଳି ରୋଇବା ସମୟ ନାହିଁ। ଏଣୁ ଚଳିତ ବର୍ଷ ଧାନ ଫସଲ ସମୂଳେ ନଷ୍ଟ ହୋଇଯାଇଛି। ଏଥିପାଇଁ ସରକାର ଗୁରୁତର ସହ ବିଚାର କରିବାକୁ ଚାଷୀ ଦାବି କରିଥିଲେ। ବନ୍ୟା ଯୋଗୁଁ ଗାଈଗୋରୁ ପଦାକୁ ଚରିବୁଲି ନ ପାରି ଗୋଠରେ ବନ୍ଧା ହୋଇ ଭୋକ ଓପାସରେ ଦିନ କାଟୁଛନ୍ତି। ତୁରନ୍ତ ଗୋଖାଦ୍ୟ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହୋଇଥିଲା। ବନ୍ୟା ଘେରରେ ଥିବା ଗ୍ରାମବାସୀଙ୍କ ପାଇଁ ମଧ୍ୟ ରିଲିଫ୍ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଜିଲ୍ଲାପାଳ ଗୋଖାଦ୍ୟ, ରିଲିଫ୍ ସହ ପିଇବା ପାଣିର ବ୍ୟବସ୍ଥା କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବନ୍ୟା ଛାଡିବା ପରେ ଗୋଖାଦ୍ୟ ଦିଆଯିବ ବୋଲି କହିଥିଲେ। କନିକା ତହସିଲ ବନ୍ୟାର କ୍ଷୟକ୍ଷତି ସମ୍ପର୍କରେ ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ପରେ ଜିଲ୍ଲାପାଳ ପଶ୍ଚିମକନିକା ପ୍ରଧାନପଡ଼ା ପଞ୍ଚାୟତର ଜେନାସାହିରେ ମଧ୍ୟ ବନ୍ୟା ପରିସ୍ଥିତି ତଦାରଖ କରିଥିଲେ। ଜିଲ୍ଲାପାଳଙ୍କ ସହ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ନାୟକ, କନିକା ତହସିଲଦାର ତଥା ବିଡିଓ ଭାନୁମତୀ ମାଝି, ଜଳସମ୍ପଦ ବିଭାଗୀୟଅଧିକାରୀ ଧିରେନ ସାହୁ ଉପସ୍ଥିତ ଥିଲେ।



## ଦେବସ୍ମିତାଙ୍କ ବନ୍ୟାଞ୍ଚଳ ପରିଦର୍ଶନ



ରାଜକନିକା, ୨୯।୮ (ସମିସ): କ୍ରମାଗତ ବନ୍ୟାରେ ଉବୁଟୁବୁ ହେଉଥିବା ରାଜକନିକା ବ୍ଲକର କାଟଣାବଣିଆ ପଞ୍ଚାୟତର ଜୟକୁଣ୍ଡା, ବାଜପୁର ଗାଁକୁ ଆଜି ଅପରାହ୍ନରେ ପିସିସି ସମ୍ପାଦିକା ଦେବସ୍ମିତା ଶର୍ମା ଗସ୍ତ କରି ପ୍ରଭାବିତଙ୍କୁ ଭେଟିଛନ୍ତି। ଦୁଇଟି ବନ୍ୟାରେ ଏସବୁ ଅଞ୍ଚଳର ଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ଦୁର୍ଗତଙ୍କୁ ବ୍ୟଥିତ କରିଛି। ତୁରନ୍ତ ରାଜକନିକାର ସମସ୍ତ ବନ୍ୟା ପ୍ରଭାବିତ ଅଞ୍ଚଳକୁ ବନ୍ୟାଞ୍ଚଳ ଘୋଷଣା କରିବାକୁ ଦେବସ୍ମିତା ଦାବି କରିଛନ୍ତି। ଦେବସ୍ମିତାଙ୍କ ସହ ବ୍ଲକ କଂଗ୍ରେସ ନେତା ମଙ୍ଗୁଲି ବେହେରା, କାଟଣାବଣିଆ ପଞ୍ଚାୟତର ଶହ ଶହ କର୍ମୀ ବିଭିନ୍ନ ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥିଲେ। ପରେ ଦେବସ୍ମିତା ମଦରଙ୍ଗାପାଟର ଗୋପବନ୍ଧୁ ଯୁବ ଷ୍ଟାର କ୍ଲବ୍ ପକ୍ଷରୁ ଆୟୋଜିତ ଗଣେଶ ପୂଜାରେ ସାମିଲ ହୋଇଥିଲେ।

## ପଟ୍ଟାମୁଣ୍ଡାଇ-ରାଜନଗର ବନ୍ଧ ରାସ୍ତାରେ ପୁଣି ଦୁର୍ଘଟଣା



ମାଳିପୁର, ୨୯।୮ (ସମିସ): ଦିନକୁ ଦିନ ବଢ଼ିଚାଲିଛି ପଟ୍ଟାମୁଣ୍ଡାଇ-ରାଜନଗର ବନ୍ଧ ରାସ୍ତାରେ ଦୁର୍ଘଟଣା। ଆଜି ଭୋର ସମୟରେ ଏକ ବଜୁରୀ ବୋଝେଇ ହାଇୱା ପଟ୍ଟାମୁଣ୍ଡାଇ ପଟରୁ ରାଜନଗର ଦିଗରେ ଯାଉଥିବାବେଳେ ଖରାପ ରାସ୍ତା ହେତୁ ସନ୍ତୁଳନ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଚାଳକ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଥିବାବେଳେ ଗତ ମାସକ ମଧ୍ୟରେ ଦୁଇଟି ବଡ଼ ଦୁର୍ଘଟଣାରେ ଦୁଇ ଜଣଙ୍କର ଜୀବନ ହାନି ଘଟିଥିବାବେଳେ ଜଣେ ଡ୍ରାଇଭର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଘଟଣା ଅନୁଯାୟୀ ଗତ ମାସକ ତଳେ ମଦନପୁର ନିକଟରେ ଏକ ବସ୍ ସ୍କୁଟିକୁ ଧକ୍କା ଦେବା ଫଳରେ ଦୁଇଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୂର୍ତ୍ତ ରାସ୍ତାର ପାର୍ଶ୍ୱବର୍ତ୍ତୀ ପାଦ ଚଲା ରାସ୍ତା ବଣ ବୁଦାରେ ପରିପୂର୍ଣ୍ଣ ଥିବାରୁ ରାସ୍ତାରେ ଯାଉଥିବା ବସ୍ ଡ୍ରାଇଭର ଓ ଆପ୍ରଚରୋଡରୁ ପୂର୍ତ୍ତ ବିଭାଗ ରାସ୍ତାକୁ ଉଠୁଥିବା ସ୍କୁଟି ଆରୋହୀ ପରସ୍ପରକୁ ଦେଖିପାରି ନ ଥିବାରୁ ଦୁର୍ଘଟଣା ଘଟିଥିଲା। ରାସ୍ତା କଡ଼ରୁ ବଣ ବୁଦା ସଫା କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଥିଲେ ବି ଠିକାଦାର ରାସ୍ତା ପାର୍ଶ୍ୱରୁ ବଣ ବୁଦା ସଫା ନ କରି ସରକାରୀ ଅର୍ଥ ହଡପ କରିବାରେ ମସଗୁଲ ଅଛନ୍ତି। ସେହିଭଳି ଅଢ଼ାଯୋରିଠାରୁ ପଟ୍ଟାମୁଣ୍ଡାଇ ପର୍ଯ୍ୟନ୍ତ ରାସ୍ତାରେ ବିରାଟ ଖାଲ ସୃଷ୍ଟି ହୋଇ ରାସ୍ତା ଅବସ୍ଥା ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି। ବାରମ୍ବାର ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପରେ ମଧ୍ୟ ପୂର୍ତ୍ତ ବିଭାଗ ରାସ୍ତା ମରାମତି ନ କରି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବାରୁ ଜନସାଧାରଣ ଓ ଯାନବାହାନ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେବା ସହିତ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳୁଛି।

● ପଞ୍ଜୀକରଣ ବନ୍ଦ

## ସମବାୟ ସମିତିରୁ ନିରାଶ ହୋଇ ଫେରିଲେ ଚାଷୀ

ପଟ୍ଟାମୁଣ୍ଡାଇ, ୨୯।୮ (ସମିସ): ରାଜ୍ୟ ସରକାର ଖରିଫ ଧାନ ପଞ୍ଜୀକରଣ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବା ନେଇ ଘୋଷଣା କରିଥିଲେ। ମାତ୍ର ୨୫ ତାରିଖ ମଧ୍ୟରାତ୍ରରେ ସରକାର ହଠାତ୍ ସାଇଟ୍ ବନ୍ଦ କରିଦେଲେ। ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ୧୪ଟି ସମବାୟ ସମିତିର ଶତାଧିକ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଶହ ଶହ ଚାଷୀ ପଞ୍ଜୀକରଣ ପାଇଁ ଚାଷ କାମ ଛାଡି ବିଭିନ୍ନ ଅଞ୍ଚଳରେ ଥିବା ପ୍ରାଥମିକ କୃଷି ସେବା ସମବାୟ ସମିତିକୁ ଯାଇ ପଞ୍ଜୀକରଣ କରି ନ ପାରି ନିରାଶ ହୋଇ ଫେରିଛନ୍ତି। ପଟ୍ଟାମୁଣ୍ଡାଇ ଅଞ୍ଚଳର ବଡ଼ମୂଳବସନ୍ତ, ନରସିଂହପୁର, ଓଉପଦା, ସଂସାରଫଳ, ଖଡ଼ିଅଣ୍ଟା, ଶ୍ୟାମସୁନ୍ଦରପୁର, ଅଳଭା, ବଡଜରିଆ, ଚନ୍ଦନନଗର, ପେଣ୍ଠପାଳ, କଷଣଅଣ୍ଟା, ଡାମରପୁର, ବଡ଼ପଡ଼ା, ତେରୋହୀ ସମବାୟ ସମିତିର ଶତାଧିକ ଚାଷୀ ପଞ୍ଜିକରଣ କରି ନ ଥିବା ଜଣାପଡ଼ିଛି। ହଜାର ହଜାର ଟଙ୍କା ଖର୍ଚ୍ଚ କରି ଚାଷ କରିଥିବା ଚାଷୀ ଉତ୍ପାଦିତ ଧାନ ଅଦର ଦରରେ ବିକ୍ରି କରି କିପରି ଲାଭବାନ ହେବେ, ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଓ ସମବାୟ ମନ୍ତ୍ରୀ ପଟ୍ଟାମୁଣ୍ଡାଇ ଅଞ୍ଚଳର ଚାଷୀଙ୍କୁ ପଞ୍ଜୀକରଣ ସୁବିଧା ଯୋଗାଇ ଦେବା ଦିଗରେ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

## କେବେ ଦୂରହେବ ତରଡ଼ିପାଳ ପଞ୍ଚାୟତର ପାନୀୟଜଳ ସମସ୍ୟା

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୨୯।୮ (ସମିସ): ପାନୀୟଜଳ ଯୋଗାଣ ପାଇଁ ପୂର୍ବ ସରକାର ଓ ବର୍ତ୍ତମାନର ସରକାର ଗୁରୁତ୍ୱ ଦେଉଥିବାବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଧୋୟାଞ୍ଚଳର ତରଡିପାଳ ପଞ୍ଚାୟତର ଚିତ୍ର ଭିନ୍ନ। ୨୦୧୮ରେ ପଞ୍ଚାୟତର ପାନୀୟଜଳ ଯୋଗାଣ ସମସ୍ୟା ଦୂର ନିମନ୍ତେ ତରଡିପାଳ ପଞ୍ଚାୟତରେ ଏକଲକ୍ଷ ଲିଟର ବିଶିଷ୍ଟ ଓଭର୍‌ହେଡ୍ ଟାଙ୍କି ନିର୍ମାଣ କରାଯାଇଥିଲା। ଏହାକୁ ନିର୍ମାଣ କରିଥିବା ଠିକାଦାର ୨୬ ଲକ୍ଷ ଟଙ୍କା ନେଇ ଛୁ ମାରିଥିବାବେଳେ ଏହା ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇ ନ ଥିବା ଅଭିଯୋଗ ହୋଇଛି। ଠିକାଦାରଙ୍କ ତତ୍କାଳୀନ ସରପଞ୍ଚଙ୍କ ସହିତ ଭିତିରି ବୁଝାବଣା ହୋଇଥିବା କାରଣରୁ ଏପରି ସମସ୍ୟା ଉପୁଜିଛି ବୋଲି ତରଡିପାଳ ପଞ୍ଚାୟତବସୀ ଅଭିଯୋଗ କରିଛନ୍ତି। ପାନୀୟଜଳ ସମସ୍ୟା ଥିବା ରାମନାୟକଡିଆ, ପୋଖରୀକୂଳ, ତୁଳସୀଡିଆ ଓ ଘାଗରାଡିଆ ଜନସାଧାରଣଙ୍କ ପାନୀୟଜଳ ସମସ୍ୟା ଦୂର କରିବା ପାଇଁ ଏହି ଓଭରହେଡ ଟାଙ୍କିର ମୁଖ୍ୟ ଭୂମିକା ଥିବାବେଳେ ଏହି ପ୍ରକଳ୍ପ ବାବଦକୁ ୨୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ପଞ୍ଚାୟତକୁ ଏହା ହସ୍ତାନ୍ତର ହୋଇପାରିଲାନାହିଁ। ବିଗତ ଦଶନ୍ଧି ମଧ୍ୟରେ ଦୁଇ ଦୁଇଜଣ ସରପଞ୍ଚଙ୍କ କାର୍ଯ୍ୟକାଳ ମଧ୍ୟରେ ଏହି ଓଭରହେଡ ଟାଙ୍କି ହସ୍ତାନ୍ତର ହୋଇପାରିନାହିଁ। ତରଡିପାଳ ସରପଞ୍ଚ ଦେବବ୍ରତ ନାୟକଙ୍କୁ ପଚାରିବାରୁ ପଞ୍ଚାୟତକୁ ଉକ୍ତ ପାଣି ଟାଙ୍କି ପ୍ରକଳ୍ପ ହସ୍ତାନ୍ତର ହୋଇନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପ୍ରଶ୍ନ ଉଠେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଇଥିବା ଓଭରହେଡ୍ ଟାଙ୍କି ଯଦି ଜନସାଧାରଣଙ୍କ କାର୍ଯ୍ୟରେ ଲାଗୁନାହିଁ ତେବେ ଏହି ପ୍ରକଳ୍ପ କାହା ସ୍ୱାର୍ଥରେ ନିର୍ମାଣ କରାଯାଇଥିଲା ବୋଲି ପଞ୍ଚାୟତବାସୀ ପ୍ରଶ୍ନ କରିଛନ୍ତି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଏହି ପ୍ରକଳ୍ପ ୨୦୨୨ଠାରୁ କାର୍ଯ୍ୟକ୍ଷମ ଅଛି। ଯାହାକି ପଟ୍ଟାମୁଣ୍ଡାଇ ପାନୀୟଜଳ ଯୋଗାଣ ବିଭାଗ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତରଡିପାଳ ପଞ୍ଚାୟତର ଅର୍ଦ୍ଧାଧିକ ଗ୍ରାମ ପାନୀୟ ଜଳରୁ ବଞ୍ଚିତ ହେଉଥିବାବେଳେ ବିଭାଗ କେମିତି ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିଲା ତଥ୍ୟ ଭୁଲ ଭାବେ ପ୍ରଦାନ କରିଛି, ତାହା ପଞ୍ଚାୟତବାସୀଙ୍କୁ ଚକିତ କରିଛି। ଆଗାମୀ ଦିନରେ ଯଦି ଏହାର ସମାଧାନ କରା ନ ଯାଇ ଓଭରହେଡ୍ ଟାଙ୍କି କାର୍ଯ୍ୟକ୍ଷମ ନ ହୁଏ, ତେବେ ପଞ୍ଚାୟତବାସୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଘେରଉ କରିବାକୁ ବାଧ ହେବେ ବୋଲି ଅଭିଷେକ ବିଶ୍ୱାଳ, ପ୍ରତାପ ରାଉତ, ଅର୍ଜୁନ ସୂତାର, ମହେଶ୍ୱର ବିଶ୍ୱାଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଲୁଟ୍ ବେଳେ ଦୁର୍ଘଟଣାର ଶିକାର ହେଲେ ଲୁଟେରା

ନୟାଗଡ଼, ୨୯।୮ (ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅଞ୍ଚଳରେ ଦୁଇ ଜଣ ଲୁଟେରା ବାଇକ୍ ଯୋଗେ ଲୁଟ କରିବାକୁ ଚେଷ୍ଟା କରି ଦୁର୍ଘଟଣାର ଶିକାର ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଓଡ଼ଗାଁର ଗୀତାଞ୍ଜଳି ସାହୁ ଏବଂ ତାଙ୍କ ସ୍ୱାମୀ ଲକ୍ଷ୍ମଣ ସାହୁ ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଆସୁଥିଲେ। ପଣ୍ଡୁସର ଓ ଇଟାମାଟି ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ଏକ ଢାବା ସାମ୍ନାରେ ଦୁଇ ଲୁଟେରା ତାଙ୍କୁ ପିଛା କରି ଗୀତାଞ୍ଜଳିଙ୍କୁ ଭ୍ୟାନିଟ ବ୍ୟାଗ ଛଡ଼ାଇବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଲକ୍ଷ୍ମଣ ଗାଡ଼ିକୁ ସ୍ପିଡ୍ କରି ଦେବାରୁ ଗୀତାଞ୍ଜଳି ସ୍କୁଟିରୁ ଖସି ପଡ଼ିଥିଲେ। ଏହା ସହିତ ଦୁଇ ଲୁଟେରା ମଧ୍ୟ ବାଇକକୁ ପଡ଼ି ଗୁରୁତର ଆହାତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁଇ ଲୁଟେରାଙ୍କୁ କାବୁ କରି ନିର୍ଦ୍ଦୁମ ମାଡ଼ ମାରିବା ସହ ପୁଲିସକୁ ଖବର ଦେଇଥିଲେ। ଇଟାମାଟି ପୁଲିସ ପହଞ୍ଚି ଉଭୟଙ୍କୁ ଡାକ୍ତରଖାନା ପଠାଇଥିଲେ। ଏହି ଘଟଣାକୁ ନେଇ ଇଟାମାଟି ଥାନାରେ ଏକ ମାମଲା ରୁଜୁ ହୋଇଛି। ଲୁଟେରା ଦୁଇ ଜଣ ହେଲେ ଭୁତ? ଗ୍ରାମର ଅକ୍ରୁର ନାୟକ ଏବଂ ଲାଠିପଡ଼ା ଗ୍ରାମର ଧିର ନାୟକ। ପୁଲିସ ଦୁଇ ଜଣଙ୍କୁ ଅଟକ ରଖିଥିବା ସୂଚନା ମିଳିଛି।

### ଦିନକ ପରେ ପୌର ପରିଷଦ ପାଳନ କରିବ ସ୍ୱାୟତ୍ତ ଶାସନ ଦିବସ

# ବୁଲା ଗୋରୁ, ଷଣ୍ଢଙ୍କ କବ୍‌ଜାରେ ପଟ୍ଟାମୁଣ୍ଡାଇ ସହର

ପଟ୍ଟାମୁଣ୍ଡାଇ, ୨୯।୮ (ସମିସ):




ଦିନକ ପରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ପାଳନ କରିବ ସ୍ୱାୟତ୍ତ ଶାସନ ଦିବସ। ତେବେ ବୁଲା ଗୋରୁ, ଷଣ୍ଢ, ଛେଳି ମେଣ୍ଢା ଓ କୁକରଙ୍କୁ ସହରରୁ ହଟାଇ ପାରିଲାନି ପୌର ପରିଷଦ। ପଟ୍ଟାମୁଣ୍ଡାଇ ସହର ବୁଲା ଷଣ୍ଢ, ଗୋରୁଙ୍କ କବ୍‌ଜାରେ ରହିଛି। ଫଳରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏମାନଙ୍କୁ ହଟାଇବାରେ ପଟ୍ଟାମୁଣ୍ଡାଇ ପୌରପରିଷଦ ବହୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରିନାହିଁ। ସହର ମଧ୍ୟରୁ ବୁଲା ଗୋରୁ, ଷଣ୍ଢ, ଛେଳି, ମେଣ୍ଢା କୁକୁର ଆଦି ହଟାଇବାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ବିଫଳ ହୋଇଥିବା ନେଇ ଚର୍ଚ୍ଚା ଚାଲିଛି। ଗୋରୁ, ଷଣ୍ଢ, ଛେଳିମେଣ୍ଢା, କୁକୁରଙ୍କ ଉପଦ୍ରବ ଯୋଗୁଁ ପଟ୍ଟାମୁଣ୍ଡାଇ ସହରରେ ଟ୍ରାଫିକ ସମସ୍ୟା ଗୁରୁତର ହୋଇପଡ଼ିଛି। ପୌର ପରିଷଦ ବାରମ୍ବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର କରିଥିଲେ ମଧ୍ୟ ଫଳ କିଛି ହୋଇନାହିଁ। କାଞ୍ଜିଆହୁଦା ଏବେ ଅକାମି ହୋଇପଡ଼ିଛି। ପଟ୍ଟାମୁଣ୍ଡାଇ ପୌର ପରିଷଦ ବୈଠକରେ ବୁଲା ଗୋରୁ, ଷଣ୍ଢ, ଛେଳି ମେଣ୍ଢା, କୁକୁର ହଟାଇବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏମାନଙ୍କୁ ଧରି ବଡ଼ ଆକାରରେ ଜରିମାନା କରିବା ନଚେତ ନିଲାମ କରି ବିକି ଦେଲେ ମାଲିକଙ୍କ ମଧ୍ୟରେ ଛନକା ପଶିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଥିଲେ ମଧ୍ୟ ବସ୍ତୁତଃ କିଛି ନ କରି ପୌର ପ୍ରଶାସନ ଚୁପ ରହିଛି। ପଟ୍ଟାମୁଣ୍ଡାଇ ସହରକୁ ପୌରାଞ୍ଚଳ ଘୋଷଣା କରାଯିବାର ୩୬ ବର୍ଷ ଅତିକ୍ରାନ୍ତ ପରେ ବିଭିନ୍ନ ସମସ୍ୟାରେ ଲୋକେ ଛନ୍ଦି ହୋଇପଡ଼ିଛନ୍ତି। ପଟ୍ଟାମୁଣ୍ଡାଇ ସହରର ମୁଖ୍ୟ ସମସ୍ୟା ଜଳ ନିଷ୍କାସନ ଏବେବି ଅସମାହିତ ଓ ଏପରିକି ସହରରୁ ବୁଲା ଷଣ୍ଢ, ଗୋରୁ,

**କେବେ ସୁଧୁରିବ ଟ୍ରାଫିକ୍ ସମସ୍ୟା**

ମେଣ୍ଢାଛେଳି ଓ କୁକୁରଙ୍କୁ ହଟାଇବାରେ ପୌର ପରିଷଦ ବିଫଳ ହେବା ଘଟଣା ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବୁଲା ଷଣ୍ଢ, ଗୋରୁ ବହୁସଂଖ୍ୟାରେ ସହରର ମୁଖ୍ୟ ରାସ୍ତା ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକରେ ଠିଆ ହେବା ସହିତ ଶୋଇ ରହି ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛନ୍ତି। ଫଳରେ ରାସ୍ତା ଜାମ ରହୁଛି। ସନ୍ଧ୍ୟା ପରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରୁଛି। ଜରୁରିକାଳୀନ ସେବାରେ ନିୟୋଜିତ ଦମକଳ ଓ ଆମ୍ବୁଲାନ୍ସ ଗାଡ଼ି ଯିବାରେ ମଧ୍ୟ ବାଧା ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ସହରର ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ବୈଠକ ହୋଇଛି ସତ, ମାତ୍ର ଫଳ ଶୂନ। ଟ୍ରାଫିକ ସମସ୍ୟା ଉତ୍କଟ ହେଉଥିବାରୁ ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି ଜରୁରୀ କାମରେ ପଟ୍ଟାମୁଣ୍ଡାଇ ସହରକୁ ଆସୁଥିବା ଲୋକଙ୍କ ସହ ସ୍କୁଲ କଲେଜ ଛାତ୍ରୀଛାତ୍ର ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଟ୍ଟାମୁଣ୍ଡାଇ ସହରର ମଧ୍ୟଭାଗ ବସଷ୍ଟାଣ୍ଡ, ମେଡିକାଲ ଛକ, ବାଇପାସ ଛକ, କଲେଜ ରୋଡ, ସରକାରୀ ବାଳିକା ହାଇସ୍କୁଲ ଛକ, ବକ୍ତାରପୁର ଛକ, କଟକ-ଚାନ୍ଦବାଲି ମୁଖ୍ୟରାସ୍ତା, ବିଜୁ ପଟ୍ଟନାୟକ ଛକ ଆଦି ଅଞ୍ଚଳରେ ବୁଲା ଷଣ୍ଢ, ଗୋରୁ ବହୁ ସଂଖ୍ୟାରେ ମେଳିବାନ୍ଧି ଠିଆ ହେବା ସହିତ ଶୋଇ ରହୁଥିବାରୁ ବହୁ ସମୟରେ ଯାତାୟାତ ସମ୍ପୂର୍ଣ୍ଣ ଠପ ହୋଇଯାଉଛି। ମାତ୍ର ୧ କିମି ବଜାର ରାସ୍ତା ଅତିକ୍ରମ କରିବାକୁ ଘଣ୍ଟାଏରୁ ଅଧିକ ସମୟ ଲାଗୁଛି। ପଟ୍ଟାମୁଣ୍ଡାଇ ସହରର ବିପର୍ଯ୍ୟୟ ଟ୍ରାଫିକ ସମସ୍ୟା ଦୂର କରିବାରେ ପୌର କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ଅବିଳମ୍ବେ ଫଳପ୍ରଦ ପଦକ୍ଷେପ ନ ନେଲେ ସାଧାରଣରେ ସୃଷ୍ଟି ହୋଇଥିବା ଅସନ୍ତୋଷ ଆଗାମୀ ଭବିଷ୍ୟତରେ ଉଗ୍ର ରୂପ ଧାରଣ କରିବା ସମ୍ଭାବନା ରହିଛି।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶିଖର ନାୟକ
ମାଛପଦା (ଗୋଡା), ବୋରିକିନା, ଜଗତ୍‌ସିଂହପୁର
ଆବିର୍ଭାବ - ୦୧/୦୬/୧୯୪୯
ତିରୋଧାନ - ୨୦/୦୮/୨୦୨୫
ଜନ୍ମ ଅଛି ମାନେ ମୃତ୍ୟୁ ସୁନିଶ୍ଚିତ। ଏହି ନିଷ୍ଠୁର ସତ୍ୟକୁ ବା କିଏ କେମିତି ବଦଳାଇ ପାରିଥାନ୍ତା? ଯଥାସମ୍ଭବ ଚେଷ୍ଟା କରିଥିଲୁ। ହେଲେ ଭଗବାନଙ୍କର ନିଷ୍ପତ୍ତି ଥିଲା ଭିନ୍ନ। ଆମ ମୁଣ୍ଡ ଉପରୁ ତମର ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଯେଉଁଠି ଥାଅ ଭଲରେ ଥାଅ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାଅ।
ଶୋକସନ୍ତପ୍ତ: ପୁଅ- ସରୋଜ, ନିରୋଦ, ହେମନ୍ତ, ଶୋକସନ୍ତପ୍ତ: ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଓ ପରିବାରବର୍ଗ

## ଦଶରଥପୁରରେ ସୁଧୁରୁଛି ବନ୍ୟା ସ୍ଥିତି

# ଉଜୁଡ଼ିଗଲା ବର୍ଷକର ଆହାର; ଚିନ୍ତାରେ ଚାଷୀ



**ଦଶରଥପୁର, ୨୯।୮ (ସମିସ)**

ଦଶରଥପୁର ବ୍ଲକରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟା ସ୍ଥିତିରେ ଉନ୍ନତି ହୋଇଛି। ବ୍ଲକର କସପା, ବ୍ରହ୍ମଚାରିପାଟଣା, କମାଳପୁର, ନୂଆଶାସନ, ପଛପଡ଼ା, ଅହିୟାସ, ମଲ୍ଲିକାପୁର, ମହାନ୍ତିପାଟଣା, ଜୟନ୍ତରା ମହାପାତ୍ର ସାହି ଅଞ୍ଚଳକୁ ବାଦ ଦେଲେ ଆଉ ସବୁ ବନ୍ୟା ପ୍ରଭାବିତ ଅଞ୍ଚଳର ଅବସ୍ଥା ଏକ ପ୍ରକାର ସ୍ୱାଭାବିକ ହୋଇଛି। ତେବେ ଚଳିତ ବନ୍ୟା ସମେତ କସପା ପଞ୍ଚାୟତ ଦରଘା ଘାଇ ବ୍ଲକର ଖରିଫ ଧାନ ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ରୁଆ ହୋଇଥିବା ଧାନ କ୍ଷେତ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି। ବନ୍ୟା ପାଣି ହ୍ରାସ ପାଇବା ପରେ ଜନସାଧାରଣ ବନ୍ୟା ଆଗରେ ହାର ନ ମାନି ପୁଣି ଥରେ ସଳଖି ଠିଆ ହେବାକୁ ଉଦ୍ୟମ କରୁଥିବା ବେଳେ ବନ୍ୟା ଧାନ ଚାଷୀଙ୍କ ସର୍ବନାଶ କରିଛି। ବନ୍ୟାରେ ବ୍ଲକରେ ୫ ହଜାର ହେକ୍ଟରରୁ ଅଧିକ ଜମିରେ ଖରିଫ ଧାନ ଚାଷ ଉଜୁଡି ଯିବାରୁ ଏବେ ବର୍ଷକର ଖାଦ୍ୟ ଚିନ୍ତାରେ ଚାଷୀ ବନ୍ୟା ପାଣିରେ ବୁଡ଼ି ଥିବା କ୍ଷେତକୁ ଅନାଇ ବସିଛି। ଅନ୍ୟପକ୍ଷରେ ବନ୍ୟାରେ ବ୍ଲକକୁ ବନ୍ୟାଞ୍ଚଳ ପାଇଁ ସରକାରଙ୍କ ତରଫରୁ ୧ମ ପର୍ଯ୍ୟାୟରେ ୫୪.୨ ମେଟ୍ରିକ ଟନ ଗୋଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ୨ୟ ଏବଂ ୩ୟ ପର୍ଯ୍ୟାୟରେ ୫୭.୨ ମେଟ୍ରିକ ଟନ ଲେଖାଏଁ ଗୋଖାଦ୍ୟ ଯୋଗାଇ ଦିଆଯାଇଥିବା ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ଅନେକ ସ୍ଥାନରେ ବଣ୍ଟନ ପ୍ରକ୍ରିୟାରେ ଅନିୟମିତତା ଯୋଗୁଁ ବନ୍ୟାଞ୍ଚଳର ଗୃହପାଳିତ ପ୍ରାଣୀମାନେ ଖାଦ୍ୟ ଅଭାବରୁ ଡହଳ ବିକଳ ହେଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଗୃହପାଳିତ ପ୍ରାଣୀମାନଙ୍କୁ ଯଥାଶୀଘ୍ର ସଠିକଭାବେ ଗୋଖାଦ୍ୟ ଯୋଗାଇ ଦେବାକୁ ପଶୁପ୍ରେମୀ ଦାବି କରିଛନ୍ତି। ବନ୍ୟାରେ ଉଜୁଡି ଯାଇଥିବା ଧାନ ଚାଷର ସଠିକ ତଦନ୍ତ କରି କ୍ଷତିଗ୍ରସ୍ତ ଧାନ ଚାଷୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ବନ୍ୟା ପ୍ରଭାବିତ ଧାନ ଚାଷୀ ଦାବି କରିଛନ୍ତି।



### ରେଙ୍ଗାଲିର ସମସ୍ତ ଗେଟ୍ ବନ୍ଦ

## ବ୍ରାହ୍ମଣୀ ଓ ଶାଖା ନଦୀରେ ଖସୁଛି ବନ୍ୟାଜଳ

**ଧର୍ମଶାଳା, ୨୯।୮ (ସମିସ):** ବ୍ରାହ୍ମଣୀ ଓ ଏହାର ଶାଖା ନଦୀ ଗୁଡିକ ଗତ ୩ ଦିନ ହେବ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ ଗତକାଲି ରାତିରୁ ଧିରେ ଧିରେ ବନ୍ୟାଜଳ ଖସୁଥିବା ଦେଖିବକୁ ମିଳିଛି। ରେଙ୍ଗାଲି ଡ୍ୟାମର ଉପରମୁଣ୍ଡରେ ଭାରି ବର୍ଷା ଲାଗିରହିବାରୁ ଡ୍ୟାମର ଜଳପତନ ବୃଦ୍ଧି ପାଇଥିଲା। ବନ୍ୟା ନିୟନ୍ତ୍ରଣ ପାଇଁ ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମର ୩ ଗୋଟି ଗେଟ ଗତ ୩ ଦିନ ହେବ ଖୋଲାଯାଇଥିଲା। ତେବେ ରେଙ୍ଗାଲି ଡ୍ୟାମର ପର୍ଯ୍ୟାୟ କ୍ରମେ ୩ ଗୋଟି ଗେଟ ବନ୍ଦ କରିବା ପରେ ନଦୀରେ ଜଳପତନ ଧିରେ ଧିରେ ହ୍ରାସ ପାଇବାରେ ଲାଗିଛି। ଜେନାପୁର ଠାରେ ଆଜି ସନ୍ଧ୍ୟା ସୁଦ୍ଧା ଜଳପତନ ୬୧.୪୦ ଫୁଟରେ ରହିଥିଲା। ତେବେ ନଦୀରେ ଜଳପତନ କମୁଥିବା ନଦୀର ତଳିଆ ଅଞ୍ଚଳରେ ଅନେକ ଚାଷ ଜମିରେ ବନ୍ୟାଜଳ ବୁଡ଼ି ରହିଛି। ଏବେ ବନ୍ୟା କମିବା ପରେ ଚାଷ ଜମିରେ ହୋଇଥିବା ପନିପରିବା ଚାଷ ଗୁଡିକ ସମ୍ପୁର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ତେବେ ଧାନ ଫସଲ ଆଂଶିକ ଭାବେ କ୍ଷତି ହୋଇଛି। ଯାହାକୁ ନେଇ ଚଷୀମାନଙ୍କ ମଧ୍ୟରେ ଭାଳେଣି ପଡ଼ିଯାଇଛି। ଏହି ବନ୍ୟାରେ କୃଷ୍ଣଦାସପୁର ଓ ବରୁଆଁ ରାସ୍ତାର ଭଗବାନପୁର ଠାରେ ୨ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇ ଯାତାୟତ ବନ୍ଦ ରହିଥିବା ବେଳେ ଏବେ ଜଳସ୍ତର ହ୍ରାସ ପାଇବାରୁ ଉକ୍ତ ରାସ୍ତା ଦେଇ ଯାତାୟତ ସ୍ୱାଭାବିକ ହୋଇଛି।



ଯାଜପୁର ପୌରାଞ୍ଚଳରେ ଅନୁଷ୍ଠିତ ଗଣେଶ ପୂଜା ମଣ୍ଡପ ବୁଲିଦେଖିଲେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ

## ପୂଜା ମଣ୍ଡପ ବୁଲିଲେ ବିଧାୟକ



**ଶଙ୍ଖଚିଲା, ୨୯।୮ (ସମିସ):** କୋରେଇ ବ୍ଲକ ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲ ସ୍କୁଲର ୧୮ଟି ପୁରାତନ ବ୍ୟାଚ ମାନଙ୍କ ଦ୍ୱାରା ଆୟୋଜିତ ୧୮ ଗୋଟି ଗଣେଶ ପୂଜା ମଣ୍ଡପ ବୁଲି ଗଜାନନଙ୍କ ଆଶୀର୍ବାଦ ନେଇଛନ୍ତି ବିଧାୟକ ଆକାଶ ଦାସନାୟକ। ଯାଜପୁର ସାଂସଦ କୋରେଇ ପ୍ରତିନିଧି ପ୍ରମୋଦ କୁମାର ସାହୁ, ମହିଳା ନେତ୍ରୀ ଜୟନ୍ତୀ ସାହୁ, ଦିପ୍ତିମୟୀ କୁଅାଁର, ପ୍ରୀତିରଞ୍ଜନ ସାହୁ, ଦୀପକ ଦାଶ, ଦୀପକ ଗୁରୁ, ସୁଜିତ ସାହୁ, ମାନସ ସାହୁ, ଗୋବିନ୍ଦ ଦାସ, ଯୁବନେତା ଆଲୋକ ଦାଶ, ଅବିନାଶ ସାହୁ, ସୁରଜ ସାହୁ, ସରୋଜ ସାହୁ ସମେତ ଅନେକ ବିଜେପି କର୍ମୀ ଉପସ୍ଥିତ ରହିଥିଲେ।

### ଦୁଇ ଥାନା ମଧ୍ୟରେ ସୀମା ବିବାଦ

## ୮ ଘଣ୍ଟା ପଡ଼ିରହିଲା ନାବାଳିକାର ମୃତଦେହ

**ବ୍ୟାସନଗର, ୨୯।୮ (ସମିସ):** ଶୁକ୍ରବାର ସକାଳ ସମୟରେ ଯାଜପୁର କେନ୍ଦୁଝର ରୋଡ ରେଳଷ୍ଟେସନ ନିକଟ ରେଳବାଇ ଓଭରବ୍ରିଜ୍ ତଳୁ ଏକ ୮ ବର୍ଷ ବାଳିକାର ମୃତଦେହ ଉଦ୍ଧାର ହୋଇଛି। ମୃତଦେହ କପଡ଼ାରେ ଢଙ୍କା ଯାଇ ହାଲକା ନାଳ ଭଳି ଅଂଶରେ ପଡ଼ିରହିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପାରିପାର୍ଶ୍ୱିକ ପରିସ୍ଥିତି ଦେଖିଲେ ହତ୍ୟା କରାଯାଇଥିବା ସନ୍ଦେହ ସୃଷ୍ଟି ହେଉଛି। ତେବେ ମୃତ ନାବଳିକାର ପରିଚୟ ମିଳିନାହିଁ। ତେବେ ମୃତଦେହକୁ ଦେଖିଲେ ଲାଗୁଛି କୌଣସି ଡାକ୍ତରଖାନାରେ ମୃତ୍ୟୁ ପରେ ମୃତଦେହକୁ ରେଳଲାଇନ ପାଖରେ ପକାଇ ଦିଆଯାଇଛି। ତେବେ ଥାନା ସୀମା ବିବାଦ ଯୋଗୁଁ ମୃତଦେହ ଅନେକ ସମୟଧରି ଘଟଣାସ୍ଥଳରେ ପଡ଼ିରହିଥିଲା। ମୃତ ଶରୀର ପଡ଼ିଥିବା ସ୍ଥାନ ଯାଜପୁର ରୋଡ ଥାନା କି ରେଳବାଇ ପୁଲିସ କାହା ଏରିଆରେ ଆସୁଛି ଏ ନେଇ ବିବାଦ ହେବାରୁ ତଦନ୍ତରେ ୮ ଘଣ୍ଟା ବିଳମ୍ବ ହୋଇଥିଲା। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଶେଷରେ ଯାଜପୁର ରୋଡ ପୁଲିସ ୩୮/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

## ବ୍ୟବସାୟଙ୍କଠାରୁ ଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ

**ଯାଜପୁର, ୨୯।୮ (ସମିସ):** ଯାଜପୁର ଜନଗହଳିପୂର୍ଣ୍ଣ ରେଡ୍‌କ୍ରସ ଛକ ନିକଟରୁ ଏକ ବ୍ୟବସାୟଙ୍କ ଠାରୁ ଦୁର୍ବୃତ୍ତ ଶୁକ୍ରବାର ମଧ୍ୟାହ୍ନରେ ଟଙ୍କା ବୋଝେଇ ବ୍ୟାଗକୁ ଝାମ୍ପି ନେଇଥିବା ନେଇ ଯାଜପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଚିତାଳୋ ପଞ୍ଚାୟତ ଝାଡ଼ଗାଁ ଗ୍ରାମର ତାରାକାନ୍ତ ଶତପଥୀଙ୍କର ଯାଜପୁର ଅଠରନଳା




(କୁଆଁସରପୁର) ନିକଟରେ ଏକ ଗ୍ରୋସରୀ ହୋଲସେଲିଂ ଦୋକାନ ରହିଛି। ସହରର ବିଭିନ୍ନ ବ୍ୟବସାୟୀକୁ ସାମଗ୍ରୀ ପ୍ରଦାନ କରି ସପ୍ତାହରେ ଦୁଇଥର ଅର୍ଥ ଆଦାୟ କରିଥାନ୍ତି। ଶୁକ୍ରବାର ବ୍ୟବସାୟୀ ତାରାକାନ୍ତ ଶତପଥୀ ଛୋଟ ଛୋଟ ବ୍ୟବସାୟୀଙ୍କ ଠାରୁ ପାଖାପାଖି ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆଦାୟ କରି ନିଜ ବାଇକ୍ ହେଣ୍ଡେଲରେ ବ୍ୟାଗଟିକୁ ଓଳାଇଥିବା ବେଳେ ଦୁର୍ବୃତ୍ତ ଏକ ପଲସର ଗାଡ଼ିରେ ଆସି ବ୍ୟାଗଟିକୁ ଝାମ୍ପି ନେଇ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ଏ ନେଇ ବ୍ୟବସାୟୀ ତାରାକାନ୍ତ ଶତପଥୀ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଯାଜପୁର ଥାନାରେ ଏକ ଚୋରି ମାମଲା ରୁଜୁ କରାଯାଇଥିବା ନେଇ ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ସୂଚନା ଦେବା ସହ ମାମଲାର ତଦନ୍ତ ଏସ୍ଆଇ ତୃପ୍ତୀମୟୀ ରାଉତ କରୁଛନ୍ତି ବୋଲି କହିଛନ୍ତି। ପୁଲିସ ଘଟଣାକୁ ଗୁରୁତର ସହ ନେଇ ଉପରୋକ୍ତ ଅଞ୍ଚଳରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚ କରିଛି। କେଉଁ କେଉଁ ଦୋକାନରୁ ସମ୍ପୃକ୍ତ ବ୍ୟବସାୟୀ କେତେ ଟଙ୍କା ଆଦାୟ କରିଥିଲେ ଓ ନିଜେ ପ୍ରତିଷ୍ଠାନରୁ କେତେ ଟଙ୍କା ଆଣିଥିଲେ ସେ ନେଇ ପୁଲିସ ଖୋଳତାଡ଼ କରିବ ବୋଲି ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

## ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

**ସୁକିନ୍ଦା, ୨୯।୮ (ସମିସ):** ସୁକିନ୍ଦା ଅଞ୍ଚଳରୁ ନିଖୋଜ ଥିବା ଜଣେ ମହିଳାଙ୍କ ମୃତଦେହ ପାଣ୍ଡରା ନାଳରୁ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅନ୍ତର୍ଗତ ଦାମୋଦରପୁର ଗ୍ରାମ ଗୋବିନ୍ଦ ପାତ୍ରଙ୍କ ପତ୍ନୀ ଦୁଲ୍ଲା ପାତ୍ର(୭୦) ଗତ ଗୁରୁବାର ଦିନ ଗ୍ରାମ ପାଖ ନାଳକୁ ଗାଧୋଇବା ପାଇଁ ଯାଇ ନିଖୋଜ ଥିଲେ। ଆଜି ବୋତଲଣ୍ଡା ନିକଟ ନାଳରେ ଏକ ମୃତଦେହ ଭାସୁଥିବା ଦେଖି ଲୋକେ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ମୃତଦେହ ଜବତ କରି ୨୮/୨୦୨୫ରେ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

## ପ୍ରବନ୍ଧ ପୁସ୍ତକ 'ବହି ବିଚାର' ଉନ୍ମୋଚିତ




**ଧର୍ମଶାଳା, ୨୯।୮ (ସମିସ):** ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ଆଜି ପୂର୍ବାହ୍ନରେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କ ପ୍ରବନ୍ଧ ପୁସ୍ତକ 'ବହି ବିଚାର' ଉନ୍ମୋଚିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅକ୍ଷୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ବିଶିଷ୍ଟ ସମାଲୋଚକ ଡ.ନାରାୟଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଶିଷ୍ଟ ସାହିତ୍ୟିକ ବାମଦେବ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ରହ୍ମବରଦା ଡିଗ୍ରୀ କଲେଜର ଅଧ୍ୟକ୍ଷ ଡ. ମହେଶ୍ୱର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ। ସାହିତ୍ୟିକା ବିଦ୍ୟୁତଲତା ଦାଶ, ସମାଜସେବୀ ମିନତୀ ସାହୁ, କବି ପଦ୍ମଜା ଶରଣ ଓ ପ୍ରେମଲତା ମହାରଣା ପ୍ରମୁଖ ଯୋଗଦେଇଥିଲେ। ଯାଜପୁର ଜିଲ୍ଲାର ବହୁ ସାହିତ୍ୟିକ ଏହି ଉତ୍ସବରେ ଯୋଗଦେଇଥିଲେ। ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ନାରୀ ସଶକ୍ତୀକରଣ ଓ ପ୍ରଶିକ୍ଷଣ ଶିବିର



**ଧର୍ମଶାଳା, ୨୯।୮ (ସମିସ):** ଧର୍ମଶାଳା ବ୍ଲକ ପଟୁଣିଆ ପଞ୍ଚାୟତ ଗଲଗଲି ଶଙ୍ଖ ଠାରେ କୃଷି ବିଭାଗ ପକ୍ଷରୁ ନାରୀମାନଙ୍କ ଦକ୍ଷତା ଓ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନୀଜୀବୀ ସୁଧୀର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା କୃଷି ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ନାରୀମାନଙ୍କୁ ସଶକ୍ତୀକରଣ କରିବା ନେଇ କୃଷି ବିଭାଗ କାଷ୍ଟର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ସହକାରୀ କୃଷି ଅଧିକାରୀ ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, ବ୍ଲକ କୃଷି ବିଭାଗ ଅଧିକାରୀ ଡ. ସନ୍ଧ୍ୟାରାଣୀ ଦାସ, ସହକାରୀ କୃଷି ଅଧିକାରୀ ଜ୍ୟୋତିରଞ୍ଜନ ଦାସ, ବିପିଏମ୍ ପ୍ରିୟଦର୍ଶୀ ଦାଶ, ଦୀପାଞ୍ଜଳ କୃଷକ ମଞ୍ଚର ସାଧାରଣ ସମ୍ପାଦକ ଅଭିମନ୍ୟୁ ଧଳ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୨୦ଜଣ ମହିଳା ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। କାଷ୍ଟ ପକ୍ଷରୁ ସୁଶ୍ରୀ ଜ୍ୟୋତି ପ୍ରଶିକ୍ଷକ ଭାବେ ଯୋଗଦେଇ ମହିଳାମାନଙ୍କୁ ଝୋଟ ଜାତ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରିବାର କଳା କୌଶଳ ଶିଖାଇଥିଲେ। ଏହି ଶିବିରରେ ବୈଶାଖୀରାଣୀ ଜେନା, ସୌଦାମିନୀ ଦଳେଇ, ସୁମିତ୍ରା ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶିବିରାର୍ଥୀମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୌରାଙ୍ଗ ଚରଣ ସାହୁ, ରବୀନ୍ଦ୍ର ବଳ, ଗିରିଶ ଚନ୍ଦ୍ର ଜେନା, ସଞ୍ଜୟ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

### ଶିକ୍ଷକଙ୍କ ଡେପୁଟେସନକୁ ନେଇ ପ୍ରଶ୍ନବାଚୀ

## ପୂର୍ବ ସ୍ଥାନକୁ ଫେରାଇବେ ବ୍ଲକ୍ ଶିକ୍ଷାଧିକାରୀ

**ବଡ଼ଚଣା, ୨୯।୮ (ସମିସ):** ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନସ୍ଥ ସିହା ସାଧନକେନ୍ଦ୍ର ଅନ୍ତର୍ଗତ କମ୍ପିରା ୟୁଜିୟୁପି ସ୍କୁଲରୁ କୌଣସି କାରଣ ପାଇଁ ଶିକ୍ଷକ ଅଜୟ କୁମାର ଲେଙ୍କାଙ୍କୁ ଉକ୍ତ ଶିକ୍ଷାମଣ୍ଡଳ ଅଧୀନସ୍ଥ ନିଗମାନନ୍ଦ ପ୍ରହ୍ଲାଦ ସରକାରୀ ହାଇସ୍କୁଲକୁ ଡେପୁଟେସନରେ ୨୦୨୩ ମସିହା ନଭେମ୍ବର ମାସରେ ପଠାଯାଇଥିଲା। ଯେଉଁ କାରଣ ପାଇଁ ଶିକ୍ଷକଙ୍କୁ ଡେପୁଟେସନରେ ପଠା ଯାଇଥିଲା ଏହାର ତଦନ୍ତ ହୋଇଥିଲା ଏବଂ ଏହି ତଦନ୍ତରେ ସମ୍ପୃକ୍ତ ଶିକ୍ଷକଙ୍କର କୌଣସି କାରଣ ନଥିବା ଜଣାପଡ଼ିଥିଲା। କିଛି ଦିନପରେ ଏହାର କୌଣସି ତଦନ୍ତ କରାନଯାଇ ତାଙ୍କୁ ପୁଣି ଚକିତ ବର୍ଷ ଫେବୃଆରୀ ମାସରେ ଶାଳପଡ଼ା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟକୁ କେବଳ କ୍ଲାସ କରିବାକୁ ଶିକ୍ଷକ ଶ୍ରୀ ଲେଙ୍କାଙ୍କୁ ପଠାଯାଇଥିଲା। ଏହି ସମୟରେ ଏକମାସ ପାଇଁ ତାଙ୍କୁ ପୁଣି ନିକଟସ୍ଥ ନଳିଦା ପ୍ରାଇମେରୀ ସ୍କୁଲକୁ ପଠାଯାଇଥିଲା। କିନ୍ତୁ ସେ ସେଠାରେ ମାତ୍ର ଏକମାସ ରହିବା ପରେ ପୁଣି ଶାଳପଡ଼ା ସ୍କୁଲକୁ ଆସିଥିଲେ। ଏବିଷୟରେ ବଡ଼ଚଣା ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେ କହିଲେ କି ଡେପୁଟେସନରେ କେଉଁ ଶିକ୍ଷକ କେତେ ଦିନ ରହିବେ ତାହା ସମସ୍ୟା ନୁହେଁ ତେବେ ଆବଶ୍ୟକ ପଡ଼ିଲେ ଆମେ ତାଙ୍କୁ ପୁଣି ଡେପୁଟେସନରେ ଯାଇଥିବା ପୂର୍ବ ସ୍କୁଲକୁ ଆଣିପାରିବା ବୋଲି କହିଥିଲେ।

## ନିଶ୍ଚିମଳା ରାସ୍ତା ଶୋଚନୀୟ



**ବଡ଼ଚଣା, ୨୯।୮ (ସମିସ):** ବଡ଼ଚଣା ବ୍ଲକ ଅଧୀନସ୍ତ ସୁଙ୍ଗୁଡ଼ା ପଞ୍ଚାୟତ ନିଶ୍ଚିମଳା ଗ୍ରାମ ରାସ୍ତାର ଦୀର୍ଘ ବର୍ଷ ହେବ ନିର୍ମାଣ ହୋଇନାହିଁ। ସୂଚନା ଅନୁସାରେ ୧୬ ନମ୍ବର ଜାତୀୟ ରାଜପଥଠାରୁ ନିଶ୍ଚିମଳା ଗାଁକୁ ଏହି ରାସ୍ତା ଲାଗିଛି। ଏହି ରାସ୍ତାରେ ଦୈନିକ ଗ୍ରାମବାସୀଙ୍କ ସମେତ ଅନେକ ବାହାର ଲୋକ ଯା'ଆସ କରିଥାନ୍ତି। ଦୀର୍ଘ ବର୍ଷ ହେବ ପଡ଼ିରହିଥିବା ଏହି ରାସ୍ତାକୁ ନୂତନ ଭାବେ ନିର୍ମାଣ କରିବାକୁ ପୂର୍ବ ସରକାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରେ ଏକ ଆକଳନ କରାଯାଇଥିଲା। କିନ୍ତୁ ନିର୍ବାଚନ ସମୟ ହୋଇଯିବାରୁ ଏହା ହୋଇପାରିଲା ନାହିଁ। ତେବେ ଜାତୀୟ ରାଜପଥ ଠାରୁ ନିଶ୍ଚିମଳା ଗାଁ ପର୍ଯ୍ୟନ୍ତ ମାତ୍ର ଏକ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଅନେକ ବର୍ଷ ହେବ ଗାଁ ଲୋକେ ବାରମ୍ବାର ଲୋକ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଗ୍ରାମ୍ୟ ଉନ୍ନୟନ ବିଭାଗକୁ କହିଲା ପରେ ଏହି କାମ ହୋଇପାରିଲା ନାହିଁ। ତୁରନ୍ତ ଏହି ରାସ୍ତା କାମକୁ ନିର୍ମାଣ କରିବାକୁ ବିଧାୟକ ଅମର କୁମାର ନାୟକଙ୍କୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ଯାଜପୁରରେ ର୍ୟୁମାଟୋଲୋଜି ସମ୍ମିଳନୀ

**ଯାଜପୁର, ୨୯।୮ (ସମିସ)**




ଇଣ୍ଡିଆନ୍ ର୍ୟୁମାଟୋଲୋଜି ଆସୋସିଏସନ୍ (ଆଇଆର୍‌ଏ) ଓଡ଼ିଶା ଚ୍ୟାପ୍ଟର ପକ୍ଷରୁ 'କ୍ଲିନିକାଲ କ୍ଲ୍ୟୁଜ ଟୁ କ୍ଲାରିଟି; ଏ କେଶ୍ ବେସଡ ଅପ୍ରୋଚ ଇନ ର୍ୟୁମାଟୋଲୋଜି' ବିଷୟରେ ମିଡ୍-ଟର୍ମ କଣ୍ଟିନ୍ୟୁଇଙ୍ଗ୍ ମେଡିକାଲ୍ ଏଜୁକେସନ୍ (ସିଏମ୍‌ଇ) କାର୍ଯ୍ୟକ୍ରମ ମହାରାଜା ଯଜାତି କେଶରୀ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍ (ଏମ୍‌ଜେକେଏମ୍‌ସିଏଚ୍) ଯାଜପୁରରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମହାରାଜା ଯଯାତିକେଶରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ ଯାଜପୁର ସହ ଯୁକ୍ତଭାବରେ ଏବଂ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍ (ଆଇଏମ୍‌ଏ) ଯାଜପୁର, ଯାଜପୁର ରୋଡ୍ ଓ ଭଦ୍ରକ ଶାଖା ସହଯୋଗରେ ଆୟୋଜନ କରାଯାଇଥିଲା। ଏହି ଅବସରରେ ଆଇଆର୍‌ଏର ଓଡ଼ିଶା ଅଧ୍ୟକ୍ଷ ଡା. ଶିଶିର କୁମାର ମହାପାତ୍ର, ଆଇଆର୍‌ଏ ସଚିବ ପ୍ରଫେସର ଡା. ଜ୍ୟୋତିରଞ୍ଜନ ପରିଡ଼ା, ଏମ୍‌ଜେକେଏମ୍‌ସିଏଚ୍‌ର ଡିନ୍ ଓ ପ୍ରାଚାର୍ଯ୍ୟ ପ୍ରଫେସର ଡା. ସୀତାରାମ ମହାପାତ୍ର, ଡା. କାର୍ତ୍ତିକ ଚନ୍ଦ୍ର ରାଉତ, ଆଇଆର୍‌ଏର ଯାଜପୁର ଅଧ୍ୟକ୍ଷ ଡା. କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଆଇଆର୍‌ଏର ଯାଜପୁରରୋଡ ସଚିବ ଡା. ଗୌରୀଶଙ୍କର ଷଡ଼ଙ୍ଗି, ଆଇଆର୍‌ଏର ଭଦ୍ରକ ଅଧ୍ୟକ୍ଷ ଡା. ଆର୍‌କେ ନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅଧିବେଶନରେ ଅନ୍ୟ ହସ୍‌ପିଟାଲରୁ ଆସିଥିବା ବିଶେଷଜ୍ଞ ପ୍ରଫେସର ଡା. ପ୍ରଦୀପ୍ତ ଶେଖର ପାତ୍ର, ଡା. ରଶ୍ମିରଞ୍ଜନ ସାହୁ, ପ୍ରଫେସର ଡା. ସାକିର ଅହମଦ୍, ଡା. ସରିତ୍ ଶେଖର ପଟ୍ଟନାୟକ ସେମାନଙ୍କ ଅନୁଭବ ଓ ଦକ୍ଷତା ସହଭାଗି କରିଥିଲେ। ର୍ୟୁମାଟୋଲୋଜି ସହିତ ସମ୍ବନ୍ଧିତ ବିଭିନ୍ନ ରୋଗ ସମ୍ମେଳନରେ ଆଲୋଚିତ ହୋଇଥିଲା। ଆୟୋଜକ ସଚିବ ପ୍ରଫେସର ଡା. ଡି. ଶୋଭା ମାଳିନୀ, ମେଡିକାଲ କଲେଜର ଶିକ୍ଷକଗଣ ଓ ଆଇଏମ୍‌ଏ ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ତୁଳତି ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ କମିଟି ଗଠିତ

**ରଗଡ଼ି, ୨୯।୮ (ସମିସ):** ଯାଜପୁର ଜିଲ୍ଲା କୋରେଇ ବ୍ଲକ ତୁଳତି ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ଲାଗି ବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ବିଦ୍ୟାଳୟ ର ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ସାହୁ ଓ ଦେବବ୍ରତ ମହାନ୍ତି ପ୍ରମୁଖ ଯୋଗଦେଇ ସ୍କୁଲ ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ପାଳନ ଲାଗି ପୁରାତନ ଛାତ୍ରଛାତ୍ରୀ ସହଯୋଗ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଶିକ୍ଷକ ଯଯାତି କେଶରୀ ମହାପାତ୍ର, ପୂର୍ବତନ ସରପଞ୍ଚ ଅଥୟ କୁମାର ମହାନ୍ତି, ସମିତି ସଭ୍ୟ ଶମ୍ଭୁନାଥ ଜେନା, ଆଇନୀଜୀବି କିଶୋର ସେନାପତି, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ରାଉତ ଓ ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ପ୍ରମୁଖ ନିଜ ଜୟନ୍ତୀ ଆୟୋଜନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ସର୍ବ ସମ୍ମତି କ୍ରମେ ଏକ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଅଥୟ କୁମାର ମହାନ୍ତି, ଉପସଭାପତି ସୀତାକାନ୍ତ କୁଅଁର, ସମ୍ପାଦକ କିଶୋର ସେନାପତି, ସହସମ୍ପାଦକ କିଶୋର ସାହୁ, କୋଷାଧ୍ୟକ୍ଷ ଅଭୟ ମହାନ୍ତି ଓ ମିଡ଼ିଆ ସଂଯୋଜକ ଭାବେ ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟ ମନୋନୀତ ହୋଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ରାଷ୍ଟ୍ରମୁଖ୍ୟମାନଙ୍କ ଆଗରେ ବର୍ତ୍ତମାନର ପ୍ରମୁଖ ଆହ୍ୱାନ ହେଉଛି - ଏପରି ଏକ ପରିବେଶ ସୃଷ୍ଟି କରିବା, ଯାହା ଭବିଷ୍ୟତର ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିବ ।
-ବିଲ୍ ଗେଟ୍ସ

## ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି

ସୁପ୍ରିମକୋର୍ଟ କଲେଜିୟମରେ ଜଷ୍ଟିସ୍ ବି.ଭି. ନାଗରତ୍ନାଙ୍କ ପ୍ରତିବାଦ ଓ ପ୍ରତିକ୍ରିୟାକୁ ଅନୁଶୀଳନ କଲେ ମନେ ହୁଏ ସବୁ ଠିକ୍ଠାକ୍ ଚାଲିନି । ପ୍ରଧାନ ବିଚାରପତି ଜଷ୍ଟିସ ଭୂଷଣ ଆର. ଗବାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୫ ଜଣ ସଦସ୍ୟ ବିଶିଷ୍ଟ କଲେଜିୟମ ସେଦିନ ହାଇକୋର୍ଟର ଦୁଇଜଣ ମୁଖ୍ୟ ବିଚାରପତିଙ୍କୁ ସୁପ୍ରିମକୋର୍ଟର ବିଚାରପତି ରୂପେ ମନୋନୀତ କରିବାର ଥିଲା । ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି ଯୋଗୁଁ ତାହା ୪-୧ ରେ ବିଭାଜିତ ହୋଇଥିଲା । ସବୁ ନିଷ୍ପତ୍ତି ଯେ ସହମତି ବା ମତୈକ ଭିତ୍ତିରେ ନିର୍ଦ୍ଧାରିତ ହେବ ଏକଥା ନୁହେଁ । ତେବେ ଜଷ୍ଟିସ ନାଗରତ୍ନାଙ୍କ ପ୍ରତିକ୍ରିୟାକୁ ନେଇ ସାଧାରଣରେ ଏତେ ବିଚାରବିମର୍ଶ କାହିଁକି? ଏସବୁ ସତ୍ତ୍ୱେ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଆଲୋକ ଆରଧେ ଓ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବିପୁଲ ମନୁଭାଇ ପାଞ୍ଚୋଲିଙ୍କୁ ମନୋନୀତ କରାଯାଇଛି । ସରକାର ମଧ୍ୟ ତୁରନ୍ତ ଦୁଇଜଣଙ୍କୁ ସୁପ୍ରିମକୋର୍ଟର ବିଚାରପତି ରୂପେ ନିଯୁକ୍ତି ଦେବାକୁ ବିଜ୍ଞପ୍ତି ଜାରି କରିଛନ୍ତି ।

ମନୋନୀତ ଦୁଇଜଣ ସୁପ୍ରିମକୋର୍ଟ ବିଚାରପତିଙ୍କ ମଧ୍ୟରୁ ଜଷ୍ଟିସ ପାଞ୍ଚୋଲିଙ୍କୁ ନେଇ ଗୁରୁତର ଆପତ୍ତି ଉଠାଇଛନ୍ତି ଜଷ୍ଟିସ ନାଗରତ୍ନା । ଜନସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କ ଆପତ୍ତି ଓ ପ୍ରତିକ୍ରିୟା ସୁପ୍ରିମକୋର୍ଟ ୱେବସାଇଟରେ ସ୍ଥାନିତ କରିବାକୁ ସେ କହିଥିଲେ । କିନ୍ତୁ ୱେବସାଇଟରେ କଲେଜିୟମରେ ୪- ୧ ମତ ବିଭାଜନ ଓ ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତି ସ୍ଥାନ ପାଇ ନଥିବାରୁ ବିଭିନ୍ନ ମହଲରେ ସନ୍ଦେହ ସୃଷ୍ଟି କରିଛି । ଜଷ୍ଟିସ୍ ନାଗରତ୍ନାଙ୍କ ଯୁକ୍ତି ଥିଲା ଯେ ଗୁଜୁରାଟରୁ ଜଷ୍ଟିସ ଜେ ବି ପାର୍ଦ୍ଦିୱାଲା ଓ ଜଷ୍ଟିସ ଏନ.ଭି ଅଞ୍ଜାରିଆ ସୁପ୍ରିମ୍କୋର୍ଟରେ ପ୍ରତିନିଧିତ୍ୱ କରୁଥିବା ବେଳେ ଜଷ୍ଟିସ ପାଞ୍ଚୋଲି ହେବେ ତୃତୀୟ ବ୍ୟକ୍ତି । ଭୌଗୋଳିକ ସନ୍ତୁଳନ ରକ୍ଷା କରିବାରେ ଏହା କେବଳ ବାଧକ ହେବନି, ସମୟକ୍ରମେ ନ୍ୟାୟିକ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ନିରପେକ୍ଷତା ରକ୍ଷା କରିବା କଷ୍ଟକର ହୋଇପଡ଼ିବ । ଦେଶର ବିଭିନ୍ନ ହାଇକୋର୍ଟରେ କାର୍ଯ୍ୟରତ ବିଚାରପତିଙ୍କ ମଧ୍ୟରେ ବରିଷ୍ଠତା ଦୃଷ୍ଟିରୁ ପାଞ୍ଚୋଲି ୫୭ ତମ ସ୍ଥାନରେ ଅଛନ୍ତି । ତାଙ୍କ ସ୍ଥାନରେ କାର୍ଯ୍ୟରତ ଅନ୍ୟ ସୁଯୋଗ୍ୟ ଓ ଦକ୍ଷ ବିଚାରପତିଙ୍କ ନାମ ବିଚାରକୁ ନିଆଯାଇପାରନ୍ତା । ଜଷ୍ଟିସ ନାଗରତ୍ନାଙ୍କ ଆପତ୍ତିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ଯେଉଁ ପରିସ୍ଥିତିରେ ଜଷ୍ଟିସ ପାଞ୍ଚୋଲିଙ୍କୁ ଗୁଜରାଟ ହାଇକୋର୍ଟରୁ ପାଟନା ହାଇକୋର୍ଟକୁ ବଦଳି କରାଯାଇଥିଲା ତାହାର ଏହି ପ୍ରେକ୍ଷାପଟ୍ଟରେ ଚର୍ଚ୍ଚା ହେବା ଉଚିତ । ତାଙ୍କର ବଦଳି ନିର୍ଦ୍ଦେଶକୁ ସେତେବେଳେ ୯ ମାସ ଧରି ସରକାର ଅଟକାଇ ରଖିଥିଲେ । ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ପ୍ରବଳ ଚାପ ପ୍ରୟୋଗରୁ ସେ ପାଟନା ହାଇକୋର୍ଟକୁ ଆସିବା ସକାଶେ ବାଧ୍ୟ ହୋଇଥିଲେ । ଶେଷରେ ସେ ୨୦୨୩ ଜୁଲାଇରେ ପାଟନା ହାଇକୋର୍ଟରେ ଯୋଗ ଦେଇ ଜୁଲାଇ ୨୧ରେ ମୁଖ୍ୟ ବିଚାରପତି ହେଲେ । ପୁଣି ମାସ ଗୋଟାଏ ପରେ ସୁପ୍ରିମକୋର୍ଟ ବିଚାରପତି ଭାବେ ମନୋନୀତ ହେବା ଘଟଣାକୁ ସମସ୍ତେ ଠିକ ଭାବେ ଗ୍ରହଣ କରିପାରିନାହାନ୍ତି ।

ପ୍ରଧାନ ବିଚାରପତି ପଦରୁ ଜଷ୍ଟିସ ଜୟମାଲ୍ୟ ବାଗଚି ଅବସର ନେବା ପରେ ଜଷ୍ଟିସ ପାଞ୍ଚୋଲି ୨୦୩୧ ରେ ଏହି ଶୀର୍ଷ ଆସନକୁ ପଦୋନ୍ନତି ପାଇବେ । ଦୀର୍ଘ ୧୮ ମାସ ଧରି ସେ ବିଚାର ବିଭାଗର ହର୍ତ୍ତାକର୍ତ୍ତା ରହିବେ । ଜଷ୍ଟିସ ନାଗରତ୍ନାଙ୍କ ରେକର୍ଡ କରାଯାଇଥିବା ଆପତ୍ତିକୁ ତାଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଗୋପନ ରଖିବା ଓ ଗୁଜରାଟ ଘଟଣାକ୍ରମକୁ ପର୍ଯ୍ୟାଲୋଚନା ନ କରିବା ପଛରେ କେଉଁଠି ନା କେଉଁଠି ଚାପ ବା ପ୍ରଭାବ ରହୁଛି, ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ●

## ବର୍ଷା ତାଣ୍ଡବ

ଏସନ ଆଗୁଆ ମୌସୁମୀ ଆସିବାର ସୂଚନା ନେଇ କଳ୍ପନା ଆରମ୍ଭ ହୋଇଯାଇଥିବା ବେଳେ ଆଷାଢ଼ ଓ ଶ୍ରାବଣ ବର୍ଷାଭାବରୁ ଚାଷୀର ପାଗଯୋଗ ବିଗିଡ଼ି ଗଲା । ଅଗଷ୍ଟ ବା ଭାଦ୍ରବ ମାସରେ ବର୍ଷାର ତାଣ୍ଡବ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି, ସେଥିରେ କେତେ କିଏ ମରି ହଜି ଗଲେଣି ତାହାର କୌଣସି ଇୟତ୍ତା ନାହିଁ । ଜଳବାୟୁ ପରିବର୍ତ୍ତନ, ସହରୀକରଣ ଶିଳ୍ପାୟନ ଓ ଜଙ୍ଗଲ ଉଚ୍ଛେଦ ଯୋଗୁଁ ବର୍ଷା ବିପର୍ଯ୍ୟୟ ପୂର୍ବ ରେକର୍ଡକୁ ଅତିକ୍ରମ କରିଛି ।

ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶରେ ବାଦଲଫଟା ବର୍ଷା ଓ ଭୂସ୍ଖଳରେ ଜନପଦ ନିଶ୍ଚିହ୍ନ ହୋଇଯାଇଛି । ଏହି ଦୁଇ ରାଜ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି । ସେହିଭଳି ଜମ୍ମୁ-କାଶ୍ମୀରରେ ଭୂସ୍ଖଳନ ଘଟି ଦୁଇଦିନ ମଧ୍ୟରେ ୪୦ ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଛନ୍ତି । ମାଆ ବୈଷ୍ଣୋଦେବୀଙ୍କ ଦର୍ଶନ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଛି । ସେଠାରେ ମାଟି ଅତଡ଼ା ଧସିବାରୁ ୩୬ ଜଣଙ୍କ ମୃତ୍ୟୁ ଘଟିଛି । ରାବି, ଚେନାବ ଓ ଝେଲମରେ ବନ୍ୟାଜଳ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ଜମ୍ମୁର ନିମ୍ନାଞ୍ଚଳ ବାହ୍ୟ ଜଗତରୁ ଏବେ ମଧ୍ୟ ବିଚ୍ଛିନ୍ନ ହୋଇରହିଛି । ଦେଶର ପ୍ରମୁଖ ସହର ମୁମ୍ବାଇ, ଦିଲ୍ଲୀ ଓ ବେଙ୍ଗାଲୁରୁରେ ବର୍ଷାଜଳ ନିଷ୍କାସନ ହୋଇପାରୁ ନଥିବାରୁ ସେଠାରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଗଙ୍ଗାନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଉତ୍ତର ପ୍ରଦେଶ ଓ ବିହାରରେ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହୋଇଥିବାରୁ ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି । ଜଳବନ୍ଦୀ ଅବସ୍ଥାରେ ଥିବା ଜନବସତି ସହ ଯୋଗାଯୋଗ ରକ୍ଷା କରାଯାଇପାରୁନି ।

ମହାନଦୀରେ ବଡ଼ ବନ୍ୟା ଆସିନଥିବାରୁ ଓଡ଼ିଶାର ଉପକୂଳ ଅଞ୍ଚଳ ସୁରକ୍ଷିତ ଥିଲେ ହେଁ ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖାରେ ଜଳସ୍ତର ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି । କାଣି ନଦୀରେ ୭୦ ଫୁଟ ଘାଇ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ୧୧୪ ଗାଁ ଜଳବନ୍ଦୀ ହୋଇରହିଛି । ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବନ୍ୟା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି । କେବଳ ଏତିକି କୁହାଯାଇପାରେ କି ରାଜ୍ୟରେ ବନ୍ୟା ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇନାହିଁ । ତେବେ ଗୋଟିକ ପରେ ଗୋଟିଏ ଲଘୁଚାପ ଜନିତ ବର୍ଷା ଲାଗିରହିଥିବା ବେଳେ ଅକ୍ଟୋବର ୨ ଓ ୩ ରେ ପୁଣି ବର୍ଷା ବିପ୍ରାତର ସୂଚନା ମିଳିଛି । ତେଣୁ ପରିସ୍ଥିତି ଯେ ସୁଧୁରି ଗଲାଣି ଏକଥା ଦାବି କରାଯାଇନପାରେ । ବିଳମ୍ବିତ ମୌସୁମୀର ଗତି ଓ ଦୁର୍ଗତି ନେଇ କିଛି ଆକଳନ କରାଯାଇ ପାରିବ ନାହିଁ । ଗଣେଶ ପୂଜାଠାରୁ ଆରମ୍ଭ ହୋଇଥିବା ପାର୍ବଣର ସାଜସଜ୍ଜା ଯେ ଆଗକୁ ଭିଜି ନ ଯିବ କିଏ କହିବ । ●

# ଆଞ୍ଚଳିକ ବିକାଶ, ରାଜନୀତି ଓ ରାଷ୍ଟ୍ରନୀତି

**ଡ. ଏମ୍ ଜି ପ୍ରସାଦ**

ଗତ ଦୁଇ ସପ୍ତାହ ଭିତରେ ଓଡ଼ିଶାର ବିକାଶ ଧାରାରେ ଦୁଇଟି ଅଧ୍ୟାୟ ଯୋଡ଼ି ହୋଇଛି । ଗତସପ୍ତାହରେ ଛଅଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ସଡ଼କ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ଅନୁମୋଦନ କରିଥିବା ବେଳେ ତା'ପୂର୍ବ ସପ୍ତାହରେ ଓଡ଼ିଶାରେ ଦୁଇଟି ସେମିକଣ୍ଡକ୍ଟର ପ୍ରକଳ୍ପ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଆଞ୍ଚଳିକ ବିକାଶ ଜରିଆରେ ଜାତୀୟ ବିକାଶ ପ୍ରକ୍ରିୟାରେ ଉପରୋକ୍ତ ଦୁଇ ପ୍ରକଳ୍ପ ସ୍ୱାଗତଯୋଗ୍ୟ ନିଶ୍ଚୟ । କିନ୍ତୁ ଏହା ସୁସ୍ଥ ସଂଘୀୟ ବ୍ୟବସ୍ଥାରେ ଏକ ବ୍ୟତିକ୍ରମ ବୋଲି ବୁଦ୍ଧିଜୀବୀ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇ ନଥା'ନ୍ତା, ଯଦି 'ଆଞ୍ଚଳିକ ବିକାଶ' 'ବିକାଶ ରାଜନୀତି'ର ରୂପ ନେଇ ନଥା'ନ୍ତା । ଦୁଇଟି ଯାକ ପ୍ରକଳ୍ପ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ ଓ ଧନ୍ୟବାଦ ଅର୍ପଣରେ ମୁଖର ହେବା ପରେ ସ୍ୱାଭାବିକ ପ୍ରଶ୍ନ ଉଠୁଛି କ'ଣ ସତରେ ଓଡ଼ିଶା ଏଥିପାଇଁ ହକ୍‌ଦାର ନଥିଲା? ଏହି ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଦେଶର ସମ୍ବିଧାନ ପ୍ରଦତ୍ତ ବହୁଦଳୀୟ ଶାସନ ଅଧିକାର ଓ ସଂଘୀୟ ବ୍ୟବସ୍ଥା ସ୍ୱତଃ ଆଲୋଚନା ପରିସରକୁ ଆସିବ ଏବଂ ରାଷ୍ଟ୍ରନୀତିରେ ଆଞ୍ଚଳିକ ବିକାଶ ନୀତି ଅଧିକ ସ୍ପଷ୍ଟ ଭାବେ ପ୍ରତିଫଳିତ ହେବ ।

ରାଜନୀତିରେ 'ଆଞ୍ଚଳିକବାଦ' ଏକ ଅସ୍ପୃଶ୍ୟ ବିଚାର ନୁହେଁ, ବରଂ ଏକ ଆଦର୍ଶ, ଯାହା ନିଜ ଅଞ୍ଚଳ ଓ ଅଞ୍ଚଳବାସୀଙ୍କ ସମାବେଶୀ ବିକାଶକୁ ସର୍ବାଦୌ ଗୁରୁତ୍ୱ ଦିଏ । କ୍ରମାଗତ କେନ୍ଦ୍ରୀୟ ଅବହେଳାରୁ 'ଆଞ୍ଚଳିକବାଦ'ର ଜନ୍ମ ହୋଇଥିବାରୁ ଜାତୀୟ ରାଜନୀତିରେ କ୍ଷମତା ଦୌଡ଼ରୁ ବହୁ ଦୂରରେ ନିରବଚ୍ଛିନ୍ନ ଓ ସମର୍ପିତ ଭାବେ ରାଜ୍ୟର ବିକାଶ ଓ ରାଜ୍ୟବାସୀଙ୍କ ସ୍ୱାର୍ଥର ସୁରକ୍ଷା ହିଁ ଆଞ୍ଚଳିକ ଦଳମାନଙ୍କର ଏକମାତ୍ର ଲକ୍ଷ୍ୟ, ଯାହା ଜାତୀୟ ଦଳମାନଙ୍କ ଆଦର୍ଶ ଓ ନୀତିରେ ବିରଳ । ଓଡ଼ିଶାରେ ଏହି ଆଞ୍ଚଳିକ ବିକାଶସର୍ବସ୍ୱ ଆଦର୍ଶର ପରିପ୍ରକାଶ ବିଜୁ ପଟ୍ଟନାୟକଙ୍କ ଅମଳରେ ଜନ୍ମ ନେଇ ତାଙ୍କ ଅବର୍ତ୍ତମାନରେ ତାଙ୍କ ନାମରେ ଗଠିତ 'ବିଜୁ ଜନତା ଦଳ'ର ଶାସନ କାଳରେ ଅଧିକ ପରିପୁଷ୍ଟ ହେଲା । ଏ ସମ୍ପର୍କରେ ଆଲୋଚନା ପୂର୍ବରୁ ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଦଳ ଗଠନର ଅପରିହାର୍ଯ୍ୟତା ସମ୍ପର୍କରେ କିଞ୍ଚିତ ଆଲୋଚନା କରିବା ସମୀଚୀନ ହେବ ।

ଆର୍ଥିକ, ସାମାଜିକ, ଭୌଗୋଳିକ, ଧାର୍ମିକ, ଭାଷା ଓ ସଂପ୍ରଦାୟ ଆଦି ଦୃଷ୍ଟିରୁ ବିବିଧତାରେ ପରିପୂର୍ଣ୍ଣ ଭାରତ ସ୍ୱାଧୀନତା ହାସଲ କରିବା ପରେ ଯେଉଁ ଶାସନ ବ୍ୟବସ୍ଥା ସୃଷ୍ଟି କରାଗଲା, ସେଥିରେ ଭାରତ ଏକ ସଂଘୀୟ ସାଧାରଣତନ୍ତ୍ରର ମାନ୍ୟତା ପାଇଲା । ଏହା ସ୍ୱୟଂସମ୍ପୂର୍ଣ୍ଣ ରାଜ୍ୟ ସମୂହଙ୍କର ଏକ ସମାହାର ବା ସଂଘରେ ପରିଣତ ହେଲା । ସେତେବେଳେ କିନ୍ତୁ ରାଜ୍ୟ ସମୂହଙ୍କ କ୍ଷମତା, ସ୍ୱାୟତ୍ତତା ଓ ସ୍ଥିତି ଘେନି ସଂଶୟ ସୃଷ୍ଟି ହେଲା ଏବଂ ସର୍ବୋଚ୍ଚ କ୍ଷମତାଶାଳୀ କେନ୍ଦ୍ର ସରକାର ସଂଘୀୟ ବ୍ୟବସ୍ଥାର ଘଟକ ରାଜ୍ୟମାନଙ୍କୁ ବଚସ୍କର କରି ରଖିପାରେ ବୋଲି ଚିନ୍ତା ଉଦ୍ରେକ ହେଲା । ଏହି ସଂଶୟର ଅବସାନ ପାଇଁ ସମ୍ବିଧାନର ପ୍ରମୁଖ ପ୍ରଣେତା ବାବାସାହେବ ଆମ୍ବେଦକର ସ୍ପଷ୍ଟ କରିଥିଲେ ଯେ, 'ଭାରତର ଚିଠା ସମ୍ବିଧାନ ସ୍ୱଭାବତଃ ଏକ ସଂଘୀୟ ସମ୍ବିଧାନ ଭାବେ କାର୍ଯ୍ୟ କରିବ । ଏହାଦ୍ୱାରା ଦ୍ୱୈତ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ ହେବ । ପ୍ରସ୍ତାବିତ ସମ୍ବିଧାନରେ ଏହି ଦ୍ୱୈତ ଶାସନରେ କେନ୍ଦ୍ରରେ ଗୋଟିଏ ଏବଂ ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏଁ ସରକାର ନିଜ ନିଜ କାର୍ଯ୍ୟ ପରିସର ଓ ଅଧିକାରଭୁକ୍ତ କ୍ଷେତ୍ରରେ ସ୍ୱାଧୀନଭାବେ ସାମ୍ବିଧାନିକ ମର୍ଯ୍ୟାଦା ଭିତରେ ରହି କାର୍ଯ୍ୟ କରିବାର ଅଧିକାର ପାଇବେ ।'

ସ୍ୱାଧୀନତା ପରେ ଭାରତରେ ଆଞ୍ଚଳିକ ସ୍ୱାର୍ଥ ସମ୍ବଳିତ ଆକାଂକ୍ଷା ସୃଷ୍ଟି ହେଲା ଏବଂ ଏହାକୁ ନେଇ ଅଧିକାରର ସ୍ୱର ରାଜନୀତିରେ ପ୍ରତିଫଳିତ ହେଲା । ସେସବୁ ସ୍ୱର କ୍ରମଶଃ ଶାଣିତ ହୋଇଥିଲେ ହେଁ ଜାତୀୟ ସ୍ୱାର୍ଥର ପରିପନ୍ଥୀ ନଥିଲା । ପ୍ରାୟ ସବୁ ଭାରତୀୟଙ୍କ ପାଇଁ ଜାତୀୟତା ବା ରାଷ୍ଟ୍ରୀୟତା ଏକ ଧ୍ରୁବସତ୍ୟ ଓ ସାଲିସବିହୀନ ପ୍ରଶ୍ନ ହୋଇଥିବା ବେଳେ ଆଞ୍ଚଳିକ ସ୍ୱାର୍ଥରକ୍ଷା ଏକ ପ୍ରାଥମିକ ବାସ୍ତବତା ଭାବେ କ୍ରମେ ଆତ୍ମପ୍ରକାଶ କଲା । ନିଜ ନିଜ ରାଜ୍ୟର ପ୍ରଗତି ପାଇଁ ସବୁ ରାଜ୍ୟ କେନ୍ଦ୍ରର ଉପଯୁକ୍ତ ସାହାଯ୍ୟ ସହଯୋଗ ଆଶା କଲେ । ଏଥିରେ ନିରାଶ ରାଜ୍ୟମାନେ ଦାବି ଉପସ୍ଥାପନ ଜରିଆରେ ସ୍ୱର ଉତ୍ତୋଳନ କରିବାକୁ ବାଧ୍ୟ ହେଲେ । ଯେଉଁଠି ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ଗୋଟିଏ ଦଳର ଶାସନାଧୀନ ରହିଲା ସେତେବେଳେ 'ଆଞ୍ଚଳିକବାଦ' ଜାତୀୟ ରାଜନୀତିରେ ବିଲୀନ ହୋଇଗଲା । ସ୍ୱାଭାବିକ ଭାବେ ବିପୁଳ ସୁଯୋଗ ଓ ସମ୍ଭାବନା ସତ୍ତ୍ୱେ ରାଜ୍ୟ ବିକାଶ ଧାରା ମନ୍ଥର ହୋଇପଡ଼ିଲା ଏବଂ ରାଜ୍ୟୱାରୀ ବିକାଶରେ ବୈଷମ୍ୟ ଉତ୍କଟ ହେବାରେ ଲାଗିଲା । ଓଡ଼ିଶା ଭଳି ବହୁ ରାଜ୍ୟ ଅବହେଳିତ ହୋଇ ଦରିଦ୍ର ରାଜ୍ୟର ଅପବାଦ ମୁଣ୍ଡାଇବାରେ ଲାଗିଲେ ।

ଏହି ପୁଞ୍ଜିଭୂତ ଅସନ୍ତୋଷରୁ ଜନ୍ମ ନେଲା କେନ୍ଦ୍ର ବିରୋଧୀ ଆଭିମୁଖ୍ୟ ଓ ଅବହେଳା ପ୍ରସଙ୍ଗ । 'ରାଷ୍ଟ୍ରନୀତି', 'ଜାତୀୟ ରାଜନୀତି' ଓ 'ଆଞ୍ଚଳିକବାଦ' ମଧ୍ୟରେ ସ୍ପଷ୍ଟ ଅଭାବବୋଧରୁ ଜନ୍ମ ନେଲେ ଏକାଧିକ ଆଞ୍ଚଳିକ ଦଳ । ଓଡ଼ିଶା, ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ ଆଦିରେ ଯେଉଁସବୁ ଆଞ୍ଚଳିକ ଦଳ ଜନ୍ମ ନେଇ କ୍ଷମତା ହାସଲ କରିବାରେ ସଫଳ ହେଲେ, ତା'ପଛରେ ଥିଲା 'ଆଞ୍ଚଳିକବାଦ'ର ବାସ୍ତବତା, ଆବଶ୍ୟକତା ଓ ଅଞ୍ଚଳବାସୀଙ୍କ ଅକୁଣ୍ଠ ସମର୍ଥନ । ଓଡ଼ିଶାରେ ବିଗତ ଶତାବ୍ଦୀର ୫୦ ରୁ ୬୦ ଦଶକ ମଧ୍ୟରେ ଗଣତନ୍ତ୍ର ପରିଷଦ, ଜନକଂଗ୍ରେସ୍, ଉତ୍କଳ କଂଗ୍ରେସ ଆଦି କେତେକ ଆଞ୍ଚଳିକ ଦଳ ଗଠିତ ହୋଇ ଜାତୀୟ ଦଳର ବିକଳ୍ପ ଭାବେ ରାଜ୍ୟ ରାଜନୀତିରେ ସଫଳତା ହାସଲ କରିଥିଲେ ହେଁ ଦୀର୍ଘସ୍ଥାୟୀ ହୋଇପାରିନଥିଲେ । ୧୯୯୭ ମସିହାରେ ବିଜୁ ଜନତା ଦଳ ଗଠନ ହୋଇ ୨୦୦୦ ମସିହାରେ ରାଜ୍ୟର ଶାସନ କ୍ଷମତା ସମ୍ଭାଳିବା ପରେ ରାଜ୍ୟ ଓ ଜାତୀୟ ରାଜନୀତିରେ ପ୍ରଥମ ଥର ପାଇଁ ଆଞ୍ଚଳିକବାଦର ବାସ୍ତବତା ଗୁରୁତ୍ୱ ପାଇଲା ଏବଂ ରାଜ୍ୟର ସ୍ୱାର୍ଥକୁ ସର୍ବାଗ୍ରେ ରଖାଗଲା । ୨୦୦୦ ମସିହା ପର୍ଯ୍ୟନ୍ତ ଓଡ଼ିଶା ବିକାଶ ମାନଦଣ୍ଡର ସବୁକ୍ଷେତ୍ରରେ ପଛରେ ଥିବା ଭାରତର କେବଳ ଏକ ଭୌଗୋଳିକ ପରିପ୍ରକାଶ ଥିଲା । ଓଡ଼ିଶାର ବିପୁଳ ଖଣିଜ ସମ୍ବଳକୁ କେନ୍ଦ୍ର ନିଜ ଇଚ୍ଛା ଓ ସୁବିଧା ଅନୁସାରେ ଉପଯୋଗ କରୁଥିବା ବେଳେ ରାଜ୍ୟର ବିକାଶ ପ୍ରତି ଯଥୋଚିତ ଧ୍ୟାନ ଦେଉ ନଥିଲା । ସଡ଼କ, ରେଳ ଯୋଗାଯୋଗ, ବନ୍ଦର, ଭିତ୍ତିଭୂମି, ରାଷ୍ଟ୍ରୀୟ ଉଦ୍ୟୋଗ, ଶକ୍ତି, ଯୋଗାଯୋଗ ଆଦି ଅନେକ କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ବହୁ ପଛରେ ପଡ଼ିଥିଲା । ବନ୍ୟା ଓ ବାତ୍ୟାର ଚିରସହଚର ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଓ ସ୍ୱତନ୍ତ୍ର ପ୍ୟାକେଜ୍ ଦାବି ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରୁ ନ ଥିଲେ । ତେଣୁ ଏହା ବିରୋଧରେ ଯେଉଁ ରାଜନୈତିକ ସ୍ୱର ଉତ୍ତୋଳିତ ହୋଇଥିଲା ତାହାକୁ ଓଡ଼ିଶାବାସୀ ପୂର୍ଣ୍ଣପ୍ରାଣରେ ସମର୍ଥନ ଜଣାଇଥିଲେ ।

ଯଦି କେନ୍ଦ୍ରୀୟ ଅବହେଳା ଓ ଐତିହାସିକ ଅନ୍ୟାୟକୁ ଓଡ଼ିଶାବାସୀ ଉପଲବ୍ଧ କରି ନଥା'ନ୍ତେ ତେବେ ବିଜେଡି ଓ ଏହାର ନେତାଙ୍କୁ ୫ଟି ଲଗାତାର ନିର୍ବାଚନରେ ବିଜୟୀ କରି ନଥା'ନ୍ତେ । ଦୀର୍ଘ ୨୪ ବର୍ଷର ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ନିରବଚ୍ଛିନ୍ନ ସଂଗ୍ରାମ ଫଳରେ ଏବେ ଓଡ଼ିଶା ଅନେକ କ୍ଷେତ୍ରରେ ଆଗୁଆ ଏବଂ ଜାତୀୟ ସ୍ତରରେ ଉଦାହରଣୀୟ ଓ ଅନୁକରଣୀୟ । ଆଞ୍ଚଳିକବାଦ ଓ ଆଞ୍ଚଳିକ ଦଳର ଶାସନ ବିନା ଏହା ସମ୍ଭବ ହୋଇପାରି ନ ଥା'ନ୍ତା କି କେବେ ମଧ୍ୟ ସମ୍ଭବ ହେବ ନାହିଁ । ବିଜେଡି ଏକ ଶକ୍ତିଶାଳୀ ଆଞ୍ଚଳିକ ଦଳ ଭାବେ ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ-ସଂଗ୍ରାମକୁ ଦୃଢ଼ ଓ ଶାଣିତ କରିବା ଫଳରେ ଏବେ ଓଡ଼ିଶା ପ୍ରତି କେନ୍ଦ୍ର ସରକାର ଦୃଷ୍ଟିଦେବାକୁ ବାଧ୍ୟ ହେଉଛନ୍ତି । ଏହା କେନ୍ଦ୍ରର ଦୟା କିମ୍ବା ଅନୁକମ୍ପା ନୁହଁ, ରାଷ୍ଟ୍ରନୀତିର ଏକ ବାଧ୍ୟବାଧକତା । ଏଥିରେ କୃତଜ୍ଞତା ଓ ଧନ୍ୟବାଦର ପ୍ରଶ୍ନ ଉଠୁଛି କେଉଁଠି?

ଶେଷରେ ଏହା ଉଲ୍ଲେଖ କରିବା ପ୍ରୟୋଜନ ଯେ ଆଞ୍ଚଳିକବାଦକୁ ବିଚ୍ଛିନ୍ନତାବାଦର ତରାଜୁରେ ନୁହେଁ, ବରଂ ସଂଘୀୟ ବ୍ୟବସ୍ଥାର ଯବକାଚରେ ପରଖିବା ଉଚିତ ହେବ । ସବୁ ରାଜ୍ୟ ସମାନ ଭାବରେ ବିକଶିତ ହେଲେ ଯାଇ ରାଷ୍ଟ୍ର ସମୃଦ୍ଧ ଓ ସଫଳ ହେବ । ଓଡ଼ିଶା ଏ କଥା ବହୁ ଆଗରୁ କହିଆସୁଛି, ଯାହାକୁ କେନ୍ଦ୍ର ସରକାର ଏବେ ସ୍ୱୀକାର କରୁଛନ୍ତି । ବିକାଶର ଭାରସାମ୍ୟ ରକ୍ଷା ରାଜନୀତି ନୁହେଁ, ରାଷ୍ଟ୍ରନୀତିର ଏକ ଅପରିହାର୍ଯ୍ୟ ଅଂଶବିଶେଷ । ବଡ଼ କଥା ହେଲା ଟିକସ ସଂଗ୍ରହ ଓ ସମ୍ବଳ ଆବଣ୍ଟନର ସୁସ୍ଥ ବ୍ୟବସ୍ଥାରେ ସଂଘୀୟ ବ୍ୟବସ୍ଥା ସୁଦୃଢ଼ ହୋଇଥାଏ । ସେ ଦାୟିତ୍ୱ କେନ୍ଦ୍ର ଯଦି ଭୁଲିଯିବ ରାଷ୍ଟ୍ରନୀତିର ପରିପନ୍ଥୀ ବୋଲି ଧରାଯିବ ଏବଂ ଆଞ୍ଚଳିକ ସ୍ତରରେ ବିବାଦ ଓ ପ୍ରତିବାଦ ଉଠିବ । ସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ଆବଶ୍ୟକତା ଅନୁସାରେ ଲୋକେ ସରକାର ବାଛନ୍ତି ଏବଂ ନିଜର ଆଶା ଆକାଂକ୍ଷା ପୂରଣ କରିଥା'ନ୍ତି । ଏଥିରେ ଅସୂୟାବୋଧ ଓ ଅସ୍ୱାଭାବିକବୋଧତାର ସ୍ଥାନ ନାହିଁ । ସ୍ୱାଧୀନୋତ୍ତର ଭାରତର ରାଜନୀତିରେ ଆଞ୍ଚଳିକବାଦର ସଫଳତା ଆଧାରରେ ଆଜି ଏକାଧିକ ରାଜ୍ୟରେ ଆଞ୍ଚଳିକ ଦଳ କ୍ଷମତାରେ ଅଛନ୍ତି । ଗଣତନ୍ତ୍ରରେ ଭୋଟର ହିଁ ଭାଗ୍ୟବିଧାତା । କଥାରେ ନୁହେଁ, କାମରେ ସେମାନଙ୍କ ବିଶ୍ୱାସ ଓ ଭରସା ଜିତାଯାଇପାରେ । ନିର୍ବାଚନ ଏକ ମାଧ୍ୟମମାତ୍ର । ପ୍ରଶଂସା ଓ କୃତଜ୍ଞତା ନୁହେଁ, ଯେଉଁମାନଙ୍କ ପାଇଁ ଏ ସରକାର ସେମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସଂଗ୍ରାମ କରିବା ସାମ୍ପ୍ରତିକ ରାଜନୀତିର ସବୁଠାରୁ ବଡ଼ ଆହ୍ୱାନ । ●

(ଅବସରପ୍ରାପ୍ତ ପ୍ରାଧ୍ୟାପକ)

# ସାମାଜିକ ଗଣମାଧ୍ୟମ ଓ ସରକାରୀ ସେବା

**ବରୁଣ କୁମାର ମହାପାତ୍ର**

ଫକୀର ମୋହନ ମହାବିଦ୍ୟାଳୟର ବହୁଚର୍ଚ୍ଚିତ ଛାତ୍ରୀ ଆତ୍ମାହୁତି ଘଟଣା ପରେ ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଗୁରୁତ୍ୱର ସହ ନେବାକୁ ଦାବି ହୋଇଛି । ଆଜିକାଲି ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ପ୍ରାୟ ସମସ୍ତଙ୍କ ହାତରେ ସ୍ମାର୍ଟଫୋନ । ଶସ୍ତା ଇଣ୍ଟରନେଟ୍ ସାଙ୍ଗକୁ ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ବି ହେଉଛି । ସାଧାରଣ ଲୋକଙ୍କ ବ୍ୟତୀତ ନେତା, ମନ୍ତ୍ରୀ, ସରକାରୀ ସଂସ୍ଥାଙ୍କ ଉପସ୍ଥିତି ମଧ୍ୟ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ରହିଛି । ଏଭଳି ସ୍ଥଳେ ସରକାର ଓ ଲୋକଙ୍କ ମଧ୍ୟରେ ସାମାଜିକ ଗଣମାଧ୍ୟମ ସେତୁ ସଦୃଶ କାର୍ଯ୍ୟ କରିବାରେ କୌଣସି ଅସୁବିଧା ନାହିଁ । ଏହାଦ୍ୱାରା ସରକାର ଓ ଲୋକଙ୍କ ମଧ୍ୟରେ ଥିବା ଦୂରତା ହଟିପାରିବ । ଲୋକେ ସ୍ୱଚ୍ଛନ୍ଦରେ ସରକାରୀ ସେବାର ଲାଭ ପାଇପାରିବେ ।

ସାମ୍ପ୍ରତିକ ସମୟରେ ପ୍ରାୟ ସବୁକାର୍ଯ୍ୟ ଅଙ୍ଗୁଳି ଟିପରେ ହେଉଥିବା ବେଳେ ଯୁଗ ସହ ତାଳ ଦେଇ ଏକ ସମାନ୍ତରାଳ ଡିଜିଟାଲ ଶାସନ ବ୍ୟବସ୍ଥା ପ୍ରାୟ ଅନେକ ଦେଶରେ ଲାଗୁ ହୋଇଛି । ଆମ ଦେଶରେ ମଧ୍ୟ ଉଣା ଅଧିକେ ଚାଲୁ ରହିଛି ଏଭଳି ଶାସନ ବ୍ୟବସ୍ଥା । କେନ୍ଦ୍ର ସରକାରଙ୍କ 'ଡିଜିଟାଲ ଇଣ୍ଡିଆ' ଆହ୍ୱାନକ୍ରମେ ବିଭିନ୍ନ ଆପ୍ ମାଧ୍ୟମରେ ସରକାରୀ ଯୋଜନାର ଲାଭ ଓ ସେବା ଲୋକଙ୍କ ପାଖରେ ଅବିଳମ୍ବେ ପହଞ୍ଚି ପାରୁଛି । 'ଫେସବୁକ୍', 'ହ୍ୱାଟ୍ସଆପ୍', 'ଏକ୍ସ (ଟ୍ୱିଟର)' ଭଳି ବହୁଳ ବ୍ୟବହୃତ ସାମାଜିକ ଗଣମାଧ୍ୟମ ଜରିଆରେ ସରକାରୀ ସଂସ୍ଥା ଓ ବିଭାଗଗୁଡ଼ିକ ସରକାରଙ୍କ ପ୍ରମୁଖ ନୀତି, ପଦକ୍ଷେପ, ଯୋଜନା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଦି ସମ୍ପର୍କରେ ଲୋକଙ୍କୁ ସୂଚନା ପ୍ରଦାନ କରୁଛନ୍ତି । ତନ୍ମଧ୍ୟରୁ କିଛି ସରକାରୀ ସଂସ୍ଥା ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ମଧ୍ୟ ଶୁଣି ସମାଧାନ କରନ୍ତି । ଏପରିକି କିଛି ନେତା ଓ ମନ୍ତ୍ରୀ ନିଜେ ସାମାଜିକ ଗଣମାଧ୍ୟମରେ ସିଧାସଳଖ ଲୋକଙ୍କ ସହ ଯୋଡ଼ି ହୋଇ ସେମାନଙ୍କ ସୁଖଦୁଃଖ ବୁଝିବା ସହ ଆପତ୍ତି, ଅଭିଯୋଗ ଶୁଣିଥା'ନ୍ତି । ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ ଭଳି ରାଜ୍ୟର ପୁଲିସ ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ଅଭିଯୋଗ ବି ଗ୍ରହଣ କଲେଣି ।

ଡିଜିଟାଲ ଶାସନ ପ୍ରଣାଳୀ ଏକ ସମ୍ଭାବନାପୂର୍ଣ୍ଣ ବ୍ୟବସ୍ଥା । କିନ୍ତୁ କିଛି ଅନ୍ତରାୟ ଯୋଗୁଁ ଆମ ଦେଶରେ ଏହାର ପୂର୍ଣ୍ଣ ଉପଯୋଗ ହୋଇପାରୁନି । ଏ ଦିଗରେ ଏକ ମୁଖ୍ୟ ସମସ୍ୟା ହେଉଛି ଆମ ଲୋକଙ୍କ ଡିଜିଟାଲ ନିରକ୍ଷରତା । ଗତ କିଛିବର୍ଷ ମଧ୍ୟରେ ଭାରତରେ ଟେଲି ସାନ୍ଦ୍ରତା ଦ୍ରୁତ ଗତିରେ ବଢ଼ିଛି । ସଦ୍ୟତମ ସରକାରୀ ତଥ୍ୟ ଅନୁସାରେ ଆମ ଦେଶରେ ଟେଲି ସାନ୍ଦ୍ରତା ସମ୍ପ୍ରତି ୮୫ ପ୍ରତିଶତ । ଅର୍ଥାତ୍ ପ୍ରତି ୧୦୦ ଲୋକଙ୍କ ମଧ୍ୟରେ ୮୫ ଜଣ ଟେଲିଫୋନ୍ ବ୍ୟବହାର କରନ୍ତି । ଏମାନଙ୍କ ମଧ୍ୟରୁ ୭୫ ପ୍ରତିଶତ ହେଉଛନ୍ତି ସ୍ମାର୍ଟଫୋନ୍ ବ୍ୟବହାରକାରୀ । କିନ୍ତୁ ତନ୍ମଧ୍ୟରୁ ଅଧିକାଂଶ ଲୋକ ଫୋନ୍‌ରେ କଥା ହେବା ଛଡ଼ା ଏହାର ଅନ୍ୟ ଉପଯୋଗୀ ବ୍ୟବହାର ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ । ଯେପରିକି ବିଭିନ୍ନ ଆପ୍ ମାଧ୍ୟମରେ ସରକାରୀ ସେବା ପାଇବା ହେଉ ଅବା ସାମାଜିକ ଗଣମାଧ୍ୟମର ବ୍ୟବହାର; ଏ ସବୁ ବିଷୟରେ ସେମାନଙ୍କର ଜ୍ଞାନ ନ ଥାଏ କିମ୍ବା ଏଥିପ୍ରତି ସେମାନେ ଆଗ୍ରହୀ ନ ଥା'ନ୍ତି ।

ଏହାଛଡ଼ା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅଧିକାଂଶ ମନ୍ତ୍ରୀ, ନେତା ଓ ସରକାରୀ ବିଭାଗଗୁଡ଼ିକର ଆକାଉଣ୍ଟ ଥିଲେ ମଧ୍ୟ ସେଗୁଡ଼ିକ ବହୁଦିନ ଧରି ନିଷ୍କ୍ରିୟ କିମ୍ବା କ୍ୱଚିତ୍ ବ୍ୟବହାର ହେଉଥିବା ଦେଖିବାକୁ ମିଳିଥାଏ । ଆଉ କିଛି ସରକାରୀ ବିଭାଗ କେବଳ ଚିରାଚରିତ ନଥିପତ୍ର ଜରିଆରେ କାମ କରିବାକୁ ପ୍ରାଧାନ୍ୟ ଦିଅନ୍ତି । ସାମାଜିକ ଗଣମାଧ୍ୟମରେ ହ୍ୟାକିଂ ଭୟ ମଧ୍ୟ ଅନେକଙ୍କୁ ଏପରି ମାଧ୍ୟମ ବ୍ୟବହାର କରିବା ପାଇଁ ନିବୃତ୍ତ କରିଥାଏ ।

ସମ୍ପ୍ରତି ଆମ ଶାସନ ବ୍ୟବସ୍ଥାର ପ୍ରତିସ୍ତରରେ ଦୁର୍ନୀତି ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ସମସ୍ତ ପ୍ରୟାସ ସତ୍ତ୍ୱେ ଦୁର୍ନୀତିର ମୂଳୋତ୍ପାଟନ କରିବା କଷ୍ଟକର ବ୍ୟାପାର ହୋଇପଡ଼ିଛି । ଫଳସ୍ୱରୂପ ସରକାରୀ ଯୋଜନାର ସଫଳ ରୂପାୟନ ଓ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଏହି ପରିପ୍ରେକ୍ଷୀରେ ଡିଜିଟାଲ ଶାସନ ବ୍ୟବସ୍ଥାର ସଠିକ୍ ଉପଯୋଗ ଏକ ସ୍ୱଚ୍ଛ ତଥା ଦୁର୍ନୀତିମୁକ୍ତ ଶାସନ ସୁନିଶ୍ଚିତ କରିପାରିବ । ଏଥିପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା ସହ ଉନ୍ନତ ତଥା ସୁରକ୍ଷିତ ଡିଜିଟାଲ ଭିତ୍ତିଭୂମି ତିଆରି କରିବାର ଆବଶ୍ୟକତା ରହିଛି । ଏହାଛଡ଼ା ଲୋକଙ୍କୁ ଏପରି ଶାସନ ପ୍ରଣାଳୀର ଉପାଦେୟତା ଏବଂ ଏହାର ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ପଡ଼ିବ । ଡିଜିଟାଲ ଶାସନ ବ୍ୟବସ୍ଥାରେ ଡାଟା ସୁରକ୍ଷା ଓ ଗୋପନୀୟତା ଏକ ବଡ଼ ଆହ୍ୱାନ । କାରଣ ଏଭଳି ଶାସନ ପ୍ରଣାଳୀରେ ସରକାରୀ ବିଭାଗଗୁଡ଼ିକର ଗୋପନ ତଥା ସମ୍ବେଦନଶୀଳ ତଥ୍ୟ ପ୍ରଘଟ ହେବାର ଆଶଙ୍କା ରହିଥାଏ । ତେଣେ ଲୋକଙ୍କ ଗୁରୁତ୍ୱପୂର୍ଣ୍ଣ ସୂଚନା ଓ ଗୋପନୀୟତା ମଧ୍ୟ ଚୋରି ହେବାର ବିପଦ ରହିଛି । ଉଭୟ ସରକାରୀ ସଂସ୍ଥା ଓ ଲୋକଙ୍କ ଗୋପନୀୟତା ରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନିଆଗଲେ ଏଭଳି ଶାସନ ବ୍ୟବସ୍ଥାର ସୁଫଳ ସାଧାରଣ ଜନତାଙ୍କୁ ସହଜରେ ମିଳିପାରିବ । ●

ବ୍ରହ୍ମପୁର, ମୋ: ୭୦୦୮୦୭୮୩୯୬

# ତିବ୍ବତରେ ଲାମା

**ପ୍ରବୀର କୁମାର ପଟ୍ଟନାୟକ**

'ଲାମା' ଶବ୍ଦର ଅର୍ଥ ହେଲା ଉଚ୍ଚତର ପଦମର୍ଯ୍ୟାଦାଯୁକ୍ତ ବା ଊର୍ଦ୍ଧ୍ୱସ୍ଥ ଅଥବା ମଠାଧୀଶ - 'ତାଙ୍କଠାରୁ ଊର୍ଦ୍ଧ୍ୱରେ ଉଚ୍ଚସ୍ଥାନରେ ଆଉ କେହି ନୁହନ୍ତି ।' ଏସବୁର ଅର୍ଥ ସଂସ୍କୃତରେ 'ଗୁରୁ' । 'ଗୁରୁ' ହେଉଛନ୍ତି ଯେ ବୌଦ୍ଧଧର୍ମରେ ଶିଷ୍ୟଙ୍କୁ ଦୀକ୍ଷିତ କରିବାର କ୍ଷମତା ରଖିଥିବା ଉଚ୍ଚସ୍ତରର ସନ୍ନ୍ୟାସୀ ସେ ହେଉଛନ୍ତି 'ଲାମା' । 'ଲାମା' କୌଣସି ଅବତାର ପୁରୁଷ ନୁହନ୍ତି କିମ୍ବା ସବୁ ଅବତାର ପୁରୁଷ 'ଲାମା' ନୁହନ୍ତି । ତିବ୍ବତୀୟ, ମଙ୍ଗୋଲୀୟ ଓ ମାଞ୍ଚୁରୀୟ ଧର୍ମଶାସ୍ତ୍ର ଏବଂ ସରକାରୀ ନୀତିନିୟମ 'ଲାମା'ମାନଙ୍କର ଆଧ୍ୟାତ୍ମିକ କ୍ଷମତା, କର୍ତ୍ତୃତ୍ୱ ଏବଂ ଐହିକ ବା ପାର୍ଥିବ ନିରାପତ୍ତା ଆଦି ଧାର୍ଯ୍ୟ କରିଛନ୍ତି ।

'ଲାମା' ଅର୍ଥାତ୍ 'ଗୁରୁ' ବା 'ପୁରୋହିତ' ଶବ୍ଦ ତିବ୍ବତରେ ବୌଦ୍ଧ ଧର୍ମର ପ୍ରବେଶ ପୂର୍ବରୁ ପ୍ରଚଳିତ ଥିଲା । ସ୍ଥାନୀୟ 'ବନ୍' ଧର୍ମର ପୁରୋହିତଙ୍କୁ ମଧ୍ୟ 'ଲାମା' କୁହାଯାଉଥିଲା । 'ଲାମା' ଶବ୍ଦର ଐତିହାସିକ ପ୍ରଚଳନ ତିବ୍ବତୀୟ ବ୍ୟାକରଣରେ ମଧ୍ୟ ଦେଖାଯାଏ । ଯେଉଁ ବ୍ୟାକରଣ ହେଉଛି ଖ୍ରୀ ୬୪୦ ବେଳକୁ ଥୋନ୍‌ମି ସମ୍ଭୋଟା ପ୍ରଚଳନ କରିଥିଲେ । ସେଥିରେ ସେ ସମସ୍ତ 'ଲାମା'ଙ୍କୁ ସମ୍ମାନ ଜଣାଇଛନ୍ତି । ଏହି ସବୁ 'ଲାମା' ନିଶ୍ଚିତ ଭାବେ ଭାରତୀୟ 'ଲାମା', ଯେଉଁମାନଙ୍କଠାରୁ ଥୋନ୍‌ମି ଶିକ୍ଷାଲାଭ କରିଥିଲେ ଭାରତରେ ।

ତିବ୍ବତରେ କିନ୍ତୁ 'ଲାମା' ଶବ୍ଦ ବା ଚିହ୍ନିତ କରିବାର ଶ୍ରେଣୀ ପ୍ରଥମେ ପଦ୍ମସମ୍ଭବଙ୍କଠାରୁ ଆରମ୍ଭ ହେଲା । ମହାଗୁରୁ ବା ଗୁରୁ ରିନ୍‌ପୋଚେ ଭାବେ ପରିଚିତ ପଦ୍ମସମ୍ଭବ ତିବ୍ବତରୁ 'ବନ୍' ଧର୍ମର ଲାମାମାନଙ୍କୁ ପ୍ରାୟ ମୂଳପୋଛ କରି ଦେଇଥିଲେ । କିନ୍ତୁ ବୌଦ୍ଧ ଧର୍ମର ପ୍ରଚାର, ପ୍ରସାର ଓ ସଂରକ୍ଷଣ ନିମିତ୍ତ ସେ ସ୍ଥାନୀୟ ପୁରୋହିତମାନଙ୍କର ଏକ ସଂଘ ଗଠନ କଲେ । ପ୍ରଥମ କରି ଏହି ସଂଘରେ ମହାଗୁରୁ ପଦ୍ମସମ୍ଭବ ସାତଜଣଙ୍କୁ ଦୀକ୍ଷିତ କରାଇ ଭର୍ତ୍ତି କରାଇଲେ । ଏହି ସାତଜଣ ଦୀକ୍ଷିତ ଶିଷ୍ୟ ହେଲେ ତିବ୍ବତର ପ୍ରଥମ 'ଲାମା' । ଏହି 'ଲାମା' ଓ ତାଙ୍କର ପରବର୍ତ୍ତୀ ଉତ୍ତରାଧିକାରୀ 'ଲାମା'ମାନେ ତିବ୍ବତର ପ୍ରଥମ ରାଷ୍ଟ୍ରୀୟସ୍ତରର ସର୍ବୋଚ୍ଚ ମଣ୍ଡଳୀ ବା କର୍ତ୍ତା ଭାବେ ସ୍ୱୀକୃତ ହେଲେ । ଏପରିକି ରାଷ୍ଟ୍ରୀୟ ମାର୍ଯ୍ୟାଦାରେ ରାଜାମାନେ 'ଲାମା'ଙ୍କ ପରବର୍ତ୍ତୀ ପଦବୀର କର୍ମକର୍ତ୍ତା ଭାବେ ଗଣା ଯାଉଥିଲେ ।

## ଦ୍ୱିତୀୟ-ବୁଦ୍ଧ କଥା

ଏହିପରି ଭାବେ ତିବ୍ବତରେ ବୌଦ୍ଧ ଧର୍ମ ଗୁରୁ (ଲାମା) ପଦ୍ମସମ୍ଭବଙ୍କଠାରୁ ଆରମ୍ଭ ହେଲା । ସେ ହେଉଛନ୍ତି ତିବ୍ବତୀୟ ବୌଦ୍ଧ ଧର୍ମର ତ୍ରାଣକର୍ତ୍ତା; ସେହିଁ ତିବ୍ବତୀୟ ବୌଦ୍ଧ ଧର୍ମର ଇତିହାସରେ ପ୍ରଥମ 'ଗୁରୁ' ଭାବେ ପରିଚିତ ଓ ପ୍ରତିଷ୍ଠିତ । ଖ୍ରୀ ୮୧୨ ରେ ରାଜହତ୍ୟା ପରେ ପରେ ପରବର୍ତ୍ତୀ ଦୁଇ ଶତାବ୍ଦୀ ପରେ ପୁଣି ବୌଦ୍ଧ ସନ୍ନ୍ୟାସୀମାନେ ପୂର୍ବଭଳି ସମ୍ମାନଜନକ ମୁଖ୍ୟସ୍ରୋତକୁ ଫେରି ଆସିଲେ । ଏହା ପରଠାରୁ ବୌଦ୍ଧ ଧର୍ମରେ ଯେଉଁ ତ୍ରିରତ୍ନ ବୁଦ୍ଧ, ଧର୍ମ, ସଂଘ ଶରଣରେ ବୋଲି କୁହାଯାଉଥିଲା ଏହି ସମୟରେ ତା' ପୂର୍ବରୁ 'ଲାମା ଶରଣେ' କୁହାଗଲା । ପ୍ରାରମ୍ଭିକ କାଳରେ 'ଲାମା ଶରଣେ' କୁ ମୁଖ୍ୟତଃ ଆଧ୍ୟାତ୍ମିକ ଓ ନୈତିକ ଅର୍ଥରେ ବୁଝାଯାଉଥିଲା । 'ଲାମା'ମାନେ ବୌଦ୍ଧ ଧର୍ମଶାସ୍ତ୍ରର ଦାୟିତ୍ୱ ଓ ଶିକ୍ଷାନୁଷ୍ଠାନ ପରିଚାଳନାର ମୁଖ୍ୟଭାବେ ରହୁଥିବାରୁ 'ଲାମା' ସାଧାରଣତଃ ସମାଜରେ ଏକ ପ୍ରତିଷ୍ଠାସମ୍ପନ୍ନ ଓ ସମ୍ମାନାସ୍ପଦ ପଦବୀ ଭାବେ ଗଣ୍ୟ ହେଉଥିଲେ ଏବଂ ତାଙ୍କ ଶରଣରେ ଯିବା ସ୍ୱାଭାବିକ ଥିଲା । ପରବର୍ତ୍ତୀ କାଳରେ ପ୍ରାୟ ଗୋଟିଏ ଶତାବ୍ଦୀ (ଖ୍ରୀ ୧୨୫୦ରୁ) ଧରି ଶାକ୍ୟ ସଂପ୍ରଦାୟର 'ଲାମା'ମାନେ ସରକାର ଅର୍ଥାତ୍ ଶାସନ ଦାୟିତ୍ୱ ମଧ୍ୟ ତୁଲାଇଲେ ।

ପଞ୍ଚଦଶ ଶତାବ୍ଦୀ ଆରମ୍ଭ ବେଳକୁ 'ଗେଲୁଗ୍‌ପର୍ସା' ସଂପ୍ରଦାୟର ଉତ୍ଥାନ ପୂର୍ବରୁ କେନ୍ଦ୍ର ତିବ୍ବତରେ କିଛୁକାଳ 'କର୍ମପା' ଲାମାମାନେ ମଧ୍ୟ ଶାସନ ଦାୟିତ୍ୱ ନିର୍ବାହ କରିଥିଲେ । ଏହି ଗେଲୁଗ୍‌ପର୍ସା ଗୋଷ୍ଠୀ ଅନ୍ତର୍ଭୁକ୍ତ 'ଦଲାଇଲାମା' ତିବ୍ବତରେ ଖ୍ରୀ ୧୬୪୨-୧୯୫୦ ପର୍ଯ୍ୟନ୍ତ ପ୍ରାୟ ତିନିଶହ ବର୍ଷ ତିବ୍ବତରେ ଶାସନ ଦାୟିତ୍ୱରେ ଥିଲେ ଭାରତ ଆସିବା ପର୍ଯ୍ୟନ୍ତ । ଭାରତରେ ମଧ୍ୟ ନିର୍ବାସିତ ଅବସ୍ଥାରେ ତିବ୍ବତୀୟମାନଙ୍କର ଶାସନ ମୁଖ୍ୟ ଭାବେ ଦଲାଇଲାମା ହିଁ ରହିଛନ୍ତି । ତିବ୍ବତରେ ବୌଦ୍ଧଧର୍ମର ବିଭିନ୍ନ ସଂପ୍ରଦାୟ ରହିଛନ୍ତି । ଏଣୁ ଏହି ନିର୍ଦ୍ଦିଷ୍ଟ ସଂପ୍ରଦାୟ ହାତରେ ଶାସନ ଦାୟିତ୍ୱ ରହିବା କାଳରେ ସେମାନେ ସବୁ ବିଭିନ୍ନ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ତଥା ସୁବିଧା ସୁଯୋଗ ଓ ନିରାପତ୍ତା ଭୋଗ କରିବା ଫଳରେ ସଂପ୍ରଦାୟ ସଂପ୍ରଦାୟ ମଧ୍ୟରେ ସଂଘର୍ଷ ଉପୁଜିବା ସହ ତିକ୍ତ ସଂପର୍କ ରହୁଥିଲା । ● ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# କେବେ ମିଳିବ ସ୍ୱାବଲମ୍ବନ କାର୍ଡ?

## ଅପେକ୍ଷାରେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ

ଭୁବନେଶ୍ୱର,୨୯।୮(ସମିସ): ରାଜ୍ୟର ଲକ୍ଷାଧିକ ଦିବ୍ୟାଙ୍ଗ ୟୁନିକ୍ ଡିଜାବିଲିଟି ଆଇଡି (ସ୍ୱାବଲମ୍ବନ କାର୍ଡ) ପାଇଁ ଆବେଦନ କରି ଚାହିଁ ବସିଛନ୍ତି। କିନ୍ତୁ ଏହି କାର୍ଡ ମିଳି ପାରୁ ନ ଥିବାରୁ ଦିବ୍ୟାଙ୍ଗମାନେ ଯୋଗ୍ୟ ଥାଇ ମଧ୍ୟ ବିଭିନ୍ନ ପ୍ରକାର ସରକାରୀ ସୁବିଧାସୁଯୋଗରୁ ବଞ୍ଚିତ ହେଉଛନ୍ତି। ଚିନ୍ତାଜନକ କଥା ହେଉଛି ଯେ ଲୋକସଂଖ୍ୟା ଦୃଷ୍ଟିରୁ ଦେଶରେ ଓଡ଼ିଶା ବିଭିନ୍ନ ରାଜ୍ୟଠାରୁ ତଳେ ରହିଛି। ମାତ୍ର ଏହି କାର୍ଡ ଆବେଦନ ପଡ଼ି ରହିବାରେ ସଂଖ୍ୟା ଦୃଷ୍ଟିରୁ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ସାରା ଦେଶରେ ଏହି ପରିଚୟପତ୍ର ପାଇଁ ପ୍ରାୟ ୧.୪୭ କୋଟି ଆବେଦନ ପଡ଼ି ରହିଛି। ଏଥିରେ ଓଡ଼ିଶାରୁ ୧,୭୮,୬୨୮ ଆବେଦକ ରହିଛନ୍ତି। ଉତ୍ତର ପ୍ରଦେଶ ଓ ମହାରାଷ୍ଟ୍ର ପରେ ଓଡ଼ିଶା ମାମଲା ପକାଇ ରଖିବାରେ ୩ନମ୍ବରରେ ରହିଛି।

ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟର ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତୀକରଣ ବିଭାଗ ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ଜାତୀୟ ଡାଟାବେସ୍ ତିଆରି କରିବା ଉପରେ ଗୁରୁତ୍ୱ ଦେଉଛି। ଏଥିପାଇଁ ପ୍ରତ୍ୟେକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ 'ୟୁଡିଆଇଡି' କାର୍ଡ ପ୍ରଦାନ କରାଯାଉଛି। ଏଥିପାଇଁ 'ଅକ୍ଷମ ବ୍ୟକ୍ତିଙ୍କ ପାଇଁ ଅନନ୍ୟ ଆଇଡି' ଭାବରେ ଏକ ପ୍ରକଳ୍ପ ମଧ୍ୟ କାର୍ଯ୍ୟକାରୀ ହେଉଛି। ଏହି ପ୍ରମୁଖ ପଦକ୍ଷେପ ୨୦୧୬ ମସିହାରୁ ଆରମ୍ଭ ହୋଇଥିବା ବେଳେ ସେବେଠାରୁ, ରାଜ୍ୟରେ ୮ଲକ୍ଷ ୬୦ହଜାର ୮୦ଟି ଅନନ୍ୟ ଭିନ୍ନକ୍ଷମ ପରିଚୟପତ୍ର ଜାରି ହୋଇଛି। ୨୦୧୧ ଜନଗଣନା ଅନୁଯାୟୀ, ରାଜ୍ୟରେ ୧୨.୪୪ ଲକ୍ଷ ଦିବ୍ୟାଙ୍ଗ ଅଛନ୍ତି ଏବଂ ଏହି ଜନସଂଖ୍ୟାର ୧୦.୧୪ ପ୍ରତିଶତ ଲୋକ ବହୁବିଧ ଅକ୍ଷମତାର ସମ୍ମୁଖୀନ ହେଉଛନ୍ତି।

ଏହି କାର୍ଡ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ସରକାରୀ ସୁବିଧା ସହିତ ଯାତ୍ରା କ୍ଷେତ୍ରରେ ରିହାତି ପ୍ରଦାନ କରୁଥିବାରୁ ବିଭିନ୍ନ ରାଜ୍ୟର ଦିବ୍ୟାଙ୍ଗମାନେ ଏହି କାର୍ଡକୁ ଗୁରୁତ୍ୱ ଦେଇଥା'ନ୍ତି। ଏହା 'ୟୁଡିଆଇଡି' ପୋର୍ଟାଲ୍ ମାଧ୍ୟମରେ ଆବେଦନ ଓ ବିଭାଗୀୟ ଅଧିକାରୀଙ୍କ ଅନୁମୋଦନ ପରେ ହିଁ କାର୍ଡ ମିଳିଥାଏ। ମାନୁଆଲ୍ ମୋଡ୍‌ରେ ଜାରି କରାଯାଇଥିବା ପ୍ରମାଣପତ୍ରଗୁଡ଼ିକ ଆଉ ଗ୍ରହଣୀୟ ହେଉନଥିବାରୁ ଏହାର ଗୁରୁତ୍ୱ ଅଧିକ ବଢ଼ିଯାଇଛି। ଏମିତିକି, ସରକାରୀ ଯୋଜନାର ବିଭିନ୍ନ ସୁବିଧା ପାଇବା ପାଇଁ ଗତବର୍ଷ ସେପ୍ଟେମ୍ବରରୁ ଏହି ପରିଚୟପତ୍ରକୁ ବାଧ୍ୟତାମୂଳକ କରାଯାଇଥିବାରୁ ଅନେକ ଦିବ୍ୟାଙ୍ଗଙ୍କ ପାଇଁ ସମସ୍ୟା ଆହୁରି ବଢ଼ିଯାଇଛି। ୟୁଡିଆଇଡି କାର୍ଡ ସୃଷ୍ଟି କରିବା ପାଇଁ ଆବେଦନକାରୀଙ୍କ ମଧ୍ୟରେ ସବୁଠୁ ଅଧିକ ଆବେଦନ ରାଜ୍ୟର ୧୦ଟି ଜିଲ୍ଲାରେ ପଡ଼ିରହିଛି। ଏଥିରେ କଟକ, ବାଲେଶ୍ୱର, ଭଦ୍ରକ, ବଲାଙ୍ଗୀର, ଗଞ୍ଜାମ, ଜଗତସିଂହପୁର, କେନ୍ଦୁଝର, ନୟାଗଡ଼, ନୂଆପଡ଼ା ଏବଂ ରାୟଗଡ଼ା ଆଦି ଜିଲ୍ଲା ରହିଛି।

# ଇ-ବସ୍ ପ୍ରତି ବଢୁନି ଆଗ୍ରହ

- ଆଗ୍ରହ ଦେଖାଉନାହାନ୍ତି ଘରୋଇ ବସ୍ ମାଲିକ
- ଇଭି ଭିତ୍ତିଭୂମି ନଥିବାରୁ ଅନାଗ୍ରହ
- କେବଳ ସରକାରୀ କ୍ଷେତ୍ରରେ ଚାଲୁଛି

ଭୁବନେଶ୍ୱର,୨୯।୮(ସମିସ): ପରିବେଶ ଅନୁକୂଳ ଇ-ବସ୍ ଚଳାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଅଧିକରୁ ଅଧିକ ଇ-ବସ୍ ଚଲାଇବା ସହ ଅଧିକ ଯାତ୍ରୀ ବ୍ୟବହାର କରିବା ଉପରେ ସହରାଞ୍ଚଳଗୁଡ଼ିକରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। ଏଥିରେ ବିଶେଷକରି ଯାତ୍ରୀଙ୍କ ପାଇଁ ସହଜ ଓ ସୁବିଧା ଯାତାୟାତ ବ୍ୟବସ୍ଥା ଉପଲବ୍ଧ ହେଉଛି। ସାଧାରଣ ପରିବହନ ସେବାରେ ଇ-ବସ୍‌ର ବ୍ୟବହାର ବୃଦ୍ଧି ପାଉଛି। ମାତ୍ର ଏହା କେବଳ ସରକାରୀସ୍ତରରେ ସୀମିତ ରହିଛି। ବେସରକାରୀସ୍ତରରେ ଏହାକୁ ଆପଣାଯାଉନି। ଏଥିସହ ଦୂରଯାତ୍ରା କ୍ଷେତ୍ରରେ ଇ-ବସ୍‌କୁ ମଧ୍ୟ ବର୍ତ୍ତମାନ ସୁଦ୍ଧା ବ୍ୟବହାର କରାଯାଇପାରୁନି। ରାଜ୍ୟରେ ଇ-ବସ୍ ପାଇଁ ଆବଶ୍ୟକ ଭିତ୍ତିଭୂମି ବିକଶିତ ହୋଇନି। ବିଶେଷକରି, ମରାମତି ଓ ରକ୍ଷଣାବେକ୍ଷଣ କରିବା ପାଇଁ ସେଭଳି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ତେଣୁ ଘରୋଇ ବସ୍ ମାଲିକମାନେ ଇ-ବସ୍ ପ୍ରତି ଆଗ୍ରହ ପ୍ରକାଶ କରୁନଥିବା ଦେଖାଯାଉଛି।

ଇ-ବସ୍ ଚଳାଚଳ କ୍ଷେତ୍ରରେ ଓଡ଼ିଶା ଦେଶରେ ପଞ୍ଚମ ସ୍ଥାନରେ ରହିଛି। ଏ କ୍ଷେତ୍ରରେ ଦିଲ୍ଲୀ ପ୍ରଥମ ସ୍ଥାନରେ ଥିବା ବେଳେ ମହାରାଷ୍ଟ୍ର ଦ୍ୱିତୀୟ ସ୍ଥାନରେ ରହିଛି। ଦେଶରେ ପରିବେଶ ଅନୁକୂଳ ଏହି ଇ-ବସ୍ ଚଳାଇବା ପାଇଁ କେନ୍ଦ୍ର ସରକାର ଏକାଧିକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବିଶେଷକରି ସହରାଞ୍ଚଳରେ ଇ-ବସ୍ ଚଳାଚଳକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍-ଇ ବସ୍ ସେବା ଏବଂ ପିଏମ୍-ଇ-ଡ୍ରାଇଭ୍ ଭଳି ଯୋଜନା କରାଯାଉଛି। ଏହି ଯୋଜନାରେ ଇ-ବସ୍ ଚଳାଚଳ ପାଇଁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏହି ଯୋଜନାରେ ସାମିଲ ହେବା ପାଇଁ ରାଜ୍ୟ ପରିବହନ ନିଗମଗୁଡ଼ିକ ସେମାନଙ୍କ ପ୍ରସ୍ତାବ କେନ୍ଦ୍ର ନିକଟକୁ ପଠାଇଲେ ଏହା ଉପରେ କେନ୍ଦ୍ର ବିଚାର କରିବ। ସେହିଭଳି ବିଭିନ୍ନ ରାଜ୍ୟର ନଗର ଉନ୍ନୟନ ବିଭାଗ ମଧ୍ୟ ଏଥିପାଇଁ କେନ୍ଦ୍ର ନିକଟରେ ପ୍ରସ୍ତାବ ଦେଉଛନ୍ତି।

ସୂଚନାନୁଯାୟୀ, ସମଗ୍ର ଦେଶରେ ଏବେ ୧୪,୩୨୯ଟି ଇ-ବସ୍ ଚାଲୁଥିବା ବେଳେ ଦିଲ୍ଲୀରେ ସର୍ବାଧିକ ୩୫୬୪ଟି ଚଳାଚଳ କରୁଛି। ଏହା ପଛକୁ ମହାରାଷ୍ଟ୍ର ରହିଛି। ସେହି ରାଜ୍ୟରେ ୩୨୯୬ଟି ବସ୍ ଚଳାଚଳ କରୁଥିବା ବେଳେ କର୍ଣ୍ଣାଟକରେ ୨୨୩୬ଟି, ଉତ୍ତରପ୍ରଦେଶରେ ୮୫୦ଟି ଓ ଏହା ପଛକୁ ଓଡ଼ିଶାକୁ ୪୫୦ଟି ଇ-ବସ୍ ମିଳିଛି। ପଡ଼ୋଶୀ ଆନ୍ଧ୍ରପ୍ରଦେଶରେ ଇ-ବସ୍ ସଂଖ୍ୟା ୨୩୮ଟି ଥିବା ବେଳେ ଛତିଶଗଡ଼ରେ ୨୧୫, ଝାଡ଼ଖଣ୍ଡରେ ୪୬ ଓ ପଶ୍ଚିମବଙ୍ଗରେ ୩୯୧ଟି ଇ-ବସ୍ ମିଳିଛି। ନୀତି ଆୟୋଗ ପକ୍ଷରୁ ସମଗ୍ର ଦେଶରେ ଏହି ପରିବେଶ ଅନୁକୂଳ ଇ-ବସ୍ ଚଳାଚଳ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ ହେଉଥିବା ବେଳେ ୫୦ ହଜାର ଇ-ବସ୍ ଲକ୍ଷ୍ୟ ପୂରଣ ପାଇଁ କନଭରଜେନ୍ସ ଏନର୍ଜି ସର୍ଭିସ ଲିମିଟେଡ୍ (ସିଇସିଏଲ)କୁ ୨୦୨୨ ମସିହାରେ କୁହାଯାଇଥିଲା।

# ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କଟକ,୨୯।୮(ସମିସ): ଭୁବନେଶ୍ୱରରେ ଅବସ୍ଥାପିତ ଓଡ଼ିଶାର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ପାରମିତା ଶତପଥୀ ତ୍ରିପାଠୀ ଆସନ୍ତା ୩୧ ତାରିଖରେ ଅବସରକାଳୀନ ବିଦାୟ ନେବାକୁ ଯାଉଛନ୍ତି। ଏହି ଅବସରରେ କଟକ ଆୟକର ବିଭାଗ ପକ୍ଷରୁ ଶ୍ରୀମତୀ ତ୍ରିପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଆୟକର ମୁଖ୍ୟ ଅଧିକାରୀ କ୍ଷୀତିଶ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପରେ ପ୍ରଧାନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ଶ୍ରୀମତୀ ତ୍ରିପାଠୀଙ୍କ କାର୍ଯ୍ୟଦକ୍ଷତା ଓ ଆୟକର ବିଭାଗରେ ତାଙ୍କର ଦୀର୍ଘମୟ ସେବାର ବିଭିନ୍ନ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଶ୍ରୀମତୀ ତ୍ରିପାଠୀ ତାଙ୍କର ଅବସରକାଳୀନ ବିଦାୟ ଭାଷଣରେ ସମସ୍ତ ଅଫିସର୍ ଓ କାର୍ଯ୍ୟକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



# ୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର,୨୯।୮(ସମିସ): ଆସନ୍ତା ସେପ୍ଟେମ୍ବର ୧ତାରିଖ (ସୋମବାର) ଦିନ 'ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି' ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ତଥା ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ତାମିଲନାଡୁରୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

କିଶୋରନଗର,୨୯।୮(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ କୁଶୁଣୀ ଗାଁର ରାମ ନାୟକ ଆଜକୁ ପ୍ରାୟ ୮ ବର୍ଷ ହେବ ତାମିଲନାଡୁର ଅମ୍ବାଦୁଲାସ୍ଥିତ ଏକ କମ୍ପାନୀରେ କାମ କରି ଆସୁଥିଲେ। ଗତ ୨୫ ତାରିଖ କମ୍ପାନୀରେ କାର୍ଯ୍ୟରତ ଥିବା ବେଳେ ହଠାତ୍ ତାଙ୍କ ଗୋଡ଼ ଖସି ଯିବାରୁ ଗୁରୁତର ଆହତ ହୋଇଥିଲେ। ସେଠାରେ କାର୍ଯ୍ୟ କରୁଥିବା ସାଥୀ ଶ୍ରମିକମାନେ ରାମଙ୍କୁ ତୁରନ୍ତ ଡାକ୍ତରଖାନା ନେଇଥିଲ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ କମ୍ପାନୀ ପକ୍ଷରୁ ରାମଙ୍କ ଭାଇ ଲକ୍ଷ୍ମଣଙ୍କୁ ସୂଚନା ଦିଆଯାଇଥିଲା। ଲକ୍ଷ୍ମଣ ସେଠାରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁକୁ ଆଣିଛନ୍ତି। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏବେ ରାମଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଏବଂ ଦୁଇ ଛୋଟ ପିଲା ଅଛନ୍ତି। ତାଙ୍କ ପରିବାରକୁ ସରକାର ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୩ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

ଭୁବନେଶ୍ୱର,୨୯।୮(ସମିସ): ଆସନ୍ତା ୩ ତାରିଖରେ ନବଗଠିତ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୈଠକରେ ଆସନ୍ତା ୧୫ ତାରିଖରେ ନାଟମଣ୍ଡପ ଧାଡ଼ିଦର୍ଶନ ବ୍ୟବସ୍ଥା ଲାଗୁ ନେଇ ବିସ୍ତୃତ ଆଲୋଚନା ସହ ରୂପରେଖ ପ୍ରସ୍ତୁତ ହୋଇପାରେ। ରତ୍ନଭଣ୍ଡାରର ଅଳଙ୍କାର ସ୍ଥାନାନ୍ତରଣ ଓ ଗଣତିମଣତି ନେଇ ମଧ୍ୟ ବୈଠକରେ ଆଲୋଚନା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେପ୍ଟେମ୍ବର ୨ ତାରିଖରେ ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହେବ। ପରଦିନ ଅର୍ଥାତ୍ ୩ ତାରିଖରେ ଚନ୍ଦ୍ର ଗ୍ରହଣ ନୀତିନିର୍ଘଣ୍ଟକୁ ନୂତନ ପରିଚାଳନା କମିଟି ମୋହର ମାରିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ରାଜ୍ୟ ସରକାର ଏଯାବତ୍ ଶ୍ରୀମନ୍ଦିରରେ ଦାଢ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରିପାରି ନାହାନ୍ତି।


**WALK-IN-INTERVIEW**

Educated, well-mannered, & Smart Male/Female required for the role of Receptionist / Tele-Caller at an Automobile Detailing Workshop. Prior Experience / Knowledge of Detailing Work shall be given preference. Salary negotiable.
Interview timings: **Dt. 31.08.2025 (Sunday) between 10:00 AM to 01:00 PM.**
Candidates are advised to contact the day prior and carry their Resume before coming for Interview.

**Contact: Odisha Detailing Empire, Near Twin City Gate No.1, Trisulia-Baranga Road, Baranga, Cuttack.**
**Mobile No: +91 83288 51843**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୧ ଶ୍ରଦ୍ଧାଳୁ...

ସେହିପରି ରୁଦ୍ରପ୍ରୟାଗର ଜଖୋଲିର କୋଠା ଭୁଶୁଡିବା କାରଣରୁ ଜଣେ ମହିଳା ମୃତ୍ୟୁବରଣ କରିଛନ୍ତି। ୪ ଜଣ ନେପାଳୀ ଓ ୪ ଜଣ ସ୍ଥାନୀୟ ଲୋକଙ୍କ ସହ ୮ ଜଣ ଶ୍ରମିକ ଆବର୍ଜନା ତଳେ ଦବି ରହିଛନ୍ତି। ରୁଦ୍ରପ୍ରୟାଗରେ ଆବର୍ଜନା ତଳେ ଫସି ରହିଥିବା ୭୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଛି। ଅଲକାନନ୍ଦା ଓ ମନ୍ଦାକିନୀ ନଦୀରେ ଜଳସ୍ତର ବିପଜ୍ଜନକ ସ୍ଥିତିରେ ରହିଛି। ଜନବସତି ଅଞ୍ଚଳରେ ପାଣି ପସିଛି ଓ ବନ୍ୟାଭଳି ସ୍ଥିତି ସୃଷ୍ଟି ହୋଇଛି। ସେହିପରି ଚମୋଲିରେ କେତୋଟି ପରିବାର ଆବର୍ଜନା ତଳେ ଫସି ରହିଥିବା ଆଶଙ୍କା କରାଯାଉଛି। ସାରା ଦେଶରେ ମୌସୁମୀ ବର୍ଷା କାରଣରୁ ନାହି ନଥିବା ସ୍ଥିତି ସୃଷ୍ଟି ହୋଇଛି। ଜମ୍ମୁ ଓ ପଞ୍ଜାବରେ ବନ୍ୟା ଯୋଗୁ ଫସି ରହିଥିବା ଲୋକଙ୍କୁ ହେଲିକପ୍ଟର ଦ୍ୱାରା ଉଦ୍ଧାର କରାଯାଇଛି। ବର୍ଷା ଯୋଗୁ ଦିଲ୍ଲୀର ଏକାଧିକ ଅଞ୍ଚଳରେ ପାଣି ଭରି ରହିଛି। ଦିଲ୍ଲୀର ସଡକ ଗୁଡିକ ମଧ୍ୟ ଜଳମଗ୍ନ ହୋଇଛି। ପଞ୍ଜାବରେ ବନ୍ୟା ଯୋଗୁଁ ୬ ଜଣ ଲୋକ ମୃତ୍ୟୁ ବରଣ କରିଥିବା ବେଳେ ୩ ଜଣ ନିଖୋଜ ରହିଛନ୍ତି। ଉତ୍ତରାଖଣ୍ଡର ରୁଦ୍ରପ୍ରୟାଗ, ଚମୋଲି, ଡେରାଡୁନ୍ ଓ ବାଗେଶ୍ୱରରେ ରେଡ ଆଲର୍ଟ ଜାରି କରାଯାଇଛଇ। ଗତ ୨୧ ଦିନରେ କେବଳ ବାଦଲ ଫଟା ବର୍ଷା କାରଣରୁ ୩ଟି ରାଜ୍ୟରେ ୮୦ଜଣ ଲୋକ ମୃତ୍ୟୁବରଣ କରିଛନ୍ତି।

### ସମ୍ପର୍କ ସୁଧାରିଛି...

ଭାରତର ସ୍ଥିତିକୁ ଦୁର୍ବଳ କରିବା ପାଇଁ ଟ୍ରମ୍ପ କରୁଥିବା ପ୍ରୟାସକୁ ନେଇ କେନ୍ଦ୍ର ସରକାର ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରେ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇ ଟ୍ରମ୍ପ ବିବାଦକୁ ଆହୁରି ବଢ଼ାଇ ଥିଲେ। ଏହି ଦୁଇ ନିଷ୍ପତ୍ତି ପାଇଁ ଭାରତ ବିକଳ୍ପ ପନ୍ଥା ଆପଣାଇ ଥିଲା। ଜୁନ୍‌ରେ ଚୀନ୍ ପକ୍ଷରୁ ଆରମ୍ଭ କରାଯାଇଥିବା ପଦକ୍ଷେପକୁ ଭାରତ ଗୁରୁତ୍ୱର ସହ ନେଇଥିଲା। ଏହାର ଜବାବ ଦେବା ଆରମ୍ଭ କରିଦେଇଥିଲା। ଏହା ପରେ ସ୍ଥିତି ଦ୍ରୁତଗତିରେ ବଦଳି ଯାଇଥିଲା। ୨୦୨୦ର ଗଲୱାନ ସଂଘର୍ଷକୁ ଭୁଲାଇ ଆଗକୁ ବଢ଼ିବା ପାଇଁ ଅଗଷ୍ଟରେ ଭାରତ ଏବଂ ଚୀନ୍ ରାଜି ହୋଇଥିଲେ। ସୀମା ବିବାଦର ସମାଧାନ ଲାଗି ପ୍ରୟାସକୁ ଜୋରଦାର କରିଥିଲେ। ଏବେ ମୋଦୀ ଚୀନ୍ ଗସ୍ତରେ ଯାଉଛନ୍ତି। ରିପୋର୍ଟରେ କୁହାଯାଇଛି ଯେ ଟ୍ରମ୍ପଙ୍କ ଶୁଳ୍କ ପୂର୍ବରୁ ମଧ୍ୟ ଭାରତ ଏବଂ ଚୀନ୍ ଆଲୋଚନା କରିଥିଲେ। ଗତ ବର୍ଷ ଲଦାଖରେ ଜାରି ଗତିରୋଧକୁ ହ୍ରାସ କରିବା ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହି ଚୁକ୍ତି ଦ୍ୱାରା ମୋଦୀ ଏବଂ ଜିନପିଙ୍ଗଙ୍କ ପ୍ରତ୍ୟକ୍ଷ ସାକ୍ଷାତର ମାର୍ଗ ପ୍ରଶସ୍ତ ହୋଇଥିଲା। ଏସ୍‌ସିଓ ସମ୍ମିଳନୀରେ ମୋଦୀ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ଜିନପିଙ୍ଗଙ୍କୁ ଭେଟିବେ। ଏହି ସାକ୍ଷାତ ଆଲୋଚନା ଉପରେ ଆମେରିକା ତୀକ୍ଷଣ ଦୃଷ୍ଟି ରଖିଛି। କାରଣ ଏହା ଆମେରିକା ପାଇଁ ଚିନ୍ତାର ବିଷୟ ପାଲଟିପାରେ।

### ତୃଣମୂଳରୁ ଶକ୍ତିଶାଳୀ...

ନବୀନ ଦୁଇ ସଙ୍ଗଠନର ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରତିଭାଦୀପ୍ତ ଯୁବ ନେତାମାନଙ୍କୁ ଦଳ ସବୁବେଳେ ଗୁରୁତ୍ୱ ଦେଇ ଆସିଛି, ତେଣୁ ସମର୍ପିତ ଭାବ ନେଇ କାର୍ଯ୍ୟ କରୁଥିବା ସମସ୍ତଙ୍କ ପାଇଁ ଦଳରେ ସୁଯୋଗ ରହିଛି ବୋଲି ଏହି ଅବସରରେ ନବୀନ ଏକ ବାର୍ତ୍ତା ଦେଇଛନ୍ତି । ଏହା ସହ ବିନମ୍ର ଓ ଶାଳୀନ ହୋଇ ଏକାଠି କାମ କରିବା ସହ ସାମ୍ପ୍ରତିକ ସମୟରେ ସାଧାରଣ ଲୋକ, ଯୁବ ଓ ଛାତ୍ରବର୍ଗ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଅଗ୍ରାଧିକାର ଦେଇ ତାହାର ସମାଧାନ କରିବାକୁ ମଧ୍ୟ ନବୀନ ପରାମର୍ଶ ଦେଇଛନ୍ତି ।

ନବୀନଙ୍କ ଡ଼କରା ପାଇଁ ନବୀନ ନିବାସରେ ପହଞ୍ଚିଥିବା ଯୁବ ଓ ଛାତ୍ର ବିଜେଡିର ସଭାପତି ଓ ଅନ୍ୟ କର୍ମକର୍ତ୍ତାମାନଙ୍କୁ ନବୀନ ଦୀର୍ଘ ସମୟ ପଢ଼ାଇଛନ୍ତି ରାଜନୀତି ପାଠ। ରାଜ୍ୟ ସାରା ଭ୍ରମଣ କରି ଓଡ଼ିଶାର ବିଭିନ୍ନ ଜିଲ୍ଲାର ଛାତ୍ର ଏବଂ ଯୁବକମାନଙ୍କ ସହିତ ଯୋଗାଯୋଗ କରିବାକୁ ନବୀନ ନିର୍ଦ୍ଦେଶ ଦେଇଛନ୍ତି। ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତମାନଙ୍କୁ ନବୀନ କହିଛନ୍ତି ଯେ ଆପଣମାନଙ୍କ ଉପରେ ମୋର ବହୁତ ଆଶା ଅଛି। ଆପଣମାନେ ସବୁବେଳେ ବିନମ୍ର ଏବଂ ଶାଳୀନ ହୋଇ ରହିବା ସହ ଜନସେବାରେ ବ୍ରତୀ ହୁଅନ୍ତୁ। ନିରନ୍ତର ଭାବେ ଲୋକଙ୍କ ସହିତ ଯୋଡ଼ି ହୋଇ ରହିବା ସହ ରାଜ୍ୟବ୍ୟାପୀ ସେମାନଙ୍କ ସମସ୍ୟାର ସମାଧାନ କରନ୍ତୁ। ଏହା ସହ ସାମାଜିକ ଗଣମାଧ୍ୟମ ଉପରେ ଧ୍ୟାନ କେନ୍ଦ୍ରୀତ କରିବା ସହ ଦଳର ନୀତି, ଆଦର୍ଶ ଏବଂ ପ୍ରତିବଦ୍ଧତାକୁ ସକ୍ରିୟ ଭାବରେ ପ୍ରଚାର କରିବାକୁ ନବୀନ ଉପସ୍ଥିତ ଛାତ୍ର ଓ ଯୁବ ନେତାଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ସଭାପତି ଇପ୍ସିତା ସାହୁ, ଉପଦେଷ୍ଟା ବ୍ୟୋମକେଶ ରାୟ, ଅମରେଶ ପତ୍ରୀ, ସଞ୍ଜିତ ମହାନ୍ତି, ରାଜେନ୍ଦ୍ର କୁମାର ସାହୁ, ଦେବେଶ ଆଚାର୍ଯ୍ୟ, ଦେବୀ ରଂଜନ ତ୍ରିପାଠୀ, ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

ନବୀନଙ୍କ ସହ ସାକ୍ଷାତ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଯୁବ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ(ସ୍ୱତନ୍ତ୍ର ଦାୟିତ୍ୱ) ବ୍ୟୋମକେଶ ରାୟ କହିଛନ୍ତି ଯେ ଦଳର ସଭାପତିଙ୍କ ପରାମର୍ଶକ୍ରମେ ଯୁବକ, ଛାତ୍ରମାନଙ୍କୁ ନେଇ ଏକ ଶକ୍ତିଶାଳୀ ସଂଗଠନ ତିଆରି ହେବ। ସରକାରଙ୍କ ଅପାରଗ ପଣିଆ ଏବଂ ମିଛ ପ୍ରତିଶ୍ରୁତି ଦେଇ ଯେଉଁ ବାହବା ନେଉଛନ୍ତି, ତାହା ଲୋକଲୋଚନକୁ ଅଣାଯିବ। ମହିଳାଙ୍କଠାରୁ ଆରମ୍ଭ କରି ଯୁବକ ଛାତ୍ର ବର୍ତ୍ତମାନ ହତାଶା ମଧ୍ୟରେ ଗତି କରୁଥିବା ବେଳେ ଯୁବକଙ୍କୁ ମିଳିଥିବା ପ୍ରତାରଣାରେ ପରିଣତ ହୋଇଛି। ଏହା ବିରୋଧରେ ଏକ ବଡ଼ ଜନ ଆନ୍ଦୋଳନ ହେବାକୁ ଯାଉଛି। ନୂଆକରି ତିଆରି ହୋଇଥିବା ବିଜୁ ଯୁବ ଜନତା ଓ ଛାତ୍ର ଜନତା ଦଳ ଆକ୍ରମଣାତ୍ମକ ଢଙ୍ଗରେ କାର୍ଯ୍ୟ କରିବ। ଆସନ୍ତା ୨୦୨୯ରେ ଆମେ ପୁଣିଥରେ କ୍ଷମତାକୁ ଫେରିବୁ। ସେଥିପାଇଁ ଏବେଠାରୁ ରୋଡମ୍ୟାପ ପ୍ରସ୍ତୁତ ହେଉଛି ବୋଲି ବ୍ୟୋମକେଶ କହିଛନ୍ତି। ଉଭୟ ଚିନ୍ମୟ ସାହୁ ଏବଂ ଇପ୍ସିତା ସାହୁଙ୍କର ପୂର୍ବରୁ ବହୁ ଅଭିଜ୍ଞତା ରହିଛି। ଯୁବ, ଛାତ୍ର ନେତ ଭାବେ ଯାହା ଦକ୍ଷତା ରହିବା କଥା, ତାହା ସେମାନଙ୍କ ମଧ୍ୟରେ ରହିଛି। ତାଙ୍କ ନେତୃତ୍ୱରେ ଏକ ଦୃଢ଼ ସଂଗଠନ ତିଆରି ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସେହିପରି ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ କହିଛନ୍ତି ଯେ ଓଡ଼ିଶାର କୋଣ ଅନୁକୋଣକୁ ଯାଇ ବିଜୁ ଯୁବ ଜନତା ଦଳକୁ ନୂଆ ରୂପରେ, ନୂଆ ଢଙ୍ଗରେ ଆହୁରି କ୍ରିୟାଶୀଳ, ସଶକ୍ତ କରିବାକୁ ଆମର ପ୍ରିୟ ନେତା ନବୀନ ପଟ୍ଟନାୟକ ଆମକୁ ପରାମର୍ଶ ଦେଇଛନ୍ତି। ଆମେ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରାଇବୁ, ପ୍ରସଙ୍ଗ ଉତ୍ଥାପନ କରିବୁ। ଯଦି ସରକାର ନଚେତିବେ, ତାହେଲେ ବିରୋଧ ଜୋରଦାର ହେବ। ବିଜୁ ଯୁବ ଜନତା ଦଳ ପ୍ରତ୍ୟେକ ଜିଲ୍ଲା ବୁଲି ପ୍ରତିଭା ଅନ୍ୱେଷଣ କରାଯିବ। ଯୁବ, ଛାତ୍ର ସଂଗଠନରେ ଯିଏ ସଫଳ ନେତୃତ୍ୱ ନେଇଥିବେ, ଯେଉଁମାନେ ଦକ୍ଷ ହୋଇଥିବେ ସେମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଛାତ୍ର ସଭାପତି ଇପ୍ସିତା ସାହୁ କହିଛନ୍ତି ଯେ ଆଜି ଆମେ ଆମର ଦଳର ସଭାପତିଙ୍କୁ ଭେଟିଲୁ। କଣ ପାଇଁ ଜଣେ ଝିଅକୁ ଛାତ୍ର ଜନତା ଦଳର ସଭାପତି କରାଗଲା ତାହା କହିଥିଲେ। ବର୍ତ୍ତମାନ ଓଡ଼ିଶାରେ ଛାତ୍ରୀମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ସୌମ୍ୟାଶ୍ରୀ, ବଳଙ୍ଗୀ କିମ୍ବା ପଟ୍ଟାମୁଣ୍ଡାଇ ଘଟଣା ଏହାର ଗୋଟିଏ ଗୋଟିଏ ଉଦାହରଣ। କେଉଁଭଳି ଭାବେ ଛାତ୍ରୀମାନଙ୍କର ମନୋବଳ ବଢ଼ାଯିବ, କେଉଁଭଳି ଝିଅଟିଏ ନିଜ ସୁରକ୍ଷା ନିଜେ କରିବ; ସେମାନଙ୍କ ପାଇଁ ଲଢ଼େଇ କରିବାକୁ ଜଣେ ଝିଅକୁ ଛାତ୍ର ସଭାପତି ରୂପେ ଚୟନ କରାଯାଇଥିବା ସଭାପତି କହିଥିବା ସେ ସୂଚନା ଦେଇଛନ୍ତି।

### ପିକ୍‌ଅପ୍-ବାଇକ୍ ମୁହାଁମୁହିଁ...

ତାଙ୍କୁ ମୁହାଁମୁହିଁ ଧକ୍କା ଦେବାରୁ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଶବ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ତେବେ ଉତ୍ତେଜନା କ୍ରମଶଃ ବଢୁଥିବାରୁ ଖବର ପାଇ କୁକୁଡ଼ାଖଣ୍ଡି ତହସିଲଦାର ରାଜକିଶୋର ପଟ୍ଟନାୟକ, ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ପରିଡ଼ା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କୁ ବୁଝାସୁଝା କରିଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଜେନା ମଧ୍ୟ ସେଠାରେ ପହଞ୍ଚି ହସ୍ତକ୍ଷେପ କରିଥିଲେ। ତହସିଲଦାର ଶ୍ରୀ ପଟ୍ଟନାୟକ ରେଡକ୍ରସ୍ ପାଣ୍ଠିରୁ ମୃତଦ୍ୱୟଙ୍କ ପରିବାରକୁ ୩୦ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ରାସ୍ତାରୋକ ହଟିଥିଲା।

### ଅଧାରୁ ପାଠ ଛାଡୁଛନ୍ତି...

ଜାତୀୟ ହାର ତୁଳନାରେ ଓଡ଼ିଶାରେ ଛାତ୍ର-ଶିକ୍ଷକ ଅନୁପାତ ଆଗରେ ରହିଛି। ରାଜ୍ୟରେ ମୋଟ୍ ୭୬ଲକ୍ଷ ୪୪ହଜାର ୫୨ ଜଣ ପିଲା ପାଠ ପଢୁଥିବାବେଳେ ୩ଲକ୍ଷ ୪୪ହଜାର ୧୧୬ ଜଣ ଶିକ୍ଷକ ପାଠ ପଢ଼ାଉଛନ୍ତି। ଅର୍ଥାତ୍ ପ୍ରତି ୨୨ ଜଣ ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏହି ହାର ଜାତୀୟ ସ୍ତରରେ ଅଧିକ ଅର୍ଥାତ୍ ପ୍ରତି ୨୪ ଜଣ ପିଲାଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି। ପଡୋଶୀ ରାଜ୍ୟମାନଙ୍କ ଠାରୁ ଓଡ଼ିଶା ଏହି କ୍ଷେତ୍ରରେ ଆଗରେ ରହିଛି।

### ସମତାଭିତ୍ତିକ ସମାଜ...

ଲାଭ ପାଇବେ, ସେଥିପ୍ରତି ସରକାର ଦାୟିତ୍ୱବାନ ଅଛନ୍ତି ବୋଲି କହିଛନ୍ତି। ବିଗତ କିଛି ବର୍ଷରେ ଶିକ୍ଷାର୍ଥୀଙ୍କ ସଂଖ୍ୟା ୪୬ ରୁ ୬୬ ଲକ୍ଷ ପର୍ଯ୍ୟନ୍ତ ବଢିଛି। ସମାଜରେ ବଂଚିତ ବର୍ଗ ଉପରକୁ ଆସିଲେ ଦେଶ ଓ ରାଜ୍ୟର ଉନ୍ନତି ହେବ। ଏହି କର୍ମଶାଳାରୁ ସମସ୍ତଙ୍କ ପରାମର୍ଶରୁ ଯେଉଁ ନିଷ୍କର୍ଷ ବାହାରିବ ସେଥିରେ ସମାଜର କଲ୍ୟାଣ ହେବ ବୋଲି ସେ ମତ ଦେଇଛନ୍ତି। ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଓଡିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ବୋଲି କହିବା ସହ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ପାଇଁ ବିଗତ ୧୦ ବର୍ଷରେ ବଜେଟ ୪ ଗୁଣା ବଢିଛି ଏବଂ ଏଥିରେ ଆଦିବାସୀ ଅଧ୍ୟୁଷିତ ରାଜ୍ୟଗୁଡିକର ଉନ୍ନତି ହେବା ଫଳରେ ନକ୍ସଲବାଦ ଭଳି ସମସ୍ୟାକୁ ନିୟନ୍ତ୍ରଣ କରାଯାଇପାରିଛି ବୋଲି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ, ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ।


OFFICE OF THE PRINCIPAL
**PANCHAYAT SAMITI DEGREE COLLEGE,**
BANGOMUNDA, DIST. BALANGIR (ODISHA) PIN – 767040 (Estd.1999)
E-Mail : psdcbgm@gmail.com, Mob: 9078208298

**WALK-IN-INTERVIEW**

A walk-in-interview for appointment of lecturers on contractual basis is scheduled to be held in the Panchayat Samiti Degree College, Bangomunda on **Dt. 07.09.2025 (Sunday) at 10:30 A.M.** for the following Post.

| Sl No. | NAME OF THE POST | QUALIFICATION |
|---|---|---|
| 01 | Lect. in Sanskrit (No. of Post: 01) | Minimum 55% marks in P.G. Level |

Interested candidates are hereby informed to attend the interview on Dt. **07.09.2025 at 10:30 A.M.** with complete Bio-data, Original and Photocopies of all certificates and two passport size photographs. Salary is negotiable and no T.A/D.A will be given for attending the interview.

Sd/- Prinicpal



**SALE**

1 Number of Tractor–ESCORTS KUBOTA FT 45 POWER MAXX/ 2024, Registration No.- OD-01-AX –3697,Model-2024, ENGINE NO –E2667912, CHASSIS NO -T052674827AN, For Details, contact – 9437055763,9437966073, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE,756001, PH. NO-06782-266658



**ସତ୍ୟପାଠ**

ମୁଁ, ସୁପ୍ରିୟା ବିଶ୍ୱାଳ, ବୟସ: ୪୨ ବର୍ଷ, ସ୍ୱାମୀ: ବିଭୁପ୍ରସାଦ ସ୍ୱାଇଁ, ସା: ଭଟଣା, ପୋ: ଅଙ୍ଗେଶ୍ୱରପଡା, ଥାନା: ନାଉଗାଁ, ଜିଲ୍ଲା: ଜଗତସିଂହପୁର, ଓଡିଶା, ପିନ୍-୭୫୪୧୧୩ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ, ଭୁବନେଶ୍ୱରଙ୍କ ନିକଟରେ ଶପଥ ପାଠ କରି ଘୋଷଣା କରୁଛି କି, ମୋର ନାବାଳକ ପୁତ୍ର: ମନିତ କୁମାର ସ୍ୱାଇଁ (ପୁରୁଣା ନାମ)କୁ ନୂଆ ନାମ: ମନିତ ସ୍ୱାଇଁକୁ ପରିବର୍ତ୍ତନ କରୁଅଛି। ଏବେଠାରୁ ଭବିଷ୍ୟତରେ ସେ ମନିତ ସ୍ୱାଇଁ ନାମରେ ସମସ୍ତ କ୍ଷେତ୍ରରେ ପରିଚିତ ହେବ।



**କଟକ ମହାନଗର ନିଗମ**
ପବିତ୍ର ସାୟତ୍ତ ଶାସନ ଦିବସ-୨୦୨୫ ପାଳନ
ଅବସରରେ ନଗରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

**କଟକ ସହରର ସଚେତନ ନାଗରିକ ମାନଙ୍କୁ ନିବେଦନ**

- କଟକ ମହାନଗର ନିଗମ କଟକ ସହରର ସଚେତନ ନାଗରୀକ ମାନଙ୍କର ସକ୍ରିୟ ସହଯୋଗ ନେଇ ସ୍ୱଛତା ଓ କାର୍ଯ୍ୟ ଦକ୍ଷତା ମାଧମରେ ଏକ ବିକାଶମୁଖୀ ବୃହତର କଟକ ନିର୍ମାଣ କରିବା ପାଇଁ ସଙ୍କଳ୍ପ ବଦ୍ଧ । ଏଥିପାଇଁ ପ୍ରତ୍ୟେକ କ୍ଷେତ୍ରରେ ଜନସାଧାରଣଙ୍କର ସହଯୋଗ ଏକାନ୍ତ କାମ୍ୟ ।
- ନିଗମର ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ପରିସର ପରିଷ୍କାର ରଖିବା ସହ ରାସ୍ତା କଡ଼ରେ କିମ୍ବା ଖାଲି ଜାଗାରେ କୌଣସି ବର୍ଯ୍ୟବସ୍ତୁ ପକାନ୍ତୁ ନାହିଁ ଏବଂ ଏଥିପାଇଁ ପାଖରେ ଥିବା ଡ଼ଷ୍ଟବିନ କିମ୍ବା ମଇଳା ପଡ଼ିବା ସ୍ଥାନ ବ୍ୟବହାର କରି ସ୍ୱାସ୍ଥ୍ୟ, ପରିମଳ ଓ ପରିବେଶ ବ୍ୟବସ୍ଥାକୁ ସୁରକ୍ଷା ପ୍ରଦାନ କରନ୍ତୁ ।
- ନିଗମ ଦ୍ୱାରା ସହର ମଧରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରାଯାଇଥିବା ଦୃଷ୍ଟିରୁ, ଏହାର ବିକଳ୍ପକୁ ବ୍ୟବହାର କରିବା ପାଇଁ ବଦ୍ଧପରିକର ହୋଇ, ପଲିଥିନକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରନ୍ତୁ ।

DSPL-231 OIPR-13031/13/0214/2526

ସୁଶ୍ରୀ କିରନଦିପ୍ କୌର ସହୋତା, ଭା.ପ୍ର.ସେ. ଆୟୁକ୍ତ | ସୁଶ୍ରୀ ଦମୟନ୍ତୀ ମାଝୀ, ଡେପୁଟି ମେୟର | ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର



**AFFIDAVIT**

I, Manasa Kumar Jena, S/o- Late Laxmidhar Jena, resident of Plot No-20, Sector-1 Niladri Vihar, Sailashree Vihar, Bhubaneswar,Khorda, Odisha- 751021, declare by this affidavit No.248, Dated: 28.08.2025 that now onwards I shall be known as **Manas Kumar Jena** for all future purposes.



**AFFIDAVIT**

By virtue of an affidavit No-4954 sworn before the Executive Magistrate, Champua, date-31/07/2025. I, **Sadiya Khatun,** W/o- Md. Kaisar, Address: At/Po/Ps-Jhumpura, Dist- Keonjhar, Odisha, PIN-758031 I have changed my name from **Sadia Bano** (old name) to **Sadiya Khatun** (new name). Henceforth, I shall be known as **Sadiya Khatun** for all future purposes.

**Sadiya Khatun**



**କଟକ ମହାନଗର ନିଗମ**
ସାୟତ୍ତ ଶାସନ ପାଳନ ଅବସରରେ
କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

**କାର୍ଯ୍ୟସୂଚୀ**

**ତା. ୩୦.୦୮.୨୦୨୫ ରିଖ**

ପ୍ରାତଃ ୦୯.୦୦ ଘଟିକା : ରକ୍ତଦାନ ଶିବିର, ଟାଉନହଲ, କଟକ

**ତା. ୩୧.୦୮.୨୦୨୫ ରିଖ**

ପୂର୍ବାହ୍ନ -୧୦.୩୦ ଘଟିକା : ନିଗମ ଅଂଚଳରେ ନୂତନ ପ୍ରକଳ୍ପ ନିମନ୍ତେ ଭିତିପ୍ରସ୍ତର ସ୍ଥାପନ ଓ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଶୁଭ ଉଦ୍‌ଘାଟନ ।
ସନ୍ଧ୍ୟା -୦୪.୦୦ ଘଟିକା : ସହିଦ ଭବନ, କଟକ ଠାରେ ସାଧାରଣ ସଭା

ମୁଖ୍ୟ ଅତିଥି :
ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ, ଓଡ଼ିଶା
ମୁଖ୍ୟବକ୍ତା :ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ, ମାନ୍ୟବର ସାଂସଦ (ଲୋକସଭା), କଟକ
ସତନ୍ତ୍ର ଅତିଥି :ଶ୍ରୀଯୁକ୍ତ ଦେବାଶିଷ ସାମନ୍ତରାୟ, ମାନ୍ୟବର ସାଂସଦ (ରାଜ୍ୟସଭା) ତଥା ସଭାପତି କଟକ ମହାନଗର ନିଗମ କର୍ମଚାରୀ ସଂଘ

ସମ୍ମାନିତ ଅତିଥି ବୃନ୍ଦ
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ମାନ୍ୟବର ବିଧାୟକ, ଚୌଦ୍ୱାର କଟକ
ଇଂ. ସୋଫିଆ ଫିର୍‌ଦୋସ, ମାନ୍ୟବର ବିଧାୟିକା, ବାରବାଟୀ କଟକ
ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ପ୍ରଭାତ ତ୍ରିପାଠୀ, ପୂର୍ବତନ ବିଧାୟକ ତଥା ସଭାପତି କଟକ ମହାନଗର ନିଗମ ମେହେନ୍ତର ସଂଘ
ଶ୍ରୀଯୁକ୍ତ ଦତାତ୍ରୟ ଭାଉସାହେବ ସିନ୍ଦେ, (ଭା.ପ୍ର.ସେ) ଜିଲ୍ଲାପାଳ, କଟକ
ଶ୍ରୀଯୁକ୍ତ ଖିଲାରି ଋଷିକେଷ ଦ୍ୟାନଦେଓ, (ଭା.ପୁ.ସେ) ଡ଼ିସିପି, କମିଶନରେଟ ପୋଲିସ, କଟକ

୧. ନିଗମ ଅଂଚଳରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ।
୨. ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ।
୩. ନିଗମର କର୍ତବ୍ୟନିଷ୍ଠ କର୍ମଚାରୀମାନଙ୍କୁ ତାଙ୍କର ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ପୁରସ୍କାର ବିତରଣ ।

ସୁଶ୍ରୀ କିରନ୍‌ଦିପ କୌର ସହୋତା, (ଭା.ପ୍ର.ସେ) ଆୟୁକ୍ତ | ସୁଶ୍ରୀ ଦମୟନ୍ତୀ ମାଝୀ ଡେପୁଟି ମେୟର | ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ ମେୟର

ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ

DSPL-230 OIPR-13031/13/0212/2526



**ହଜିଯାଇଥିବା ସୂଚନା**

ମୁଁ ଅରୁପମା ବର୍ଦ୍ଧନ ,ସ୍ୱାମୀ - ପୂର୍ଣ୍ଣ ଚନ୍ଦ୍ର ବର୍ଦ୍ଧନ , ଗାଁ/ପୋଷ୍ଟ - ନୂଆପାଟଣା , ଥାନା- ତିଗିରିଆ , ଜିଲ୍ଲା- କଟକ ବାସିନ୍ଦା ଅଟେ। ମୁଁ ୨୪.୦୧.୨୦୨୫ ରିଖ ୧୦.୩୦ ସମୟରେ ତିଗିରିଆ ତହସିଲ କାର୍ଯ୍ୟାଳୟକୁ ଯାଉଥିବା ବେଳେ ଜମି କାଗଜପତ୍ରର ଖାତା ନମ୍ବର - ୪୨୯/୩୨୧ ଏବଂ ଡିଡ୍ ନମ୍ବର - ୪୩୫ ତାରିଖ-୧୮-୦୭- ୨୦୦୮ ହଜି ଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଥାନ୍ତି ତେବେ ଦୟାକରି ମୋବାଇଲ୍ ନମ୍ବର - ୯୯୩୮୦୫୫୦୩୨ କିମ୍ବା ତିଗିରିଆ ପୁଲିସ ନିକଟରେ ସୂଚନା ଦେବା ପାଇଁ ଅନୁରୋଧ କରୁଛି । ଏଥିରେ ଯଦି କେହି ଅପବ୍ୟବହାର କରନ୍ତି ଆମେ ଦାୟୀ ରହିବୁ ନାହିଁ। SD /- ଅରୁପମା ବର୍ଦ୍ଧନ

■ ଟାଟା ପାୱାରର ଗ୍ରାହକ ଶୋଷଣର ପ୍ରତିବାଦ

# ରାଜକନିକା ସେକ୍ସନ ଜେଏମ୍ ଓ ଜିଲ୍ଲାପାଳଙ୍କୁ ଦେଲେ ଦାବିପତ୍ର



ରାଜକନିକା,୨୯।୮ (ସମିସ): ବିଜୁଳି ବିଲ୍‌ରେ ହଠାତ ବଢ଼ିଛି ଦେଢଗୁଣ ଟଙ୍କା। ଏ ସମ୍ପର୍କରେ ପଚାରିଲେ ଆମକୁ ସହଯୋଗ କରିବାକୁ ରାଜକନିକା ଟିପିସିଓଏଲ କର୍ମଚାରୀ କହିବା ସହ ବିଲ୍‌ରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ରୋକଠୋକ ଶୁଣାଇବା ପରେ ଆଜି କେତେକ ଗ୍ରାହକ ରାଜକନିକା ସେକ୍ସନରେ ଜୁନିୟର ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରି ପ୍ରତି ଗ୍ରାହକଙ୍କୁ ଉଚିତ ବିଜୁଳି ବିଲ୍ ଦେବାକୁ ଦାବି କରିଛନ୍ତି। ଏଥିସହ ରାଜକନିକା ଗସ୍ତରେ ଆସିଥିବା ଜିଲ୍ଲାପାଳଙ୍କୁ ମଧ୍ୟ ଓଲାଭର ବଜାର ନିକଟରେ ଅଟକାଇ ଦାବିପତ୍ର ଦିଆଯାଇଛି। ଜିଲ୍ଲାପାଳ ଦାବି ଜାଣିବା ପରେ ଟାଟା ପାୱାର ସହ ଆଲୋଚନା କରି ଏହାର ସମାଧାନ କରିବାକୁ ଉଦ୍ୟମ କରିବେ ବୋଲି କହିଛନ୍ତି। ଚଳିତ ମାସରେ କେନ୍ଦ୍ରାପଡ଼ା ଜିଲ୍ଲାରେ ସମସ୍ତ ଉପଭୋକ୍ତାଙ୍କ ନିକଟକୁ ଦେଢଗୁଣ ବିଜୁଳି ବିଲ୍ ଆସିଥିବା ଖବର ଜାଣି ଗତକାଲି ଏ ସମ୍ପର୍କରେ ଟାଟା ପାୱାର ସହ ଆଲୋଚନା ହୋଇଥିଲା। ଉପରୁ ବିଲ ଫିଡ୍ ହୋଇଛି। ଆମେ କିଛି କରିପାରିବୁନି କହୁଥିବା ଟିପିସିଓଏଲ କର୍ମଚାରୀ ଆଜି ଏହାର ସମାଧାନ ପାଇଁ କହିଛନ୍ତି। ତେବେ ମିଟର ରିଡର୍ କର୍ମଚାରୀଙ୍କ ଆନ୍ଦୋଳନରୁ ମାସର ପ୍ରଥମ ସପ୍ତାହର ବିଲ୍ ଜାଗାରେ ଶେଷ ସପ୍ତାହରେ ବିଲ ଦିଆଯିବାରୁ ସବୁ ଗ୍ରାହକଙ୍କ ବିଲ ଦେଢଗୁଣ ହୋଇଛି। ତେବେ ବିଜୁଳି ଆବଣ୍ଟନ ଦାୟିତ୍ୱ ନେବା ପରେ ବିଭିନ୍ନ ବାଟରେ ଗ୍ରାହକଙ୍କୁ ଶୋଷି ଚାଲିଥିବା ଟାଟା ପାୱାର ଚଳିତ ମାସର ବିଜୁଳି ବିଲରେ ନିର୍ଦ୍ଧାରିତ ବିଜୁଳି ଭଡ଼ାଠାରୁ ଦେଢଗୁଣ ଅଧିକ ଅର୍ଥ ରୂପକ ଟିକସ ଜାରି କରି ଶୋଷଣର ମାତ୍ରାକୁ ବଢ଼ାଇ ଦେଇଛି। ଓଡ଼ିଶାରେ ଟାଟା ପାୱାର ବିଜୁଳି ଆବଣ୍ଟନ ଦାୟିତ୍ୱ ନେବା ପରେ ଗ୍ରାହକଙ୍କୁ ପ୍ରଥମେ ଡିଜିଟାଲ ମିଟର ବସାଇ ପୂର୍ବରୁ ଆସୁଥିବା ବିଲକୁ ହଠାତ ଦୁଇଗୁଣ କରିବା ପରେ ଏବେ ସ୍ମାର୍ଟ ମିଟର ବା ପ୍ରିପେଡ ମିଟର ବସାଇ ଦୈନିକ ଲୁଣ୍ଠନ କରିଚାଲିଛି। ନିୟମ ମୁତାବକ ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ୦ରୁ ୫୦ ୟୁନିଟ ପାଇଁ ଗୋଟିଏ ସ୍ଲାବର ରେଟ୍ ଥିବାବେଳେ ୫୦ରୁ ୧୦୦ ପାଇଁ ଅଧିକ ସ୍ଲାବ ଓ ୧୦୦ ପରର ବିଲ ପାଇଁ ଆହୁରି ଅଧିକ ସ୍ଲାବ ନିର୍ଦ୍ଧାରଣ କରାଯାଇଛି। ତେବେ ପ୍ରତି ମାସର ବିଲ ଦେଇ ସର୍ବନିମ୍ନ ଟିକସ ଦେଉଥିବା ଗ୍ରାହକ ହଠାତ ଦେଢଗୁଣା ବିଲ୍ ପାଇଁ ହତାଶ ହୋଇଛି।

# ମେରା ଯୁବ ଭାରତ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ

ଡେରାବିଶ, ୨୯।୮ (ସମିସ): ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ ଅନ୍ତର୍ଗତ ନୀଳମଣି ସ୍ପୋର୍ଟ୍ସ ଏକାଡେମୀ ଓ ମେରା ଯୁବ ଭାରତ ମିଳିତ ଆନୁକୂଲ୍ୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏକାଡେମୀର ପ୍ରତିଷ୍ଠାତା ତଥା କ୍ରୀଡ଼ାବିତ୍ ଧନଞ୍ଜୟ ଦାସ, ମନୋଜ ମଲିକ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ଓ ପାଠପଢ଼ା ସହ ସୁନ୍ଦର, ଉତ୍ତମ ସ୍ୱାସ୍ଥ୍ୟ



ପ୍ରଶିକ୍ଷକ ନାରାୟଣ ଚନ୍ଦ୍ର ବାରିକ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା କ୍ରୀଡ଼ାବିତ୍ ନିରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ କୁରୁଜଙ୍ଗା ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ ଓ ମୁଖ୍ୟବକ୍ତା ଭାବେ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକାଡେମୀର ସମସ୍ତ ଖେଳାଳି ଉପସ୍ଥିତ ଥିବାବେଳେ ଖେଳ ଶିକ୍ଷକ ବାନାମ୍ବର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ସାପ୍ତାହିକ ହାଟର ଉନ୍ନତି ନିମନ୍ତେ ବୈଠକ

# କଂକ୍ରିଟ୍ ରାସ୍ତା, ବିଦ୍ୟୁତ୍‌କରଣ କରାଯିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

କେନ୍ଦ୍ରାପଡ଼ା,୨୯।୮ (ସମିସ)



କେନ୍ଦ୍ରାପଡ଼ା ଆରଏମସି ଦ୍ୱାରା ପରିଚାଳିତ ସାପ୍ତାହିକ ପରିବା ହାଟର ଉନ୍ନତିକରଣ, ଭଡ଼ା ସୂତ୍ରରେ ଦିଆଯାଇଥିବା ଦୋକାନ ଗୃହର ବକେୟା ଭଡ଼ା ଓ ନିୟମିତ ଭଡ଼ା ପ୍ରଦାନ ସମ୍ପର୍କରେ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସାପ୍ତାହିକ ହାଟର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ହାଟରେ ବିଦ୍ୟୁତ୍‌କରଣ, କଂକ୍ରିଟ ରାସ୍ତା କରାଯିବା ସହ ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

ଆରଏମସି ଅଧୀନସ୍ଥ ଘାଗରା, ଇନ୍ଦୁପୁର, ଛତା ଓ ଗୋପ ହାଟ ବଜାର କମିଟି ସଦସ୍ୟଙ୍କୁ ଜିଲ୍ଲାପାଳ ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ଆଲୋଚନା ପାଇଁ ଡାକିଥିଲେ। ମିଳନ ଓଝା, ବୈଷ୍ଣବ ସ୍ୱାଇଁ, ବିଶ୍ୱପ୍ରକାଶ ସାହୁ, ବିଜୟ ବେହେରା, ଅଜିତ ପରିଡା, ଶଙ୍କର୍ଷଣ ମଲ୍ଲିକ, ସୁନୀଲ ପରିଡ଼ା, ହେମନ୍ତ ମଲ୍ଲିକ, ଶରତ ମଲ୍ଲିକ, ଦୁଷ୍ମନ୍ତ ବିଶ୍ୱାଳ, ସରୋଜ ବେହେରା, ପ୍ରଫୁଲ୍ଲ ଦାସ, ଯଶୋବନ୍ତ ପ୍ରଧାନ, ସୁରେଶ ମହାନ୍ତି, ସତ୍ୟପ୍ରିୟ ବେହେରା, ରଞ୍ଜନ ନାୟକ ଉକ୍ତ ବୈଠକରେ ଯୋଗଦେଇ ପାଣି ନିଷ୍କାସନ ନିମନ୍ତେ ଡ୍ରେନ ବ୍ୟବସ୍ଥା, ବିଦ୍ୟୁତ୍, କଂକ୍ରିଟ ରାସ୍ତା ନିର୍ମାଣ, ଦୋକାନ ଗୃହର ମରାମତି ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବ ବିଷୟରେ ପଦକ୍ଷେପ ନେଇ ତୁରନ୍ତ ସେଗୁଡ଼ିକ ନିର୍ମାଣ କରି ବିଦ୍ୟୁତ ସଂଯୋଗୀକରଣର ସୁବ୍ୟବସ୍ଥା କରିବା ପାଇଁ ଆରଏମସି ସମ୍ପାଦକ ବିଦ୍ୟାଧର ବେହେରାଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବକେୟା ଘର ଭଡ଼ା ପ୍ରଦାନରେ ଅବହେଳା ପାଇଁ ଭଡ଼ା ସୂତ୍ରରେ ନେଇଥିବା ବ୍ୟକ୍ତିଙ୍କୁ ତୁରନ୍ତ ନୋଟିସ ଜାରି କରି ଘରଭଡା ପୈଠ କରିବାକୁ ଜିଲ୍ଲାପାଳ ଆରଏମସି ସମ୍ପାଦକ ବିଦ୍ୟାଧର ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୋଟିସ ପାଇ କୌଣସି ବ୍ୟକ୍ତି ବକେୟା ଭଡା ପୈଠ ନ କଲେ, ଉକ୍ତ ଦୋକାନ ଘର ଆଲଟମେଣ୍ଟ ଆଦେଶକୁ ଖାରଜ କରି ଉକ୍ତ ଘରକୁ ଅନ୍ୟ ଆଶାୟୀ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବା ପାଇଁ ଉକ୍ତ ବୈଠକରେ ନିଷ୍ପତି ନିଆଯାଇଛି। ଇନ୍ଦୁପୁର ହାଟ ପରିସର ସଂକୁଚିତ ଥିବାରୁ ଏହାକୁ ଲାଗି ସରକାରଙ୍କ ପ୍ରଶସ୍ତ ଅନାବାଦୀ ଜାଗା ଚିହ୍ନଟ କରି ହାଟ ପରିସର ବଢାଇବା ପାଇଁ ବଜାର କମିଟି ସଦସ୍ୟ ପ୍ରସ୍ତାବ ରଖିଥିଲେ। ସଭାପତି ଶରତ ମଲ୍ଲିକ ଉକ୍ତ ପ୍ରସ୍ତାବକୁ ତୁରନ୍ତ ବିଚାର କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ସେହିପରି ଘାଗରା ହାଟ ୫ଟି ପଞ୍ଚାୟତର ପାଖାପାଖି ୨୦,୦୦୦ ଲୋକ ଉପକୃତ ହେବେ ବୋଲି ଘାଗରା ସରପଞ୍ଚ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଘାଗରା ହାଟର ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ସହମତି ପ୍ରକାଶ କରିଥିଲେ। ଘାଗରା ହାଟ ବିଦ୍ୟୁତ ସଂଯୋଗୀକରଣ, କଂକ୍ରିଟ ରାସ୍ତା ନିର୍ମାଣ ଓ ଜଳ ନିଷ୍କାସନର ବ୍ୟବସ୍ଥା ନିମନ୍ତେ ପ୍ରସ୍ତାବ ରଖିଥିଲେ। ଘାଗରା ହାଟରେ ଥିବା ପ୍ରଶସ୍ତ ପଡିଆରେ ଗୋରୁ ହାଟ କରିବା ପାଇଁ ପ୍ରସ୍ତାବ ରଖିଥିଲେ।

ଛତା ହାଟରେ ବିଦ୍ୟୁତ ସଂଯୋଗୀକରଣ, କଂକ୍ରିଟ ରାସ୍ତା ନିର୍ମାଣ ଓ ଜଳ ନିଷ୍କାସନ ବ୍ୟବସ୍ଥା ନିମନ୍ତେ ବଜାର କମିଟି ସଭାପତି ଯଶୋବନ୍ତ ପ୍ରଧାନ ପ୍ରସ୍ତାବ ଦେଇଥିଲେ। ଭଡ଼ା ପୈଠ କରୁ ନ ଥିବା ବ୍ୟକ୍ତିଙ୍କୁ ନୋଟିସ କରି ଭଡ଼ା ପୈଠ କରିବାକୁ ନିର୍ଦ୍ଦେଶ ଦେବାପାଇଁ ପ୍ରସ୍ତାବ ରଖିଥିଲେ। ଆରଏମସିର ନିଜସ୍ୱ ଗୋପ ହାଟ ପରିସର ସଂକୁଚିତ ଥିବାରୁ ଚାଷୀ ଓ ବ୍ୟବସାୟୀ ଜାତୀୟ ରାଜପଥରେ ବିକ୍ରି ବଟା କରୁଥିବା ଅଭିଯୋଗ ହୋଇଥିଲା। କୌଣସି ଚାଷୀ ଭାଇ ଓ ବ୍ୟବସାୟୀ ଯେପରି ଜାତୀୟ ରାଜପଥରେ ନ ବସନ୍ତି ଓ ସେମାନଙ୍କୁ ହାଟ ପରିସରରେ ବସାଇବାକୁ ହାଟ ସୁପରଭାଇଜରଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ବ୍ୟକ୍ତି ବିଶୃଙ୍ଖଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ପ୍ରତ୍ୟେକ ହାଟରେ ଉଭୟ ପୁରୁଷ ଓ ମହିଳାଙ୍କ ନିମନ୍ତେ ଶୌଚାଳୟ, ହାଟ ପରିସରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବାକୁ କୁହାଯାଇଛି। ବୈଠକକୁ ଆରଏମସି ସମ୍ପାଦକ ବିଦ୍ୟାଧର ବେହେରା, ହାଟ ସୁପରଭାଇଜ ପ୍ରଦୀପ ଦାସ, ନୟନ ବିଶ୍ୱାଳ, ଗଗନ ଲେଙ୍କା, ଚନ୍ଦ୍ରମଣି ମହାନ୍ତି ଓ ନରେନ୍ଦ୍ର ଚନ୍ଦ୍ର ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

● ରାଜ୍ୟ ରାଜପଥରେ ଗଦାହୋଇଛି ବାଲି

# ବାଲି ଉଡ଼ି ଯାତ୍ରୀ ଓ ପଥଚାରୀ ହୀନସ୍ତା



ଡେରାବିଶ,୨୯।୮ (ସମିସ): କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ଡେରାବିଶ ବ୍ଲକ ଅନ୍ତର୍ଗତ ସଲାର ମଠ ଛକରେ ରାସ୍ତର ଉପରେ ଗଦା ହୋଇ ରହିଛି ୨୦ ଟ୍ରିପରୁ ଅଧିକ ବାଲି। ଏହି ବାଲି ରାଜ୍ୟ ରାଜପଥ ଉପରକୁ ମାଡ଼ି ଗଦା ହୋଇଥିବାବେଳେ ଏହି ବାଲି ଗଦାରୁ ବାଲି ଉଡ଼ି ରାସ୍ତାରେ ଯାଉଥିବା ଲୋକଙ୍କୁ ସମସ୍ୟା ସୃଷ୍ଟି କରୁଛି। ଏହି ରାସ୍ତାରେ ବାଇକ୍ ଆରୋହୀ, ସାଇକଲ୍ ଆରୋହୀ ଯାଉଥିବାବେଳେ ସାମାନ୍ୟ ପବନରେ ବାଲି ଉଡ଼ି ସେମାନଙ୍କ ଆଖିରେ ପଶୁଛି। ଏଥିସହିତ ଏହି ସ୍ଥାନରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ରହିଥିବାରୁ ରାଜପଥରେ ଯାଉଥିବା ବହୁ ଯାତ୍ରୀ ଏଠାରେ ଅଟକି ସ୍ନାନ ଶୌଚାଦି କରୁଛନ୍ତି। ବାଲି ଉଡ଼ିବା ଫଳରେ ଯାତ୍ରୀ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି।

ଅପରପକ୍ଷେ ଏଠାରେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀ ରାସ୍ତାରେ କୌଣସି ଗାଡ଼ି ଗଲେ ତା'ର ପବନରେ ଏହି ବାଲିଗଦାରୁ ବାଲି ଉଡ଼ି ସେମାନଙ୍କ ଆଖି କାନରେ ପଶିଯାଉଛି। ଏହି ବାଲି ଧିରେ ଧିରେ ଧଳାଗାର ଟପି ମଝି ରାସ୍ତା ଆଡ଼କୁ ମାଡ଼ିଗଲାଣି। ଉକ୍ତ ରାସ୍ତା ଦେଇ ନିକଟସ୍ଥ ଚାନ୍ଦୋଳ କଲେଜ ଓ ବିଭିନ୍ନ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ସାଇକଲରେ ଯାଉଥିବାବେଳେ ବାଲି ଆଖିରେ ପଶିବା ଯୋଗୁ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବହୁ ବାଇକ୍ ଆରୋହୀ ଏହି ବାଲି ଗଦା ଫଳରେ ଦୁର୍ଘଟଣାର ସାମ୍ନା କରୁଛନ୍ତି। ତେବେ ଶୁଣିବାକୁ ମିଳିଛି ଜଣେ ଠିକାଦାର ଖମୋଳ ପଞ୍ଚାୟତରେ ଏକ ଢଳେଇ ରାସ୍ତା ନିର୍ମାଣ ପାଇଁ ଏଠାରେ ଦୀର୍ଘ ଏକମାସରୁ ଊର୍ଦ୍ଧ୍ୱ ସମୟ ହେବ ବାଲି ଗଦା କରି ରଖିଛନ୍ତି। ଠିକାଦାର ଜଣକ ଯେଉଁଠି ବାଲି ଗଦା କରିଛି, ତା'ର ଆଗକୁ ରାସ୍ତାକୁ ଛାଡ଼ି କିଛି ଦୂରରେ ପ୍ରଶସ୍ତ ଫାଙ୍କା ଜାଗା ଥିବାବେଳେ ରାସ୍ତା ଉପରେ ଏହି ବାଲି ଗଦା କରିଛି। ଡେରାବିଶ ତହସିଲ ପ୍ରଶାସନ ଗତ ମାସରେ ପଲେଇ ପଞ୍ଚାୟତ ଅନ୍ତର୍ଗତ କାଜିପୁର ନିକଟରେ ରାସ୍ତା ଉପରେ ଗଦା ହୋଇଥିବା ବାଲି ଜବତ କରିଥିବାବେଳେ ରାଜ୍ୟ ରାଜପଥ ଉପରେ ଗଦା ହୋଇଥିବା ଏହି ବାଲି ପ୍ରତି କେମିତି ନଜର ପଡୁନି। ତୁରନ୍ତ ତହସିଲ ପ୍ରଶାସନ ଓ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ରାଜ୍ୟ ରାଜପଥ ଉପରେ ଗଦା ହୋଇଥିବା ବାଲିକୁ ହଟାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୧୨୧ ବର୍ଷରେ ଗୁଡ଼ିଆସାହି ଗଣେଶ ପୂଜା



ପଞ୍ଚୁପାଣ୍ଡବ,୨୯।୮ (ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ଧୂମଧାମରେ ଚାଲିଛି ଗଣେଶ ପୂଜା। ସଦାନନ୍ଦପୁର ଗ୍ରାମର ଗୁଡ଼ିଆସାହିରେ ୧୨୧ ବର୍ଷରେ ପଦାର୍ପଣ କରିଛି ଗଜାନନଙ୍କ ପୂଜା। ଏହି ସାହିର ସମସ୍ତେ ମିଶି ଏହି ପରମ୍ପରାକୁ ବଜାଇ ରଖିଥିବା ଗ୍ରାମର ଅର୍ଜୁନ ସାହୁ କହିଛନ୍ତି। ସେହିପରି ବଜାର ଗ୍ରାମର ବୀର ହନୁମାନଜୀଉ ୟୁଥ୍ କ୍ଲବ୍, ନିମପଡ଼ାର ମା' ପଣ୍ଚେଇ ଠାକୁରାଣୀ ନୀଳଶୈଳ ଯୁବକ ସଂଘ, ସଦାନନ୍ଦପୁରର ଦଳିତ ସାହି ଓ ରାଏତୁଣ୍ଡି ଗ୍ରାମର ଦଳେଇ ସାହିରେ ଗଣେଶ ପୂଜା ଧୂମଧାମରେ କରାଯାଉଛି।

# ଦୁର୍ଘଟଣାରେ ୨ ଗୋଡ଼ ହରାଇଥିବା ଯୁବକଙ୍କୁ ସହାୟତା




ରାଜନଗର,୨୯।୮ (ସମିସ): ରାଜନଗର ବ୍ଲକ୍ ଭିତରଗଡ଼ ପଞ୍ଚାୟତ ବିଷ୍ଣୁପଡ଼ା ଗ୍ରାମର ଅଙ୍କୁର ଚରଣ ଚଣ୍ଡଙ୍କ ପୁଅ ଅରୁଣ ବେଙ୍ଗାଲୁରୁରେ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଅରୁଣ କମ୍ପାନୀରୁ କାମ ସାରି ଭଡ଼ା ଘରକୁ ଫେରିବା ପାଇଁ ଲୋକାଲ ଟ୍ରେନ୍‌ରେ ଚଢିବା ସମୟରେ ଖସି ପଡ଼ିବାରୁ ତାଙ୍କର ଦୁଇ ଗୋଡ଼ କଟିଯାଇଥିଲା। ଏଭଳି ଦୁଃଖଦ ଖବର ପାଇ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ପଞ୍ଚୁବରାହୀ ସେବା ସଂସ୍ଥାନ ପରିବାର ପକ୍ଷରୁ ସମବେଦନା ଜଣାଇବା ସହିତ ଅରୁଣଙ୍କ ଚିକିତ୍ସା ପାଇଁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

# ବଳଦେବଜୀଉ ମନ୍ଦିର ହୁଣ୍ଡିରୁ ସାଢ଼େ ୨ ଲକ୍ଷ ଟଙ୍କା ଆୟ

କେନ୍ଦ୍ରାପଡ଼ା,୨୯।୮ (ସମିସ): ଆଜି ବଳଦେବଜୀଉଙ୍କ ଜଗମୋହନ ହୁଣ୍ଡି ଖୋଲାଯାଇ ଦେବୋତ୍ତର କାର୍ଯ୍ୟାଳୟରେ ଗଣତି କରାଯାଇଥିଲା। ଏଥିରୁ ୨ ଲକ୍ଷ ୬୯ ହଜାର ୪୦୦ ଟଙ୍କାକୁ ମନ୍ଦିର ପାଣ୍ଠିଭୁକ୍ତ କରାଯାଇଛି। ଉକ୍ତ ଗଣତି କାର୍ଯ୍ୟରେ ଦେବୋତ୍ତର ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟ ବୋର୍ଡ ସଭ୍ୟ ପୂର୍ବତନ ନଗରପାଳ ଧିରେନ ସାହୁ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ଅବସରପ୍ରାପ୍ତ କର୍ମଚାରୀ ପତିତପାବନ ଲେଙ୍କା, ପ୍ରବୋଧ ପଣ୍ଡା, ଶ୍ରୀଧର ବେହେରା, କୈଳାସ ସ୍ୱାଇଁ, ରାଜକିଶୋର ମହାନ୍ତି ଓ ଦେବୋତ୍ତର ସଂସ୍ଥାର ହିସାବରକ୍ଷକ ଶରତ ପାତ୍ର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ଉକ୍ତ ଗଣତି କାର୍ଯ୍ୟକୁ ସମ୍ପାଦନ କରିଥିଲେ।

# ଝାରପଡ଼ା ଗାଁ ନିକଟରେ କୁମ୍ଭୀର



ରାଜନଗର,୨୯।୮ (ସମିସ): ଗତ ୨୫ ତାରିଖରେ ରାଜନଗର ବ୍ଲକ୍ ହାତିନା ପଞ୍ଚାୟତ ଅନ୍ତର୍ଗତ ପେଣ୍ଠ ଗ୍ରାମର ରବୀନ୍ଦ୍ର ମହାନ୍ତିଙ୍କ ପୋଖରୀରୁ ୮ ଫୁଟର କୁମ୍ଭୀର ଉଦ୍ଧାର କରାଯାଇଥିବାବେଳେ ଦୁଇଦିନ ଧରି ଝାରପଡ଼ା ଗାଁ ନିକଟରେ ୨୦ ଫୁଟ ଲମ୍ବର କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଛି। ୨ ବର୍ଷ ପୂର୍ବେ କୁମ୍ଭୀର ଭାସୁଥିବା ସ୍ଥାନଠାରୁ ୨୦୦ ମିଟର ଦୂରରେ ମହିଳାଙ୍କୁ ତାଙ୍କ ପୋଖରୀ କୂଳରୁ ଟାଣି ନେଇ ମାରିଦେଇଥିଲା। ଏବେ ଗାଁ ନିକଟରେ ସେହି କୁମ୍ଭୀର ଭାସୁଥିବାରୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସ୍ଥାନୀୟ ଲୋକେ କୁମ୍ଭୀରକୁ ଉଦ୍ଧାର କରି ଅନ୍ୟତ୍ର ଛାଡ଼ିବାକୁ ବନବିଭାଗକୁ ଜଣାଇଛନ୍ତି। ରାଜନଗର ବ୍ଲକ୍‌ର ସମସ୍ତ ନଦୀ ନାଳରେ ଏବେ କୁମ୍ଭୀର ଆତଙ୍କ ସୃଷ୍ଟି ହୋଇଛି। ବର୍ଷେ ମଧ୍ୟରେ ବିଭିନ୍ନ ଗାଁରୁ ପ୍ରାୟ ୨୦ଟି କୁମ୍ଭୀର ଉଦ୍ଧାର ହୋଇଥିବା ଜଣାପଡ଼ିଛି।

# ସମାଜସେବୀ ଝରି ବସନ୍ତିଆଙ୍କ ସ୍ମୃତିଚାରଣ ସଭା

ମାର୍ଶାଘାଇ,୨୯।୮ (ସମିସ): ମାର୍ଶାଘାଇ ରୟାଲ ଗାର୍ଡେନ ପରିଷଦର ପ୍ରତିଷ୍ଠିତ ବ୍ୟବସାୟୀ ତଥା ସମାଜସେବୀ ସ୍ୱର୍ଗତ ଝରି ବସନ୍ତିଆଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଛି। ଅଧ୍ୟାପକ ସୁକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସଞ୍ଜୟ ଲେଙ୍କା, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ ରଥ, ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ବସନ୍ତ ବଡ଼ଜେନା, ସମାଜସେବୀ ତ୍ରୈଲୋକ୍ୟନାଥ ବେଉରା, ମଧୁସୂଦନ ବେହେରା ପ୍ରମୁଖ ଯୋଗଦେଇ ମାର୍ଶାଘାଇ ବିକାଶରେ ଝରି ବସନ୍ତଆ ଅନ୍ୟତମ ବିନ୍ଧାଣୀ ଥିଲେ ବୋଲି ମତବ୍ୟକ୍ତ କରିଛନ୍ତି। ତାଙ୍କର ତ୍ୟାଗ, ଅବଦାନ, ମୂଲ୍ୟବୋଧର ସ୍ମୃତିଚାରଣ କରିଥିଲେ। ମାର୍ଶାଘାଇ ସରପଞ୍ଚ ଭାଗବତ ପ୍ରସାଦ ବେହେରା, ସମିତିସଭ୍ୟ ପ୍ରସନ୍ନ ସାହୁ, ମାର୍ଶାଘାଇ ବଣିକ ସଂଘ ସଭାପତି ରଣେନ୍ଦ୍ର ସ୍ୱାଇଁ, ସମ୍ପାଦକ ଧ୍ରୁନକିଶୋର ନାୟକ, ଅଧ୍ୟାପକ ଦିଲ୍ଲୀପ ସାହୁ ପ୍ରମୁଖ ଯୋଗଦେଇଥିଲେ। ମନୋରଞ୍ଜନ ବସନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

ଘାଟରେ ଅବ୍ୟବସ୍ଥା

# ଖରାରେ ସିଝୁଛନ୍ତି, ବର୍ଷାରେ ଭିଜୁଛନ୍ତି ଲୋକେ

ମାଳିପୁର, ୨୯।୮ (ସମିସ)



ଚଳିତ ବର୍ଷ ଲଗାତାର ବନ୍ୟା ଫଳରେ ଧୋୟାଞ୍ଚବାସୀଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ପୂର୍ବରୁ ପ୍ରତିଥର ବନ୍ୟା ସମୟରେ ପ୍ରଶାସନ ପକ୍ଷରୁ ଡାମରପୁର, ଶ୍ରୀରାମପୁର ଓ ବଳଭଦ୍ରପୁର ପଞ୍ଚାୟତ ପାଇଁ ଅଲଗା ଅଲଗା ଡଙ୍ଗା ଯୋଗାଇ ଦିଆଯାଉଥିଲା। ଏଥର ଶ୍ରୀରାମପୁର ପଞ୍ଚାୟତ ପାଇଁ ଗୋଟିଏ ପାୱାର ବୋଟ ସମେତ ତିନୋଟି ସରକାରୀ ଡଙ୍ଗା ଯୋଗାଇ ଦିଆଯାଇଥିବାବେଳେ ବଳଭଦ୍ରପୁର ପଞ୍ଚାୟତ ପାଇଁ ଗୋଟିଏ ପାୱାର ବୋଟ୍ ଯୋଗାଇ ଦିଆଯାଇଛି। ଯାହାକି ବାଲିପାଟଣା ଗ୍ରାମରେ ସେବା ଯୋଗାଉଛି। ଡାମରପୁର ପାଇଁ କୌଣସି ଡଙ୍ଗା ଦିଆଯାଇ ନ ଥିବାରୁ ଡାମରପୁର ପଞ୍ଚାୟତ ଲୋକେ ନଦୀ ପାରି ହେବାକୁ ବାଲିପାଟଣା ଘାଟରୁ ଡଙ୍ଗାରେ ଚଢ଼ି ପାରି ହେଉଛନ୍ତି। ଯାହାକି ବଳଭଦ୍ରପୁର ସରପଞ୍ଚଙ୍କ ତତ୍ତ୍ୱାବଧାନରେ ଚାଲୁଥିବା ଜଣାପଡୁଛି। ବାଲିପାଟଣା ଘାଟରୁ ଛାଡୁଥିବା ଡଙ୍ଗା ଅପର ପାର୍ଶ୍ୱରେ ଅଢାଯୋରି ଘାଇ ନିକଟରେ ଏକ ନିଛାଟିଆ ସ୍ଥାନରେ ଡଙ୍ଗା ଲଗାଇବା ବ୍ୟବସ୍ଥା କରାଯାଇଛି। ଯେଉଁ ସ୍ଥାନରେ କି ଲୋକଙ୍କ ମୁଣ୍ଡ ଗୁଞ୍ଜିବାକୁ ଘରଟିଏ କି ଗଛଟିଏ ନାହିଁ। ଡଙ୍ଗାରେ ଯିବାକୁ ଅପେକ୍ଷା କରିଥିବା ଲୋକ କେତେବେଳେ ମୁଣ୍ଡଫଟା ଖରାରେ ଡହଳବିକଳ ହେଉଛନ୍ତି ତ କେତେବେଳେ ବର୍ଷାରେ ଓଦା ହେଉଛନ୍ତି। ସାଙ୍ଗରେ ଆଣିଥିବା ସାମଗ୍ରୀ ମଧ୍ୟ ଓଦା ହୋଇ ନଷ୍ଟ ହେଉଛି। ଏପରିକି ଉକ୍ତ ସ୍ଥାନରେ ପାଣି ମିଳିବା ଅସମ୍ଭବ ହୋଇପଡୁଛି। ଡଙ୍ଗାରୁ ଓହ୍ଲାଇବା ପରେ ବସ୍ ଧରିବାକୁ ଗୋଟିଏ କିମି ରାସ୍ତା ଚାଲି ମାଳିପୁର ବଜାରରେ ପହଞ୍ଚିବାକୁ ପଡୁଛି। ଏପରିକି ସନ୍ଧ୍ୟା ପରେ ମହିଳାଙ୍କୁ ବସ୍‌ରୁ ଓହ୍ଲାଇ ଅନ୍ଧାରରେ ଡଙ୍ଗା ପାଇଁ ଏକୁଟିଆ ଅପେକ୍ଷା କରିବାକୁ ପଡୁଥିବା ଦେଖିବାକୁ ମିଳୁଛି। ସେ ସ୍ଥାନରେ କୌଣସି ଆଲୋକ ବ୍ୟବସ୍ଥା ନ ଥିବାବେଳେ ସରୀସୃପଙ୍କ ଭୟ ରହିଛି। ସନ୍ଧ୍ୟା ପରେ ସ୍ଥାନଟି ଅତ୍ୟନ୍ତ ବିପଦପୂର୍ଣ୍ଣ ମନେ ହେଉଛି।

ଗତକାଲି ଦୁଇଜଣ ଯୁବକ ଡଙ୍ଗାରେ ଚଢ଼ିବାକୁ ଉଦ୍ୟମ କରୁଥିବାବେଳେ ଅନ୍ଧାର ଯୋଗୁଁ ପାଣି ଭିତରକୁ ଖସି ପଡିଥିବା ସୂଚନା ମିଳିଛି। ପୂର୍ବରୁ ସମସ୍ତ ଡଙ୍ଗା ମାଳିପୁର ବଜାରରେ ଲାଗୁଥିବାବେଳେ ବଳଭଦ୍ରପୁର ସରପଞ୍ଚ କେଉଁ ଉଦ୍ଦେଶ୍ୟରେ ଲୋକଙ୍କୁ ହଇରାଣ କରିବା ପାଇଁ ନିଛାଟିଆ ସ୍ଥାନରେ ଡଙ୍ଗା ଲାଗିବା ବ୍ୟବସ୍ଥା କରିଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଣୁ ପ୍ରଶାସନ ପକ୍ଷରୁ ଲୋକଙ୍କ ସୁବିଧା ଓ ନିରାପତ୍ତା ପାଇଁ ମାଳିପୁର ବଜାର ନିକଟରେ ପାୱାର ବୋଟ ଲଗାଇବାକୁ ଅଜୟ ସେନ, ମୁରଲୀ ସେଠୀ, ଯଦୁନାଥ ନାୟକ, ସର୍ବେଶ୍ୱର ସେଠୀ, ବାସୁଦେବ ପାତ୍ର, ରାଜେନ୍ଦ୍ର ସେଠୀ, ବୃନ୍ଦାବନ ପରିଡା, ସୁକାନ୍ତ ପରିଡା ପ୍ରମୁଖ ଦାବି କରିଛନ୍ତି।

# ସମାଜ ସଂସ୍କାରକଙ୍କୁ ଶ୍ରଦ୍ଧାଞ୍ଜଳି




କେନ୍ଦ୍ରାପଡ଼ା,୨୯।୮ (ସମିସ): ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ସମାଜ ସଂସ୍କାରକ ତଥା ସମାଜସେବୀ ଇଂ ରାଧାଚରଣ ଦାସଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା କୋରୁଆସ୍ଥ ପଲ୍ଲିଶ୍ରୀ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜନପ୍ରିୟ ଚିକିତ୍ସକ ଡା. ବିଶ୍ୱପ୍ରକାଶ କାନୁନଗୋ, ବରିଷ୍ଠ ଶିକ୍ଷକ ସମାଜସେବୀ ସଚିନନ୍ଦନ ଦାସ, ସମାଜସେବୀ ଶ୍ରୀକାନ୍ତ ନାୟକ, ସମବାୟବିତ ପ୍ରମୋଦ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସ ପେଷାରେ ଜଣେ ଇଞ୍ଜିନିୟର ହୋଇଥିଲେ ମଧ୍ୟ ଗରିବ ଓ ଅନାଥ ପିଲାଙ୍କ ସେବା ପାଇଁ ସବୁବେଳେ ଚେଷ୍ଟା କରୁଥିଲେ । ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ପାଇଁ ସହାୟତାର ହାତ ବଢାଇଥା'ନ୍ତି। ଜଣେ ଉଚ୍ଚକୋଟୀର ଇଞ୍ଜିନିୟର ଭାବେ ତାଙ୍କର ରାଜ୍ୟ ଓ ରାଜ୍ୟ ବାହାରେ ସୁଖ୍ୟାତି ଥିଲା। ସେ ଜଣେ ପରୋପକାରୀ ଓ ଉଦାର ପ୍ରକୃତିର ବ୍ୟକ୍ତି ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଜନ୍ମସ୍ଥାନ ପଟ୍ଟାମୁଣ୍ଡାଇର ଅନ୍ତର୍ଗତ ମାଟିଆ ହୋଇଥିବାବେଳେ ସେ କେନ୍ଦ୍ରାପଡ଼ା ସହରର ମାଧପୁରରେ ବସବାସ କରୁଥିଲେ। ପରିଚାରିକା ମଞ୍ଜୁଳା ନାୟକ, ଅକ୍ଷୟ ସେନାପତି, ସୂର୍ଯ୍ୟମଣି ଭୂୟାଁ, ସିନାରାଣୀ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ତପନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### କୁମ୍ଭକର୍ଣ୍ଣ ନିଦ୍ରାରେ ପୂର୍ତ୍ତ ବିଭାଗ

# ଜଗତସିଂହପୁର-ଆଳିପିଙ୍ଗଳ ମୁଖ୍ୟ ରାସ୍ତା ବିପର୍ଯ୍ୟସ୍ତ

ଜଗତସିଂହପୁର,୨୯।୮ (ସମିସ)

ଜଗତସିଂହପୁର ରାସ୍ତା ଓ ଗୃହନିର୍ମାଣ ବିଭାଗ ଅଧୀନରେ ଥିବା ଜଗତସିଂହପୁର ପୋଷ୍ଟ ଅଫିସଠାରୁ ଆଳିପିଙ୍ଗଳ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ରାସ୍ତା ନିୟମିତ ବ୍ୟବଧାନରେ ମରାମତି ଓ ନବୀକରଣ କରାଯାଇଆସୁଛି। ତେବେ କାମ ସରିବାର ଦିନ କେଇଟା ମଧ୍ୟରେ କେଉଁଠି ରାସ୍ତାରୁ ପିଚୁ ଉଠିଯାଉଛି ତ ଆଉ କେଉଁଠି ଗର୍ତ୍ତ ସୃଷ୍ଟି ହୋଇ ଗମନାଗମନ ବାଧାପ୍ରାପ୍ତ ହେଉଛି। ଗତବର୍ଷ ଏହି ରାସ୍ତାର ପୋଷ୍ଟ ଅଫିସ ଛକଠାରୁ ଅତାମଳା ପର୍ଯ୍ୟନ୍ତ ପିଚୁ କରାଯାଇଥିଲା। ଏବେ କିନ୍ତୁ ପୋଷ୍ଟ ଅଫିସ ଛକ, ପବ୍ଲିକ୍ ସ୍କୁଲ, ଜୟବଡ ଛକ ସମେତ ଅନେକ ସ୍ଥାନରେ ପିଚୁ ଉଠିଯାଇ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଲାଣି। ଯଦ୍ଵାରା ଗମନାଗମନରେ ଅସୁବିଧା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ଗତ ମାର୍ଚ୍ଚ ମାସରେ ଅତାମଳାଠାରୁ କାଠପୋଲ ପର୍ଯ୍ୟନ୍ତ ୨ କିମି ରାସ୍ତା ପିଚୁ କରାଯାଇଥିଲା। ହେଲେ ୨୪ ଘଣ୍ଟା ନ ପୂରୁଣୁ ଅତାମଳା ନିକଟରେ ଗୋଡ ମାରିଦେଲେ ଫଡ଼ା ଫଡ଼ା ହୋଇ ପିଚୁ ଛାଡିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଅବଶ୍ୟ ଏହାକୁ ମରାମତି କରାଯାଇ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା।



ବର୍ଷକୁ ପ୍ରାୟତଃ ୨/୩ ଥର ଏହି ରାସ୍ତାର ମରାମତି କରାଯାଇଥାଏ। ମରାମତି ଆଳରେ ରାସ୍ତାରେ ହୋଇଥିବା ଖାଲଖମାକୁ କେବଳ ଧର୍ମକୁ ଆଖିଠାର ମାରିବା ଭଳି ପ୍ୟାଚ୍ କରାଯାଏ। ଯାହାକି ଅସରାଏ ବର୍ଷାରେ ପୂର୍ବ ଅବସ୍ଥାକୁ ଫେରିଆସେ। କିଛିବର୍ଷ ପୂର୍ବେ ଏହି ରାସ୍ତାର ଏକ ବଡ଼ ଅଂଶକୁ କଂକ୍ରିଟ ଢଳେଇ କରାଯାଇଥିଲା। ତେବେ ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବାରୁ ଦିନ କେଇଟା ପରେ ସିମେଣ୍ଟ ଅଂଶ ଧୋଇଯାଇ ମେଟାଲ ସବୁ ବାହାରି ପଡ଼ିଥିଲା। ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ପୁଣିଥରେ ରାସ୍ତା ମରାମତି ହୋଇଥିଲା। ପ୍ରାୟ ଏକ ମାସ ତଳେ ମଧ୍ୟ ଏହି ରାସ୍ତାର କେତେକ ସ୍ଥାନରେ ପିଚୁ ଓ ବଜୁରୀ ପକାଇ ମରାମତି କରାଯାଇଥିଲା। ଏହା ଏବେ ସମ୍ପୂର୍ଣ୍ଣ ଉଠିଯାଇ ପୁଣି ଗର୍ତ୍ତ ସୃଷ୍ଟି ହୋଇଛି। ଜଗତସିଂହପୁରରୁ ଭୁବନେଶ୍ୱର ଓ ପୁରୀ ପ୍ରଭୃତି ସ୍ଥାନକୁ ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ସଂଖ୍ୟାରେ ଯାନବାହନ ଚଳାଚଳ କରିଥାଏ। ସେହିପରି ସୋମନାଥ ହାଟ, ଜଗତସିଂହପୁର ବ୍ଲକ୍, ତହସିଲ, ଜଗତସିଂହପୁର କାରାଗାର, ଆଳିପିଙ୍ଗଳରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଗ୍ରାମ୍ୟ ନିର୍ମାଣ ବିଭାଗ କାର୍ଯ୍ୟାଳୟ ପ୍ରଭୃତିକୁ ଏହି ରାସ୍ତା ଦେଇ ଯିବାକୁ ପଡ଼ିଥାଏ। ଏହାଛଡ଼ା ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ଏହି ରାସ୍ତାରେ ସ୍କୁଲ ଓ କଲେଜକୁ ଯିବାଆସିବା କରିଥା’ନ୍ତି। ଏସବୁ ଦୃଷ୍ଟିରୁ ଏହା ଏକ ବ୍ୟସ୍ତବହୁଳ ରାସ୍ତା ଭାବେ ଗଣାଯାଇଥାଏ। ତେଣୁ ଏହି ରାସ୍ତାର ନବୀକରଣ କିମ୍ବା ମରାମତି ସମୟରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଅଧିକ ଯତ୍ନବାନ ହେବାକୁ ସାଧାରଣରେ ଦାବି କରାଯାଇଛି। ସେହିପରି ଆଗକୁ ପାର୍ବଣ ଆସୁଥିବାରୁ ଯଥାଶୀଘ୍ର ଏହି ବ୍ୟସ୍ତବହୁଳ ରାସ୍ତାର ନବୀକରଣ କରିବା ଜରୁରୀ ହୋଇପଡ଼ିଛି।

## ଚାନ୍ଦା ଆଦାୟକୁ ବିରୋଧ କରିବାରୁ ମରଣାନ୍ତକ ଆକ୍ରମଣ



କେନ୍ଦ୍ରାପଡ଼ା,୨୯।୮ (ସମିସ): ଚାନ୍ଦା ଆଦାୟକୁ ବିରୋଧ କରିବାରୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଜମଧର ପଞ୍ଚାୟତ ବଳଭଦ୍ରପୁର ଗ୍ରାମର କୈଳାସ ଚନ୍ଦ୍ର ସେଠୀ ସଦର ଥାନାରେ ଅଭିଯୋଗ କରିଛନ୍ତି ଯେ, ଦୁହୁରିଆ ଛକସ୍ଥ ତାଙ୍କ ମାଛ ଦୋକାନ ସମ୍ମୁଖରେ ଶୁକ୍ରବାର ଅପରାହ୍ନ ଗୋଟାଏ ସମୟରେ କେତେକ ଲୋକ ସଙ୍ଘବଦ୍ଧ ହୋଇ ଲୋକମାନଙ୍କଠାରୁ ଜୋର୍ ଜବରଦସ୍ତ ଚାନ୍ଦା ଆଦାୟ କରୁଥିଲେ। କୈଳାସ ଏହା ଦେଖି ଚାନ୍ଦା ଆଦାୟକାରୀଙ୍କୁ କହିଲେ ଯେ ତାଙ୍କ ଦୋକାନ ଆଗରୁ ଦୂରକୁ ଯାଇ ଚାନ୍ଦା ଆଦାୟ କର। ଏଥିରେ ସେମାନେ ରାଗିଯାଇ କୈଳାସକୁ ଜାତିଆଣ ଆକ୍ଷେପ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତଳେ ପକାଇଦେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ କୈଳାସ ଗୁରୁତର ଭାବେ ଆହତ ହୋଇଥିଲେ। କୈଳାସଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ତାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ପୁଲିସ ଅଭିଯୋଗ ପାଇ ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କୁହାଯାଇଛି।

## କୁଜଙ୍ଗକୁ ଏନ୍ଏସି ଦାବିରେ ସଚେତନ ନାଗରିକ ମଞ୍ଚର ବୈଠକ

### ୩୧କୁ ଅପେକ୍ଷା; ସେପ୍ଟେମ୍ବର ୯ରେ କୁଜଙ୍ଗ ବନ୍ଦ ନିଷ୍ପତ୍ତି



କୁଜଙ୍ଗ,୨୯।୮ (ସମିସ): ବର୍ତ୍ତମାନ ରାଜ୍ୟରେ ୧୨ଟି ଏନ୍ଏସି ଘୋଷଣା ହୋଇଥିବାବେଳେ କୁଜଙ୍ଗକୁ ରାଜ୍ୟ ସରକାର ଏନ୍ଏସି ଘୋଷଣା କରି ନ ଥିବାରୁ ଜନ ଆକ୍ରୋଶ ଧୀରେ ଧୀରେ ବଢ଼ିବାକୁ ଲାଗିଛି। ଗତ ମଙ୍ଗଳବାର ଅଞ୍ଚଳର ଶହ ଶହ ଜନତା କୁଜଙ୍ଗ ସଚେତନ ନାଗରିକ ମଞ୍ଚ ନେତୃତ୍ୱରେ କୁଜଙ୍ଗ ତହସିଲ ଘେରଉ କରି ଏନ୍ଏସି ଘୋଷଣା ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ନଗର ଉନ୍ନୟନ ମନ୍ତ୍ରୀ ଆସନ୍ତା ୩୧ ତାରିଖରେ ଅବଶିଷ୍ଟ ଏନ୍ଏସି ଘୋଷଣା କରିବେ ବୋଲି ଗଣମାଧ୍ୟମରେ ଚର୍ଚ୍ଚା ଚାଲିଥିବାରୁ କୁଜଙ୍ଗବାସୀଙ୍କ ମନରେ ଆଶା ସଞ୍ଚାର ହୋଇଛି। ଏ ନେଇ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ଆବାହକ ରଘୁ ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ଓ ପ୍ରଶାସନକୁ ଅଚଳ କରିବା ନେଇ ନିଷ୍ପତ୍ତି ନିଆଯାଇଥିବା ମଞ୍ଚ ଉପଦେଷ୍ଟା କବି ପୀତାମ୍ବର ତରାଇ, ବାବୁରାମ ଚୌଧୁରୀ, ବରିଷ୍ଠ ସଦସ୍ୟା ଜିନ୍ମୟୀ ସାହାଣୀ, ପ୍ରିୟମ୍ବଦା ପାଣି, ମନୋଜ ପାତ୍ର ଓ କୈଳାସ ଷଡଙ୍ଗୀ ପ୍ରମୁଖ ଗଣମାଧ୍ୟମକୁ କହିଛନ୍ତି। ୩୧ ତାରିଖରେ କୁଜଙ୍ଗକୁ ଏନ୍ଏସି ଘୋଷଣା କରା ନ ଗଲେ ଆଇନ ଅମାନ୍ୟ ଆନ୍ଦୋଳନ ହେବ ଓ ସେପ୍ଟେମ୍ବର ୯ ତାରିଖରେ କୁଜଙ୍ଗକୁ ୧୨ ଘଣ୍ଟିଆ ବନ୍ଦ କରାଯାଇ ପ୍ରଶାସନ ଅଚଳ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା କହିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମନୀନ୍ଦ୍ର ଗୁରୁ, ସୌଭାଗ୍ୟ ବିଶ୍ୱାଳ, ଦୁଷ୍ମନ୍ତ ମାଝୀ, ରଂଜିତ ପଣ୍ଡା, ଅଭୟ ବାରିକ, ରାମଦାସ ମହାନ୍ତି, ବିବେକାନନ୍ଦ ଦାସ, ଅରୁପ୍ରସାଦ ମହାନ୍ତି ଓ ରବୀନ୍ଦ୍ର ନାଥ ପ୍ରମୁଖ ଯୋଗ ଦେଇଥିଲେ।

## ଯୁବକ ନିଖୋଜ ଅଭିଯୋଗ



ବାଲିକୁଦା,୨୯।୮ (ସମିସ): ବାଲିକୁଦା ଥାନା ଅନ୍ତର୍ଗତ ବୁଦ୍ଧିସାହି ଡିଗିରିଆ ଗ୍ରାମର ବଂଶୀଧର ସ୍ୱାଇଁଙ୍କ ପୁତ୍ର ଦୁର୍ଯ୍ୟୋଧନ ସ୍ୱାଇଁ ନିଖୋଜ ଥିବା ନେଇ ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି। ଗଣେଶ ପୂଜା ଭୋଗ ଖାଇବାକୁ ନିକଟସ୍ଥ ବେଲବଣ ବିଦ୍ୟାଳୟକୁ ଯାଉଥିବା ଘରେ କହି ଅପରାହ୍ନ ପ୍ରାୟ ୧ଟା ସମୟରେ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ନ ମିଳିବାରୁ ଥାନାର ଦ୍ୱାରସ୍ଥ ହୋଇଥିଲେ ବଂଶୀଧର। ଦୁର୍ଯ୍ୟୋଧନ ମୁଖ କର୍କଟ ରୋଗରେ ପୀଡ଼ିତ ହୋଇ ଅସ୍ତ୍ରୋପଚାର କରି ସୁସ୍ଥ ହୋଇ ଘରକୁ ଫେରିଥିଲେ। ସେ ବିବାହିତ ଓ ତାଙ୍କର ୯ ବର୍ଷର ପୁତ୍ର ସନ୍ତାନ ରହିଛି। ଏ ନେଇ ଥାନା ଅଧିକାରୀ ସୁଶାନ୍ତ ସାହୁ କହିଛନ୍ତି, ଅଭିଯୋଗ ପାଇବା ପରେ ନିଖୋଜ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛୁ।

## ରାସ୍ତା କଡ଼କୁ ଓଲଟିଲା କୋଇଲା ଟ୍ରକ୍

କୁଜଙ୍ଗ,୨୯।୮ (ସମିସ): ଗୁରୁବାର ମଧ୍ୟରାତ୍ରରେ ଏକ କୋଇଲା ବୋଝେଇ ଟ୍ରକ୍ ଭାରସ୍ୟାମ କଟକ-ପାରାଦୀପ ରାସ୍ତାର ପଙ୍କପାଳ ନିକଟରେ ଓଲଟିପଡ଼ିଛି। ଚାଳକ ଓ ହେଲପର ସାମାନ୍ୟ ଆହତ ହୋଇଛନ୍ତି। ରାସ୍ତା ପାଶ୍ୱର୍ରେ ଗଛ ଥିବାରୁ ଟ୍ରକ୍ଟି କେନାଲରେ ନ ପଶି ଗଛରେ ଲାଗି ଯାଇଥିଲା। ଏହି ସମୟରେ ରାସ୍ତାରେ କେହି ସଧାରଣ ଲୋକ କିମ୍ବା ଗାଡ଼ି ନ ଥିବାରୁ କୌଣସି ଅଘଟଣ ଘଟି ନ ଥିବା ଜଣାପଡ଼ିଛି।

## ମା’ ଶାରଳା ଟେଣ୍ଟ ହାଉସ ମାଲିକ ସଂଘ ପକ୍ଷରୁ ସହାୟତା



ଜଗତସିଂହପୁର,୨୯।୮ (ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ୍ ଅନ୍ତର୍ଗତ କଣିଆଁର ପାର୍ବତୀ ଡେକୋରେଟର ଆଣ୍ଡ ସପ୍ଲାୟର ମାଲିକ ପ୍ରଭାକର ସାହୁଙ୍କ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ସୁଖ ଦୁଃଖରେ ସାମିଲ ହେଉଥିବା ପ୍ରଭାକର ସାହୁଙ୍କ ପରଲୋକରେ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ସେହିପରି ମା’ ଶାରଳା ଟେଣ୍ଟ ହାଉସ ମାଲିକ ସଂଘ ପକ୍ଷରୁ ପ୍ରଭାକରଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରାଯାଇଛି। ଏ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଙ୍ଘର ଜିଲ୍ଲା ସଭାପତି ମଧୁସୂଦନ ସାହୁ, ଉପଦେଷ୍ଟା ଦିଲ୍ଲୀପ ମହାନ୍ତି କାର୍ଯ୍ୟକାରୀ ସଭ୍ୟ ଧୀରିଆ ନନା, ସୁକାନ୍ତ କୁମାର ପଣ୍ଡା, ମିର୍ଜା ରାଜା ବେଗ, ମାୟାଧର ପରିଡ଼ା, ଦେବେନ୍ଦ୍ର କାଳୁଆ, ବୃନ୍ଦାବନ ମହାନ୍ତି, ପ୍ରତାପ ସାହୁ, ସୁକାନ୍ତ ସାହୁ, ପ୍ରତାପ ସ୍ୱାଇଁ, ସହସମ୍ପାଦକ ଅଲେଖ ବିଶୋଇ, ଅଭିମନ୍ୟୁ ନାୟକ, ଗଣେଶ ପାଲ ଓ ବିନୋଦ ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସଙ୍ଗେ ସଙ୍ଗେ ସଂଘ ପକ୍ଷରୁ ୨୦,୦୦୦ ଟଙ୍କାର ସହାୟତା ତାଙ୍କ ପତ୍ନୀ ଉଷାରାଣୀ ସାହୁ ଓ ପୁଅ ମନୋଜ ସାହୁଙ୍କୁ ପ୍ରଦାନ କରିଥିଲେ।

## ପାରାଦୀପ ଯୁଥ କ୍ଲବ୍‌ରେ ଗଣେଶ ପୂଜା

ପାରାଦୀପ, ୨୯।୮ (ସମିସ): ପାରାଦୀପର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ହେଉଥିବାବେଳେ ପ୍ରତି ପୂଜା କମିଟି ପକ୍ଷରୁ ମୂର୍ତ୍ତି ଓ ମଣ୍ଡପ ସାଜସଜ୍ଜାକୁ ବେଶ୍ ଗୁରୁତ୍ୱ ଦିଆଯାଇଛି। ପ୍ରତିବର୍ଷ ଭଳି ଚଳିତଥର ମଧୁବନର ପାରାଦୀପ ଯୁଥ୍ କ୍ଲବ ପକ୍ଷରୁ ୧୦ ହଜାରରୁ ଊର୍ଦ୍ଧ୍ୱ ପ୍ଲାଷ୍ଟିକ ବୋତଲରେ ତୋରଣ କରାଯାଇଥିବାବେଳେ ଭିତର ସାଜସଜ୍ଜାରେ ଅପରେସନ ସିନ୍ଦୂରର ମଣ୍ଡପ ସମସ୍ତଙ୍କୁ ଆକର୍ଷିତ କରିଛି। ପାରାଦୀପ ଯୁଥ୍ କ୍ଲବ ଗଣେଶ ପୂଜା ବ୍ୟତୀତ ସମୁଦ୍ର ବେଳାଭୂମି ସଫେଇ, ରକ୍ତଦାନ ଶିବିର, ବୃକ୍ଷରୋପଣ ଆଦି ବିଭିନ୍ନ ସମୟରେ ସଚେତନତା ମୂଳକ କାର୍ଯ୍ୟକ୍ରମ କରି ଆସୁଥିବାବେଳେ ଚଳିତଥର ପାରାଦୀପ ଯୁଥ୍ କ୍ଲବ ୨୫ତମ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ଏହି ପୂଜାରେ କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିବାବେଳେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେହିପରି ମଧୁବନସ୍ଥ ମା’ ଦୁର୍ଗା ଯୁଥ୍ କମ୍ବାଇନ୍ସ ପକ୍ଷରୁ ବିଘ୍ନ ବିନାଶକଙ୍କ ମୃଣ୍ମୟ ମୂର୍ତ୍ତି ସାଧାରଣରେ ବେଶ୍ ଆକର୍ଷଣୀୟ ହୋଇଛି।




## ଚୋରି ମୋବାଇଲ ଜବତ; ଯୁବକ ଗିରଫ

ପାରାଦୀପ, ୨୯।୮ (ସମିସ): ପାରାଦୀପ ମେରାଇନ ଥାନା ଅଧୀନ ନେହେରୁ ବଙ୍ଗଳା ନିକଟ ମନ୍ଦିର ପଡ଼ାଠାରେ ଆଜି ଜଣେ ମୋବାଇଲ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ପାଖାପାଖି ୩ଟା ସମୟରେ ମନ୍ଦିର ପଡ଼ାର ମନୋଜ ଦାସ ମୋବାଇଲ ଚାର୍ଜରେ ବସାଇ ଘରେ ଶୋଇଥିବାବେଳେ ସବଷ୍ଟେସନ ନିକଟ ବୃନ୍ଦାବନ କଲୋନୀରେ ରହୁଥିବା ସୁଶାନ୍ତ ମହାପାତ୍ର (୨୩) ଘରେ ପଶି ମୋବାଇଲ ଚୋରି ନେଇଥିଲା। ମନୋଜଙ୍କ ଘରେ କିଏ ପଶିଥିବା ଜଣାପଡିବା ପରେ ସେ ବାହାରକୁ ଆସି ଏହି ଯୁବକକୁ ଦେଖିଥିଲେ। ଏ ସମ୍ପର୍କରେ ମେରାଇନ ଥାନାକୁ ଜଣାଇବା ପରେ ଉକ୍ତ ଯୁବକ ମୋବାଇଲ ନେଇଥିବା ନେଇ ସନ୍ଦେହ ହୋଇଥିଲା ବୋଲି ଥାନାରେ ଜଣାଇଥିଲେ। ସନ୍ଦେହରେ ଯୁବକକୁ ପଚାରାଉଚରା କରିବା ପରେ ସେ ସତ ମାନିଯାଇଥିଲା। ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଯୁବକ ନାମରେ ପାରାଦୀପ ଆଦର୍ଶ ଥାନାରେ ଏକ ମୋବାଇଲ ଚୋରି କେସ ରହିଛି। ଥାନା ଅଧିକାରିଣୀ ବବିତା ଦେହୁରୀଙ୍କ କହିବା ଅନୁଯାୟୀ ଏମାନେ ରୀତିମତ ଘରେ ପଶି ଏଭଳି ମୋବାଇଲ ଚୋରି କରନ୍ତି। ଏଭଳି ମୋବାଇଲ ଚୋର ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି କହିଛନ୍ତି।



## ପିଲାଙ୍କୁ ମୋହରା କରୁଛି ସିଗାରେଟ ଚକୋଲେଟ୍

ରାଜକନିକା,୨୯।୮ (ସମିସ): ଧୂମ୍ରପାନ ଶରୀର ପାଇଁ କ୍ଷତିକାରକ ବୋଲି ପ୍ରଚାର କରି ଏହାକୁ ରୋକିବାକୁ ପ୍ରୟାସ ଜାରି ରହିଥିବାବେଳେ ଖୁବ୍ ଛୋଟ ବେଳୁ ସିଗାରେଟ ପ୍ରତି ଆକୃଷ୍ଟ କରିବାକୁ ଏବେ ବଜାରରେ ସିଗାରେଟ ଚକୋଲେଟ୍ ପିଲାଙ୍କ ପ୍ରଥମ ପସନ୍ଦ ପାଲଟିଛି। ଛୋଟ ବେଳୁ ସିଗାରେଟ ଭଳି ଅବିକଳ ଦେଖାଯାଉଥିବା ଚକୋଲେଟ ଧରି ପିଲା ସିଗାରେଟ ଖାଇବାର ଅଭ୍ୟାସ କରିବା ଧାରା ଭବିଷ୍ୟତରେ ବେଶ ସାଙ୍ଘାତିକ ସାବ୍ୟସ୍ତ ହେବା ଅଭିଯୋଗ ହେଉଛି। କୋମଳମତି ପିଲାଙ୍କ ମୁଣ୍ଡରେ ସିଗାରେଟର ଭ୍ରମ ସୃଷ୍ଟି କରି ଏହି କମ୍ପାନୀ ବଜାରକୁ ସିଗାରେଟ ଭଳି ଚକୋଲେଟ ତିଆରି କରିବା ମୂଳରେ ଯେଉଁ ଉଦ୍ଦେଶ୍ୟ ରହିଛି, ତାହା ସ୍ପଷ୍ଟ ହୋଇଛି। ଗୋଟିଏ ପଟେ ସିଗାରେଟ ସ୍ମୋକିଙ୍ଗ ଇଜ ଇଞ୍ଜୁରିୟସ ଟୁ ହେଲଥ ଭଳି ସକାରାତ୍ମକ ଧାରଣାକୁ ପିଲାଙ୍କ ମୁଣ୍ଡରେ ଚକୋଲେଟ ଦେଇ ନିଷ୍ପ୍ରଭ କରିବା ଏକ ବ୍ୟବସାୟିକ ମାନସିକତା ବୋଲି ଧରାଯାଇଛି। ପିଲାଙ୍କୁ ଆକୃଷ୍ଟ କରିବାର ଚିତ୍ର ଥିବାବେଳେ କେଉଁ ଉଦ୍ଦେଶ୍ୟରେ ଏହି ସିଗାରେଟ ଚକୋଲେଟ ପ୍ରସ୍ତୁତ ହୋଇଛି ଓ ଏହା ଦ୍ୱାରା ଯେଉଁ ସାମାଜିକ କ୍ଷତି ହେଉଛି, ତା’ର ନିରାକରଣ ପାଇଁ ସାମାଜିକ ସ୍ତରରେ ସଚେତନତା ଜରୁରୀ ହୋଇଛି। କୋମଳମତି ଶିଶୁଙ୍କୁ ଭବିଷ୍ୟତରେ ସିଗାରେଟ ପିଇବାକୁ ସୁଯୋଗ ଦେଇ ଅଭ୍ୟସ୍ତ କରୁଥିବା ଏହି ଚକୋଲେଟ କମ୍ପାନୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।

# ବିଭିନ୍ନ ସ୍ଥାନରେ ଜାତୀୟ କ୍ରୀଡ଼ା ଦିବସ ପାଳିତ




ଜଗତସିଂହପୁର,୨୯।୮ (ସମିସ)

ସାରା ଦେଶରେ ୨୯ରୁ ୩୧ ତାରିଖ ଜାତୀୟ କ୍ରୀଡା ଦିବସ ପାଳନ କରାଯାଉଥିବାବେଳେ ଏ ପରିପ୍ରେକ୍ଷୀରେ ଜଗତସିଂହପୁର ଜିଲ୍ଲାର ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ, ଇଣ୍ଡୋର ଷ୍ଟାଡ଼ିୟମ, ଖେଲୋ ଇଣ୍ଡିଆ ସେଣ୍ଟରରେ ପାଳନ କରାଯାଇଛି। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ମୁଖ୍ୟଅତିଥି ଭାବେ ସାଂସଦ ବିଭୁପ୍ରସାଦ ତରାଇ ଯୋଗ ଦେଇ ହକି ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଉପସ୍ଥିତ ସମସ୍ତଙ୍କୁ ଫିଟ୍ ଇଣ୍ଡିଆ ଶପଥ ପାଠ କରାଇଥିଲେ। ପରେ ଏକ ପ୍ରଦର୍ଶନୀ ଭଲିବଲ ମ୍ୟାଚ୍ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଶ୍ରୀ ତରାଇ କହିଥିଲେ, ବର୍ତ୍ତମାନର ବ୍ୟସ୍ତବହୁଳ ଆଧୁନିକ ଜୀବନ ଶୈଳୀ ଓ ଖାଦ୍ୟପେୟ ଯୋଗୁଁ ଅନେକ ସମୟରେ ହଠାତ ଲୋକମାନେ ବିଭିନ୍ନ ପ୍ରକାର ମାରାତ୍ମକ ରୋଗର ଶିକାର ହେଉଛନ୍ତି। ରୋଗଠାରୁ ଦୂରେଇ ରହିବାକୁ ନିଜ ଶରୀରକୁ ସୁସ୍ଥ ଓ ଫିଟ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମ୍‌ରେ ଏକ ଘଣ୍ଟା ଖେଳ ପଡିଆରେ ଖେଳକୁଦରେ ବିତାଇବା ଉଚିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୌର ପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ, ଆଥଲେଟିକ ଆସୋସିଏସନର ସମ୍ପାଦକ ଦୋଳଗୋବିନ୍ଦ ଦାଶ, ଉପସଭାପତି ସାଧୁଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରି ଏହି ଜାତୀୟ କ୍ରୀଡ଼ା ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଉଲ୍ଲେଖ କରିଥିଲେ। ଏ ଅବସରରେ ଆୟୋଜିତ ଭଲିବଲ ମ୍ୟାଚ୍‌ରେ ନାଲିବର ଭଲିବଲ କ୍ଲବ୍ ବିଜେତା ଓ ଜଗତସିଂହପୁର ଭଲିବଲ କ୍ଲବ୍ ରନରଅପ ଭାବେ ପୁରସ୍କୃତ ହୋଇଥିଲେ। ବିଶିଷ୍ଟ ଖେଳାଳି ସସ୍ମିତା ନାଥଶର୍ମା (ଖୋ-ଖୋ) ଓ ଦେବେନ୍ଦ୍ର ନାଥ (ଖୋ- ଖୋ)ଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ଚଳିତବର୍ଷ ସେପ୍ଟେମ୍ବର ୨୧ରେ ଶୁଭାରମ୍ଭ ହେବାକୁ ଥିବା ସାଂସଦ ଖେଳ ମହୋତ୍ସବ ବିଷୟରେ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ା ସଂସ୍ଥାର ପଦାଧିକାରୀ, ସହରର ବହୁ ବରିଷ୍ଠ କ୍ରୀଡ଼ାବିତଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

### ଆଶ୍ରମପାଟଣା ଭଲିବଲ୍ ଟିମ୍

ଜଗତସିଂହପୁର: ମେଜର ଧ୍ୟାନଚନ୍ଦଙ୍କ ୧୨୦ତମ ଜୟନ୍ତୀ ଓ ଜାତୀୟ କ୍ରୀଡା ଦିବସ ସ୍ଥାନୀୟ ଆଶ୍ରମପାଟଣା ଭଲିବଲ ଟିମ ପକ୍ଷରୁ ପାଳିତ ହୋଇଯାଇଛି। ଏ ଅବସରରେ ବାଳକ ଓ ବାଳିକା ଦଳ ମଧ୍ୟରେ ଭଲିବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳକ ଦଳର କୋଚ ଭାବେ ଦୀପ୍ତିରଂଜନ ଦାଶ, ଅଶୋକ ବିଶ୍ୱାଳ, ବାଳିକା ଦଳ କୋଚ ଭାବେ ହିମାଂଶୁରଞ୍ଜନ ଦାଶ, ଇନ୍ଦ୍ରମଣୀ ସାହୁ ଥିଲେ। ବାଳିକା ବିଭାଗରେ ରୋଜାଲିନ, ଲକ୍ଷ୍ମୀପ୍ରିୟା, ସ୍ୱପ୍ନା, ସୋନାଲି, ପୂଜା ଓ ବାଳକ ବିଭାଗରେ ଗୁରୁପ୍ରସାଦ, ଅମିତ, ଆଦିତ୍ୟ, ସଂଗ୍ରାମ, ଆୟୁଷ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରଫୁଲ୍ଲ ପାଠାଗାରର ସଭାପତି ରବୀନ୍ଦ୍ରନାଥ ତ୍ରିପାଠୀ, ଉପଦେଷ୍ଟା ବିଜୟ କୁମାର ପତି, ହିମାଂଶୁ ଶେଖର ଆଚାର୍ଯ୍ୟ ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିରେ ୨୦୧୨ରୁ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯିବାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ହକି ସମେତ ଅନ୍ୟ ଖେଳରେ ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ସତ୍ୟବାଦୀ ଦାସ, ସୁବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଖେଳାଳି ଅମିତ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

### ପାରାଦୀପ ବନ୍ଦର

ପାରାଦୀପ: ପାରାଦୀପ ବନ୍ଦର ପକ୍ଷରୁ ଗୋପବନ୍ଧୁ ଷ୍ଟାଡ଼ିୟମରେ ଜାତୀୟ ଖେଳ ଦିବସକୁ ବହୁ ଆଡ଼ମ୍ବରରେ ପାଳନ କରାଯାଇଛି। ଆଜି ସକାଳେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋପବନ୍ଧୁ କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡଃ ଦୁର୍ଗାପ୍ରସାଦ ସେଠୀ ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଜାତୀୟ ଖେଳ ଦିବସର ଆଭିମୁଖ୍ୟ ଓ ମେଜର ଧ୍ୟାନଚାନ୍ଦଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସଂସଦର କ୍ରୀଡ଼ା ଉପଦେଷ୍ଟା ରବି ଦାସ ଯୋଗଦେଇ ଧ୍ୟାନଚାନ୍ଦଙ୍କ ଭାରତୀୟ ହକି ପ୍ରତି ରହିଥିବା ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଗୋପବନ୍ଧୁ କ୍ରୀଡ଼ା ସଂସଦ ସମ୍ପାଦକ ଧ୍ରୁନଚନ୍ଦ୍ର ତରାଇ ସମସ୍ତ କ୍ରୀଡାବିତଙ୍କୁ ଶୁଭେଚ୍ଛା ଓ ଶୁଭ କାମନା ଜଣାଇଥିଲେ। ପରେ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଶ୍ରୀ ସେଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିରେ ବାଳକ, ବାଳିକାଙ୍କ ସମେତ ସମସ୍ତ ଖେଳାଳି ଓ କର୍ମକର୍ତ୍ତା ଭାଗ ନେଇଥିଲେ। ଧ୍ରୁନଚନ୍ଦ୍ର ତରାଇ, ଆନ୍ତର୍ଜାତିକ ମାଷ୍ଟର ଆଥଲେଟ ବିଶ୍ୱରଞ୍ଜନ ଦାସ ଦୌଡରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପରେ ଗଲ୍ଫ ପଡିଆରେ ପାରାଦୀପ ଗଲ୍ଫ କୋର୍ସର ସମସ୍ତ ଖେଳାଳି ଉପସ୍ଥିତ ହୋଇ ନିଅରେଷ୍ଟ ଟୁ ପିନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଅକ୍ଷୟ ସୂତାର ଓ ଦୀପକ ଉଡଙ୍ଗୀ ଯୁଗ୍ମ ବିଜେତା ହୋଇଥିଲେ। ବନ୍ଦର ସିଏମଇ ସୁଶୀଲ ଚନ୍ଦ୍ର ନାହକ, ବବୁଲ ସିକଦାର, ଡଃ ଦୁର୍ଗାପ୍ରସାଦ ସେଠୀ, ଡଃ କୈଳାସ ଚନ୍ଦ୍ର ମହାରଣା ଓ ଦିଲ୍ଲୀପ କୁମାର ମହାରଣାଙ୍କ ସମେତ ଗୋପବନ୍ଧୁ କ୍ରୀଡା ସଂସଦ ଓ ଗଲ୍ଫ କୋର୍ସର ସମସ୍ତ ସଭ୍ୟ ଅଂଶଗ୍ରହଣ କରିଥିଲେ। ପରେ ଜିକେଏସ ପକ୍ଷରୁ ଏକ ଭଲିବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିବାବେଳେ ଫୁଟବଲ ମ୍ୟାଚ୍ ଆୟୋଜିତ ହୋଇଥିଲା। ସାନ୍ଧ୍ୟ ୫ଟାରେ ମହିଳାଙ୍କ ମଧ୍ୟରେ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପାରାଦୀପ କମ୍ବାଇନ ଟିମ ବିଜୟ ହାସଲ କରିଥିଲା। ୫.୩୦ରେ ଜୁନିୟର ଫୁଟବଲ ମ୍ୟାଚ ଓ ସିନିଅର ଭଲିବଲ ମ୍ୟାଚ ଆୟୋଜନ କରାଯାଇଥିଲା।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୫ ● ପାଉଣ୍ଡ ୧୧୯.୮୨
- ୟୁରୋ ୧୦୩.୦୨ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୪,୭୦୦ (ଭୁବନେଶ୍ୱର)
- ରୁପା : ୧,୨୨,୭୦୦ (କେଜି)

**ଷ୍ଟକ୍ ମାର୍କେଟ୍**


ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୯,୮୦୯.୦୦
- ନିଫ୍ଟି ୨୪,୪୨୬.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ଟ୍ରମ୍ପ୍ ଟାରିଫ୍‌ରେ ୫୨ ଲକ୍ଷ କୋଟି କ୍ଷତି

ନୂଆଦିଲ୍ଲୀ,୨୯।୮ (ଏଜେନ୍ସି)




**ଜେଫ୍‌ରିଜ୍ ରିପୋର୍ଟ**

ଆମେରିକା ଦ୍ୱାରା ଭାରତ ଉପରେ ଲାଗୁ କରାଯାଇଥିବା ଭାରୀ ଶୁଳ୍କ ଏବେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ବଡ଼ ଫାଟ ସୃଷ୍ଟି କରିଛି। ଏହି ୫୦ ପ୍ରତିଶତ ବାଣିଜ୍ୟ ଶୁଳ୍କ ଯୋଗୁଁ ଭାରତ ୫୨ ଲକ୍ଷ କୋଟି ପର୍ଯ୍ୟନ୍ତ କ୍ଷତି ସହିପାରେ। ଏ ନେଇ ବ୍ରୋକରେଜ୍ ସଂସ୍ଥା ଜେଫ୍‌ରିଜ୍ ପକ୍ଷରୁ ଦାବି କରାଯାଇଛି। ସଂସ୍ଥା ଆହୁରିମଧ୍ୟ କହିଛି ଯେ, **ଭାରତ ଉପରେ ବ୍ୟକ୍ତିଗତ ରୋଷ ରଖି ଟ୍ରମ୍ପ୍ ଏପରି ନିଷ୍ପତ୍ତି ନେଇଛନ୍ତି।**

ଜେଫ୍‌ରିଜ୍ ଇକ୍ୱିଟି ଷ୍ଟ୍ରାଟେଜି ଗ୍ଲୋବାଲ୍ ମୁଖ୍ୟ କ୍ରିଷ୍ଟୋଫର ଉଡ୍ ତାଙ୍କ ସାପ୍ତାହିକ ନ୍ୟୁଜଲେଟର ‹ଗ୍ରିଡ୍ ଆଣ୍ଡ ଫିୟର›ରେ କହିଛନ୍ତି ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ କରାଯାଇଥିବା ୫୦% ଶୁଳ୍କ ଭାରତର ଅର୍ଥନୀତିକୁ ୫୫-୬୦ ବିଲିୟନ ଡଲାରର ଝଟକା ଦେବ। ଉଡ୍ କହିଛନ୍ତି ଯେ ଏହାର ପ୍ରଭାବରେ ଯେଉଁ କ୍ଷେତ୍ରଗୁଡ଼ିକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବ ସେମାନଙ୍କ ମଧ୍ୟରେ ବୟନଶିଳ୍ପ, ରତ୍ନ ଓ ଅଳଙ୍କାର ଏବଂ ଫୁଟୱେର ଭଳି ଅନ୍ୟାନ୍ୟ ଅନେକ ଶିଳ୍ପ ଅନ୍ତର୍ଭୁକ୍ତ। ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ ନିଜ ଦେଶରେ ହିଁ ଶରବ୍ୟର ଶିକାର ହୋଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆମେରିକାର ନେତା, ଗଣମାଧ୍ୟମ ଓ ବିଶେଷଜ୍ଞମାନେ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି। ଭାରତ ଉପରେ ବ୍ୟକ୍ତିଗତ ରାଗ ରଖି ଟ୍ରମ୍ପ ଏପରି ନିଷ୍ପତ୍ତି ନେଇଛନ୍ତି ବୋଲି ଆମେରିକାର ଆର୍ଥିକ ସେବା ପ୍ରଦାନକାରୀ କମ୍ପାନୀ ଜେଫ୍‌ରିଜ୍ କହିଛି। ଆମେରିକା ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସ୍ୱାର୍ଥ ଏହି ଉଚ୍ଚା ଟାରିଫର କାରଣ। ପାକିସ୍ତାନ ଯୁଦ୍ଧରେ ଟ୍ରମ୍ପଙ୍କ ମଧ୍ୟସ୍ଥତାକୁ ଅସ୍ୱୀକାର କରିବାରୁ ବ୍ୟକ୍ତିଗତ ରାଗ ରଖି ଟ୍ରମ୍ପ ଏହି ଉଚ୍ଚା ଶୁଳ୍କ ଲଗାଇଛନ୍ତି। ସୂଚନା ଯୋଗ୍ୟ ଯେ, ଆମେରିକା ଭାରତ ଉପରେ ସର୍ବାଧିକ ୫୦ ପ୍ରତିଶତ ଶୁଳ୍କ ଲଗାଇଛି। ପୂର୍ବରୁ ଟ୍ରମ୍ପ୍ ୨୫ ପ୍ରତିଶତ ଶୁଳ୍କ ଘୋଷଣା କରିଥିଲେ। ଅଗଷ୍ଟ ୨୭ ରୁ ଆଉ ୨୫ ପ୍ରତିଶତ ଲାଗୁ ହୋଇଛି। ଫଳରେ ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ କାର୍ଯ୍ୟକାରୀ ହୋଇଛି। ତୃତୀୟ ପକ୍ଷର ମଧ୍ୟସ୍ଥତାକୁ ଭାରତ ସବୁବେଳେ ବିରୋଧ କରିଆସିଛି। ବିଶେଷକରି କାଶ୍ମୀରକୁ ନେଇ ପାକିସ୍ତାନ ସହ ଥିବା ଦୀର୍ଘଦିନର ବିବାଦରେ ମଧ୍ୟସ୍ଥତାକୁ ଭାରତ ଅସ୍ୱୀକାର କରୁଛି। ଭାରତର ସ୍ଥିତି ବିଷୟରେ ଭଲ ଭାବରେ ଅବଗତ ଥିବା ସତ୍ତ୍ୱେ ରାଜନୈତିକ ନାଟକରେ ମାହିର ଟ୍ରମ୍ପ୍ କହିଥିଲେ ଯେ ସେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ «ପରମାଣୁ ଯୁଦ୍ଧ»କୁ ରୋକିଛନ୍ତି। ଟ୍ରେଡ୍ ଭୟ ଦେଖାଇ ସେ ଯୁଦ୍ଧ ବନ୍ଦ କରିଦେଇଛନ୍ତି ବୋଲି ଟ୍ରମ୍ପ ଦାବି କରି ଆସୁଥିବା ବେଳେ ଭାରତ ଟ୍ରମ୍ପଙ୍କ ଦାବିକୁ ସବୁବେଳେ ଅସ୍ୱୀକାର କରି ଆସୁଛି। ଏହା ପୂର୍ବରୁ ବର୍ଷେ ତଳେ ଟ୍ରମ୍ପ କାଶ୍ମୀର ସମସ୍ୟାରେ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଥିଲେ। ଭାରତ ସେତେବେଳେ ବି ମନା କରିଥିଲା।

ଏହି ଶୁଳ୍କ ଏପରି ସମୟରେ ଲାଗୁ କରାଯାଇଥିଲା ଯେତେବେଳେ ଭାରତ ଏବଂ ଆମେରିକା ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତିକୁ ଚୂଡ଼ାନ୍ତ କରିବାକୁ ନିକଟତର ହୋଇଥିଲେ। ଅନେକ ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ଏକ ଅଚଳାବସ୍ଥା ଥିଲା। କୃଷି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଥିଲା। ଉଡ୍ ଭାରତର ପକ୍ଷ ନେଇଥିଲେ କହିଥିଲେ ଯେ କୌଣସି ସରକାର କୃଷି କ୍ଷେତ୍ରକୁ ବିଦେଶୀ ଆମଦାନୀ ପାଇଁ ଖୋଲିବେ ନାହିଁ କାରଣ ଏହା ଗରିବ ଚାଷୀମାନଙ୍କୁ ପ୍ରଭାବିତ କରିବ। ଭାରତରେ, କୃଷି କ୍ଷେତ୍ର ସହ ପ୍ରାୟ ୨୫ କୋଟି ଚାଷୀ ଜଡିତ ଏବଂ ଶ୍ରମିକଙ୍କ ପାଇଁ ଏହା ହେଉଛି ପ୍ରମୁଖ ଆୟର ଉତ୍ସ। ଭାରତର ପ୍ରାୟ ୪୦ ପ୍ରତିଶତ କର୍ମଶକ୍ତି କେବଳ କୃଷିରୁ ନିଯୁକ୍ତି ପାଇଥାନ୍ତି।

**ବ୍ୟକ୍ତିଗତ ରାଗ ପାଇଁ ଭାରତ ଉପରେ ଟ୍ରମ୍ପ୍ ଲଗାଇଛନ୍ତି ଉଚ୍ଚା ଶୁଳ୍କ**

# ଆମେରିକା କୁକୁର ଖାଉଛନ୍ତି ନେପାଳୀ ପନୀର

ୱାଶିଂଟନ୍, ୨୯।୮ (ଏଜେନ୍ସି): ଗୋଟିଏ ପଟେ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିଛି, ଅନ୍ୟପଟେ ଭାରତର ପଡ଼ୋଶୀ ଦେଶ ନେପାଳ ଉପରେ କେବଳ ୧୦ ପ୍ରତିଶତ ଶୁଳ୍କ ଲାଗୁ ହୋଇଛି। ନେପାଳ ସହିତ ଆମେରିକାର ବାଣିଜ୍ୟ ପ୍ରାୟ ୧ ପ୍ରତିଶତ। ତଥାପି, ଗତ କିଛି ବର୍ଷ ମଧ୍ୟରେ ଏହା ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଆମେରିକା ନେପାଳକୁ ଅନେକ ଅତ୍ୟାବଶ୍ୟକୀୟ ଜିନିଷ ରପ୍ତାନି କରେ, କିନ୍ତୁ



**ଲାଗିନି ଟାରିଫ୍**

ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଆମେରିକା ତାର କୁକୁରମାନଙ୍କ ପାଇଁ ନେପାଳରୁ 'ନେପାଳୀ ପନିର' ଆମଦାନୀ କରେ। ଯାହାକୁ ନେପାଳରେ 'ଚୁର୍ପି' କୁହାଯାଏ। ଚୁର୍ପିକୁ ବିଶ୍ୱର ସବୁଠାରୁ କଠିନ ପନିର ବୋଲି ବିବେଚନା କରାଯାଏ। ଏହା ନେପାଳର ପାହାଡିଆ ଅଞ୍ଚଳରେ ତିଆରି କରାଯାଏ। ଏହାକୁ ତିଆରି କରିବା ପାଇଁ ୟାକ କ୍ଷୀର ବ୍ୟବହାର କରାଯାଏ। ବିଦେଶରେ ଚୁର୍ପିକୁ କୁକୁର ଖାଦ୍ୟ ଭାବରେ ବ୍ୟବହାର କରାଯାଏ। ଏହାକୁ କୁକୁରମାନେ ଚୋବାଇବା ପାଇଁ ବ୍ୟବହାର କରନ୍ତି। ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ ଏବଂ କୁକୁରମାନେ ଏଥିରୁ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ସହିତ ଅନ୍ୟାନ୍ୟ ଅନେକ ଆବଶ୍ୟକୀୟ ଉପାଦାନ ପାଇଥାନ୍ତି। ଗତ ୫ ବର୍ଷ ମଧ୍ୟରେ, ନେପାଳୀ ଛୁର୍ପି (ପନିର) ରପ୍ତାନି ଦ୍ୱିଗୁଣିତ ହୋଇଛି। ଆମେରିକାରେ, ଏହାକୁ 'ହିମାଳୀୟ ଡଗ୍ ଚୋ' ଭାବରେ ଜଣାଶୁଣା ଏବଂ ଏହାର ଚାହିଦା ନିରନ୍ତର ବୃଦ୍ଧି ପାଉଛି। ଆକର୍ଷଣୀୟ କଥା ହେଉଛି ଯେ ଆମେରିକା ଛୁର୍ପି ଆମଦାନୀ ଉପରେ କୌଣସି ଶୁଳ୍କ କିମ୍ବା ସୀମା ଲାଗୁ କରେ ନାହିଁ। ତଥ୍ୟ ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ପ୍ରତିବର୍ଷ ଛୁର୍ପି ଆମଦାନୀ ୧୦୧୧% ହାରରେ ବୃଦ୍ଧି ପାଇଛି।

# ପାୱାରଗ୍ରୀଡ୍‌ର ୩୬ତମ ବାର୍ଷିକ ସାଧାରଣ ବୈଠକ




ନୂଆଦିଲ୍ଲୀ,୨୯।୮: ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟ ଅଧୀନସ୍ଥ ମହାରତ୍ନ କମ୍ପାନୀ ପାୱାର ଡିଷ୍ଟ୍ରିବ୍ୟୁସନ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ (ପାୱାରଗ୍ରୀଡ୍)ର ୩୬ତମ ବାର୍ଷିକ ସାଧାରଣ ବୈଠକ ଭର୍ଚୁଆଲ୍ ମୋଡ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପାୱାରଗ୍ରୀଡ୍‌ର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ତ୍ୟାଗୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ରବିଶଙ୍କର ଗଣେସନ, ନିର୍ଦ୍ଦେଶକ (ଅର୍ଥ) ଏବଂ ମୁଖ୍ୟ ଆର୍ଥିକ ଅଧିକାରୀ, ଡକ୍ଟର ଯତିନ୍ଦ୍ର ଦ୍ୱିବେଦୀ, ନିର୍ଦ୍ଦେଶକ (କାର୍ମିକ), ନବୀନ ଶ୍ରୀବାସ୍ତବ, ନିର୍ଦ୍ଦେଶକ (ଅପରେସନ୍), ଭାମସି ରାମମୋହନ ବୁରା, ନିର୍ଦ୍ଦେଶକ (ପ୍ରକଳ୍ପ), ଡକ୍ଟର ସାଇବାବା ଦରବାମୁଲା, ସରକାରୀ ମନୋନୀତ ନିର୍ଦ୍ଦେଶକ, ଅଭୟ ବାକ୍ରେ, ସ୍ୱାଧୀନ ନିର୍ଦ୍ଦେଶକ ଶିବ ତାପିଆ ପାସୱାନ, ସ୍ୱାଧୀନ ନିର୍ଦ୍ଦେଶକ ରୋହିତ ଭାସୱାନୀ ଏବଂ ସ୍ୱାଧୀନ ନିର୍ଦ୍ଦେଶକ ସଜଳ ଝା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କ ପ୍ରତିନିଧି ଏବଂ ଅଂଶଧନଧାରୀମାନେ ବୈଠକରେ ଯୋଗଦେଇଥିଲେ।

# ଆୟକର ଭବନରେ ଯୌନ ନିର୍ଯାତନା ନିରାକରଣ କାର୍ଯ୍ୟକ୍ରମ



କଟକ,୨୯।୮ (ସମିସ): ଆୟକର ବିଭାଗର ଆୟକର କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ କଟକର ଆୟକର ଭବନସ୍ଥିତ କାର୍ଯ୍ୟାଳୟରେ "କାର୍ଯ୍ୟସ୍ଥଳୀରେ ହେଉଥିବା ଯୌନ ନିର୍ଯ୍ୟାତନା" ରୋକିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡିକର ସମୀକ୍ଷା ଓ ତଦାରଖ ନେଇ ଗଠିତ ଆଭ୍ୟନ୍ତରୀଣ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କମିଟିର ସଦସ୍ୟମାନେ ଯଥା ଏଡିଆଇଟି ଲକ୍ଷ୍ମୀପ୍ରିୟା ଉପାଧ୍ୟାୟ , ସରସ୍ୱତୀ ଶିଶୁ ମନ୍ଦିରର ଅଧ୍ୟକ୍ଷ ନନ୍ଦିତା ପଣ୍ଡା, ପ୍ରଶାସନିକ ଅଧିକାରୀ ରଶ୍ମିତା ଜେନା, ଏଡି ପ୍ରୀତିମଞ୍ଜରୀ ମହାନ୍ତି, ଆଇନଜୀବୀ ଶ୍ୱେତା ଦାଶ, ସାମାଜିକ କର୍ମୀ ସଞ୍ଜୁକ୍ତା ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ଏହି ଅବସରରେ ଉପରୋକ୍ତ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ପ୍ରଧାନ ଆୟକର ଆୟୁକ୍ତ ଶ୍ରୀ ମହାପାତ୍ର ବକ୍ତବ୍ୟ ପ୍ରଦାନ କରି ପୋସ୍କୋ ଆକ୍ଟ ୨୦୧୩ର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ବୈଠକକୁ ଆୟକର ମୁଖ୍ୟ ଅଧିକାରୀ କ୍ଷୀତିଶ କୁମାର ମହାନ୍ତି ପରିଚାଳନା କରିଥିଲେ। କାର୍ଯ୍ୟାଳୟର ସମସ୍ତ ଅଧିକାରୀମାନେ ଯୋଗଦେଇଥିଲେ।

**ବିକଶିତ ଓଡ଼ିଶା ସମ୍ମିଳନୀ**

# '୨୦୩୬ ସୁଦ୍ଧା ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ'

ଭୁବନେଶ୍ୱର,୨୯।୮ (ସମିସ)



୨୦୩୬ ସୁଦ୍ଧା ଆମେ ଏକ ସମୃଦ୍ଧ ଓଡିଶା ଓ ବିକଶିତ ଓଡିଶା ଗଠନ ପାଇଁ ଲକ୍ଷ୍ୟ ରଖିଛୁ। ଏଥି ସହିତ ଦେଶର ସର୍ବଶ୍ରେଷ୍ଠ ପାଞ୍ଚଗୋଟି ରାଜ୍ୟ ମଧ୍ୟରେ ଓଡିଶାକୁ ସ୍ଥାନ ଦେବା ପାଇଁ ମଧ୍ୟ ଆମେ ଉଦ୍ୟମ ଜାରି ରଖିଛୁ। ଆମର ଏହି ଲକ୍ଷ୍ୟ ହାସଲ ପାଇଁ କୃଷି, ଶିଳ୍ପ ଓ ସାମାଜିକ ବିକାଶକୁ ଗ୍ରୋଥ୍ ଇଞ୍ଜିନ୍ସ ଭାବେ ନେଇ ଆମେ କାର୍ଯ୍ୟ ଆରମ୍ଭ କରିଛୁ। ଆମର ସାମଗ୍ରିକ ବିକାଶ ଆବଶ୍ୟକ। ଆହୁରି ମଧ୍ୟ ଏହି ଲକ୍ଷ୍ୟ ହାସଲ ପାଇଁ ଆମର ଖଣି ଏବଂ ଧାତୁ, କେମିକାଲ୍‌ସ-ପେଟ୍ରୋକେମିକାଲ୍‌ସ, ଆଇ.ଟି, ଷ୍ଟାର୍ଟଅପ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟା କରଣ, ପର୍ଯ୍ୟଟନ, ଏମ୍ଏସ୍ଏମ୍ଇ ଆଦି କ୍ଷେତ୍ରର ବିକାଶକୁ ମଧ୍ୟ ଗୁରୁତ୍ୱ ଦେଉଛୁ। ଓଡିଶାରେ ବିକାଶ କୌଣସି ଗୋଟେ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ବର୍ଗଙ୍କ ପାଇଁ ହେବନାହିଁ। ଏହା ହେବ ସମାବେଶୀ ବିକାଶ। ଏଥିପାଇଁ ଆମେ ଏକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରିଛୁ। ସମୃଦ୍ଧ ଓଡିଶା ଗଠନ ପାଇଁ ଆମକୁ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ପଡିବ। ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି କୃଷି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ପଡିବ ବୋଲି ଆଇସିସି ଓ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ ବିକଶିତ ଓଡ଼ିଶା 'ଓଡିଶାର ଅଭିବୃଦ୍ଧି ଇଞ୍ଜିନକୁ ସଶକ୍ତ କରିବା' ଶୀର୍ଷକ ଏକ ଆଲୋଚନାଚକ୍ରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।

ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ କହିଲେ, ସାରା ବିଶ୍ୱରେ ଯାହା ଅଛି ତାହା ଓଡିଶାରେ ରହିଛି। ଓଡିଶାରେ ରୂପାନ୍ତରିତ କରିବାକୁ ଆମର ଦୃଢ ଇଚ୍ଛା ଶକ୍ତି ଆବଶ୍ୟକ। ଏଥିରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ ଯେ ଆମ ରାଜ୍ୟକୁ ଆସୁଥିବା ପୁଞ୍ଜିନିବେଶ କିଭଳି ବାସ୍ତବତାର ରୂପ ନେବ ତାହା ଆମର ପ୍ରଥମ ପ୍ରାଥମିକତା। ଯଦି ପାରାଦୀପରେ ନାଥା କାକର ପ୍ଲାଣ୍ଟ ହେବ ତେବେ ପେଟ୍ରୋ କେମିକାଲରେ ଆମେ ଅନେକ ଆଗକୁ ଯାଇପାରିବା। ଓଡିଶାରେ ଏମଏସଏମଇ କ୍ଷେତ୍ରରେ ପ୍ରାଥମିକତା ରହୁଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏମଏସଏମଇ ତଥା ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ , ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଆଇସିସି ଅଧ୍ୟକ୍ଷ ରାଜୀବ ସାହୁ କହିଲେ ଓଡିଶା ୨୦୩୬ ସୁଦ୍ଧା ବିକଶିତ ହେବା ପାଇଁ ଲକ୍ଷ୍ୟ ରହିଛି। ସରକାର ଏଥିପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିରେ ଆଇସିସି ଗୁଣ୍ଡୁଚି ମୂଷା ପରି ସାହାଯ୍ୟ କରୁଛି। ଓଡିଶାର ଅର୍ଥନୀତି ବୃଦ୍ଧି ପାଉଛି। ଏଥିରେ ଲଘୁ ଉଦ୍ୟୋଗୀ ଭାରତୀ ସଭାପତି ଗୋପାଳ ଦାସ ଅଗ୍ରୱାଲ, ଅତିରିକ୍ତ ମୁଖ୍ୟ ସଚିବ ତଥା ଇପିକଲ୍ ଅଧ୍ୟକ୍ଷ ହେମନ୍ତ ଶର୍ମା , ପ୍ରମୁଖ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସରୋଜ କୁମାର ସାହୁ ନିଜର ବକ୍ତବ୍ୟ ରଖିଥିଲେ। ଆଇସିସି ଡିଜି ଡ. ରାଜୀବ ସିଂ ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ଜେପି ପାଲ ମଧ୍ୟ ଉପସ୍ଥିତ ଥିଲେ।

# ଝୋଟ ବସ୍ତା ଉପରେ ବ୍ୟବହାର ଶୁଳ୍କ ୪୦% ବୃଦ୍ଧି

ନୂଆଦିଲ୍ଲୀ,୨୯।୮ (ଏଜେନ୍ସି): କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ଆଜି କହିଛନ୍ତି ଯେ,କେନ୍ଦ୍ର ସରକାର ଝୋଟ ବସ୍ତା ଉପରେ ବ୍ୟବହାର ଶୁଳ୍କକୁ ପ୍ରାୟ ୪୦% ବୃଦ୍ଧି କରିଛନ୍ତି। ଖାଦ୍ୟଶସ୍ୟ କ୍ରୟ ଏବଂ ବଣ୍ଟନରେ କେନ୍ଦ୍ର-ରାଜ୍ୟ ସହଯୋଗକୁ ସୁଦୃଢ଼ କରିବା ସହିତ କ୍ରୟ କାର୍ଯ୍ୟକୁ ସୁଗମ କରିବା, ସ୍ଥାୟୀ ପ୍ୟାକେଜିଂ ଅଭ୍ୟାସକୁ ସମର୍ଥନ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ସଂଶୋଧନ ପାଇଁ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରୁ ଅନୁରୋଧ ପାଇଥିଲେ ଯାହା ପରେ ଭାରତ ସରକାରଙ୍କ ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ଏକ କମିଟି ଗଠନ କରିଥିଲା। ପ୍ୟାକେଜିଂ ଶୁଳ୍କର ଏକ ବ୍ୟାପକ ସମୀକ୍ଷା କରିବା ପାଇଁ ଗଠିତ ଏହି କମିଟିରେ ରାଜ୍ୟ ସରକାର, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ର ସଦସ୍ୟମାନେ ସାମିଲ ଥିଲେ। ଆନ୍ଧ୍ର ପ୍ରଦେଶ,ପଞ୍ଜାବ, ମଧ୍ୟପ୍ରଦେଶ, ତେଲେଙ୍ଗାନା, ଉତ୍ତର ପ୍ରଦେଶ ଏବଂ ହରିୟାଣା ରାଜ୍ୟ ସରକାରମାନେ କମିଟିକୁ ସେମାନଙ୍କର ପରାମର୍ଶ ପ୍ରଦାନ କରିଥିଲେ।

# ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ୭.୮%

ନୂଆଦିଲ୍ଲୀ, ୨୯।୮ (ଏଜେନ୍ସି): ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଭାରତୀୟ ଅର୍ଥନୀତି ଚମତ୍କାର ପ୍ରଦର୍ଶନ କରିଛି। ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ତ୍ରୈମାସିକ (ଏପ୍ରିଲ୍-ଜୁନ୍)ରେ ଦେଶର ଜିଡିପି ଅଭିବୃଦ୍ଧି ହାର ୭.୮ ପ୍ରତିଶତ ରହିଛି, ଯାହାକି ଅନୁମାନଠାରୁ ବହୁ ଉପରେ ଅଛି। କେବଳ ଏତିକି ନୁହେଁ, ଗତ ୫ ତ୍ରୈମାସିକରେ ଏହା ହେଉଛି, ଦେଶର ସବୁଠୁ ଅଧିକ ଜିଡିପି ଅଭିବୃଦ୍ଧି ହାର। ଜୁନ୍ ତ୍ରୈମାସରେ ଦେଶର ଅଭିବୃଦ୍ଧି ହାର ୬.୭% ରହିବା ନେଇ ଆରବିଆଇ ପୂର୍ବାନୁମାନ କରିଥିଲା। ପୂର୍ବ ବର୍ଷ ସମାନ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ୬.୫ ପ୍ରତିଶତ ରହିଥିଲା। ଆର୍ଥିକ ବର୍ଷ ୨୦୨୪-୨୫ର ଚତୁର୍ଥ ତ୍ରୈମାସିକରେ ଜିଡିପି ଅଭିବୃଦ୍ଧି ହାର ୭.୪ ପ୍ରତିଶତ ରହିଥିଲା । ରିପୋର୍ଟ ଏହା ଦର୍ଶାଉଛି ଯେ ଆର୍ଥି ବର୍ଷ ୨୦୨୫-୨୬ ଆରମ୍ଭରେ ଭାରତୀୟ ଅର୍ଥନୀତି ଭଲ ଗତିରେ ଆଗକୁ ବଢ଼ୁଛି।

# ନଗର ରାଜଭାଷା କାର୍ଯ୍ୟକାରୀ କମିଟି ବୈଠକ



ଭୁବନେଶ୍ୱର,୨୯।୮ (ସମିସ): ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କ ପୌରୋହିତ୍ୟରେ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଉପନିର୍ଦ୍ଦେଶକ (କାର୍ଯ୍ୟକାରୀ) ଡ. ବିଚିତ୍ରସେନ ଗୁପ୍ତାଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟରେ ନଗର ରାଜଭାଷା କାଯ୍ୟାନ୍ୱୟନ କମିଟି (ବ୍ୟାଙ୍କ ଓ ବୀମା) ର ୫୮ତମ ଅର୍ଦ୍ଧବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଇଡିବିଆଇ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁଜିତ କୁମାର, ନାବାର୍ଡର ମହାପ୍ରବନ୍ଧକ ଆୟୁଷ ଶିବପୁରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସିଡିଓ ସାମଦେନ ଦୋର୍ଜି ଲାମାଙ୍କ ସମେତ ଭୁବନେଶ୍ୱରରେ ଥିବା ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ବୀମା କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀ ଏବଂ ସରକାରୀ ଭାଷା ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଗତ ୬ ବର୍ଷ ମଧ୍ୟରେ ସଦସ୍ୟ ବ୍ୟାଙ୍କରେ ସରକାରୀ ଭାଷାର ପ୍ରଚାର ପ୍ରସାର ପାଇଁ ଆୟୋଜିତ ବିଭିନ୍ନ ହିନ୍ଦୀ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସଦସ୍ୟ ସଚିବ ତଥା ସହକାରୀ ମହାପ୍ରବନ୍ଧକ (ସରକାରୀ ଭାଷା) ବି ବି ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଭାରତୀୟ ରିଜର୍ଭ ବ୍ୟାଙ୍କର ସହକାରୀ ମହାପ୍ରବନ୍ଧକ (ସରକାରୀ ଭାଷା) ବିବେକ ଯାଦବ ଧନ୍ୟବାଦ ଦେଇଥିଲେ।

# ଭାଙ୍ଗିଲା ସବୁ ରେକର୍ଡ ୧.୦୩ ଲକ୍ଷ ଟପିଲା ସୁନା ଦର

ନୂଆଦିଲ୍ଲୀ,୨୯।୮ (ଏଜେନ୍ସି)

- **ଦିନକରେ ୨୧୦୦ ଟଙ୍କା ବୃଦ୍ଧି**
- **୨୨ କ୍ୟାରେଟ୍ ୧୦ ଗ୍ରାମ ପିଛା ୯୪,୭୦୦ ଟଙ୍କା ଛୁଇଁଲା**




ହୁ ହୁ ହୋଇ ବଢ଼ିବାରେ ଲାଗିଛି ସୁନା ଦର। ଆମେରିକା ଦ୍ୱାରା ସାରା ବିଶ୍ୱ ଉପରେ ଲାଗୁ ହୋଇଥିବା ବାଣିଜ୍ୟ ଶୁଳ୍କ ଏବଂ ବିଶ୍ୱ ବଜାରରେ ଅନିଶ୍ଚିତତା କାରଣ ଯୋଗୁ ଦୌଡୁଛି ସୁନା ବଜାର। ମୂଲ୍ୟ ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତର ୧୦ ଗ୍ରାମ ପିଛା ୧.୦୩ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଏମିତିକି ଆଜି ଦିନକରେ ଘରୋଇ ବଜାରରେ ସୁନା ଦର ୧୦ ଗ୍ରାମ ପିଛା ୨୧୦୦ ଟଙ୍କା ବୃଦ୍ଧି ଘଟିଛି। ରାଜଧାନୀ ଭୁବନେଶ୍ୱରରେ ଆଜି ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୩,୩୧୦ ଟଙ୍କାରେ ପହଞ୍ଚିଛି। ବୈଶ୍ୱିକ ଉତ୍ତେଜନା ଏବଂ ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏଭଳି ମୂଲ୍ୟ ବୃଦ୍ଧି ହୋଇଛି। ଆଜି ଘରୋଇ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ରେକର୍ଡ ୧.୩ ଲକ୍ଷ ଟଙ୍କା ଟପିଯାଇଛି। କେଡିଆ ଆଡଭାଇଜରିର ନିର୍ଦ୍ଦେଶକ ଅଜୟ କେଡିଆ କହିଛନ୍ତି ଯେ ଆମେରିକାର ବାଣିଜ୍ୟ ଶୁଳ୍କ ଯୋଗୁଁ ଭୂ-ରାଜନୈତିକ ଉତ୍ତେଜନା ଜାରି ରହିଛି। ଏହା ସୁନା ମୂଲ୍ୟକୁ ସମର୍ଥନ କରୁଛି ଏବଂ ଏଥିଯୋଗୁ ଚାହିଦା ମଧ୍ୟ ବୃଦ୍ଧି ପାଉଛି। ଏପରି ପରିସ୍ଥିତିରେ, ସୁନା ମୂଲ୍ୟ ଚଳିତବର୍ଷ ୧୦ ଗ୍ରାମ ପିଛା ୧.୪ ଲକ୍ଷ ଟଙ୍କା ଅତିକ୍ରମ କରିପାରେ। ସେହିପରି ବଜାର ବିଶେଷଜ୍ଞଙ୍କ କହିବାନୁଯାୟୀ, ୨୦୨୫ ଶେଷ ସୁଦ୍ଧା ଏକ କିଲୋ ରୂପାର ମୂଲ୍ୟ ୧.୪୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଯାଇପାରେ। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୩,୩୧୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୯୪,୭୦୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୦୦,୯୦୦ ଟଙ୍କା ରହିଛି।

ବଜାରରେ ସୁନା ଦର ବଢ଼ିବାର ଅନେକ କାରଣ ରହିଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଶୁଳ୍କ ନୀତି ଯୋଗୁ ବାଣିଜ୍ୟ ଯୁଦ୍ଧ ଭୟଙ୍କର ହେବାର ଆଶଙ୍କା ରହିଛି। ଫଳରେ ଅର୍ଥନୀତିର ଗତି ମନ୍ଥର ହୋଇପାରେ। ଏଥିଯୋଗୁ ବିଶ୍ୱ ମାନ୍ଦାବସ୍ଥା ଆଶଙ୍କା ବଢ଼ିଯାଇଛି। ଏଭଳି ପରିସ୍ଥିତିରେ ଲୋକେ ସୁନାରେ ନିବେଶ ବଢ଼ାଉଛନ୍ତି। ସେହିଭଳି ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ଦ୍ୱାରା ସୁନା ମୂଲ୍ୟରେ ବୃଦ୍ଧି ଘଟୁଛି। କାରଣ ଯେତେବେଳେ ଟଙ୍କା ଦୁର୍ବଳ ହୁଏ, ସେତେବେଳେ ଆମଦାନିରେ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଚଳିତବର୍ଷ ଟଙ୍କାର ବିନିମୟ ମୂଲ୍ୟରେ ପାଖାପାଖି ୪% ହ୍ରାସ ଘଟିଛି। ଫଳରେ ସୁନା ଦର ଉପରେ ଚାପ ବୃଦ୍ଧି ପାଇଛି।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ଦାନଧର୍ମରେ ଦିନଟି ଅତିବାହିତ କରିବେ। ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଐତିହ୍ୟ

- ୧୫୬୯-ମୋଗଲ ସମ୍ରାଟ୍ ଜାହାଙ୍ଗୀରଙ୍କ ଜନ୍ମ।
- ୧୮୩୫- ଅଷ୍ଟ୍ରେଲିଆର ମେଲବର୍ଣ୍ଣ ସହରର ସ୍ଥାପନା।
- ୧୯୪୭- ଭାରତୀୟ ସମ୍ବିଧାନର ସ୍ୱରୂପ ତିଆରି କରିବା ପାଇଁ ଡା.ଭୀମରାଓ ଆମ୍ବେଦକରଙ୍କ ନେତୃତ୍ୱରେ ଏକ ସମିତି ଗଠନ କରାଗଲା।
- ୧୯୮୪- ମହାକାଶ ଯାନ 'ଡିସ୍କଭରି'ର ପ୍ରଥମ ଉଡ଼ାଣ।
- ୨୦୦୩- ମୁଲାୟମ ସିଂହ ଯାଦବ ତୃତୀୟ ଥର ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ।
- ୨୦୧୪- ମହାନ୍ ଐତିହାସିକ ବିପିନ୍ ଚନ୍ଦ୍ରଙ୍କ ପରଲୋକ।

# 'ଆଲ୍‌ଫା'ରେ ହ୍ରିତିକ୍‌ଙ୍କ ଏଣ୍ଟ୍ରି



ବଲିଉଡ୍ ଅଭିନେତ୍ରୀ ଆଲିଆ ଭଟ୍ଟ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ଆଲ୍‌ଫା'ର ସୁଟିଂରେ ଏବେ ବ୍ୟସ୍ତ ଅଛନ୍ତି। ପ୍ରଥମ ଥର ପାଇଁ ଆଲିଆ ଏକ ସ୍ପାଇ ଥ୍ରିଲର୍ ଫିଲ୍ମରେ କାମ କରୁଛନ୍ତି। 'ୱାର୍ ୨' ଫିଲ୍ମର ଶେଷରେ 'ଆଲ୍‌ଫା'ର ପ୍ରଥମ ଝଲକ୍ ଦେଖିବାକୁ ମିଳିଥିଲା। ଏଥିରେ ବବି ଦେଓଲ ନଜର ଆସିଥିଲେ । ଏବେ 'ଆଲ୍‌ଫା'ରେ ଆଉ ଜଣେ ବଲିଉଡ୍ ସୁପରଷ୍ଟାର୍‌ଙ୍କ ଏଣ୍ଟ୍ରି ହୋଇଛି। ହ୍ରିତିକ୍ ରୋଶନ ଏଥିରେ ଅତିଥି କଳାକାର ଭାବେ ନଜର ଆସିବେ ବୋଲି ଜଣାପଡ଼ିଛି। 'ଏକ୍ ଥା ଟାଇଗର', 'ପଠାନ୍', 'ୱାର୍' ଫିଲ୍ମର ନିର୍ମାତା ଆଦିତ୍ୟ ଚୋପ୍ରା ମହିଳା କୈନ୍ଦ୍ରିକ ଗୁଇନ୍ଦା ଫିଲ୍ମ 'ଆଲ୍‌ଫା'ର ନିର୍ମାଣ କରୁଛନ୍ତି। ତେବେ ଏହି ଫିଲ୍ମ ଯଶରାଜ ବ୍ୟାନର୍‌ର ସ୍ପାଏ ୟୁନିଭର୍ସର ଅଂଶ ହୋଇଥିବାରୁ ଏଥିରେ ଏହାର ଅନ୍ୟ ଫିଲ୍ମର ହିରୋମାନେ ଅତିଥି କଳାକାର ଭାବେ ଦେଖାଯାଇ ପାରନ୍ତି ବୋଲି ଆଶା କରାଯାଉଥିଲା। ହ୍ରିତିକ୍‌ଙ୍କ ସହ ଅନ୍ୟ ଜଣେ ବଲିଉଡ୍ ଅଭିନେତାଙ୍କର ଏଣ୍ଟ୍ରି ହେବା କଥା ଶୁଣାଯାଉଥିଲେ ବି ତାଙ୍କ ନାମ ସାମ୍ନାକୁ ଆସି ନାହିଁ। ହ୍ରିତିକ୍ 'ଆଲ୍‌ଫା'ରେ ତାଙ୍କ ଅଂଶର ସୁଟିଂ ମଧ୍ୟ ସାରି ଦେଇଛନ୍ତି। ସେହିଭଳି ଫିଲ୍ମର ଦୁଇ ନାୟିକା ଆଲିଆ ଓ ଶରବରି ୱାଗ୍ ଏକ ଡ୍ୟାନ୍ସ ନମ୍ବରର ସୁଟିଂ କରିଛନ୍ତି। ଏହା ଆସନ୍ତା ୨୫ ଡିସେମ୍ବରରେ ରିଲିଜ୍ ହେବ।

# ଅଳସୁଆଙ୍କ ଉତ୍ସବ

କଲମ୍ବିଆର ଇଟାଗୁଇ ସହରରେ ପ୍ରତିବର୍ଷ ଅଗଷ୍ଟ ମାସରେ ବିଶ୍ୱ ଆଳସ୍ୟ ଦିବସ ପାଳନ କରାଯାଏ। ଏହି ଉତ୍ସବ ଲୋକଙ୍କୁ ଆରାମ କରିବା ଦିଗରେ ପ୍ରୋତ୍ସାହିତ କରିବା ସହ କଳା, ସଙ୍ଗୀତ ଓ ସୃଜନଶୀଳତା ମାଧ୍ୟମରେ ଜୀବନକୁ ପୂର୍ଣ୍ଣ ଭାବେ ଉପଭୋଗ କରିବାର ସୁଯୋଗ ପ୍ରଦାନ କରିଥାଏ। ଏହାର ଆରମ୍ଭ ୧୯୮୦ ମସିହାରେ ହୋଇଥିଲା। ସେସମୟରେ ସହରର ଲୋକଙ୍କ ପାଇଁ ସାଂସ୍କୃତିକ ଏବଂ ମନୋରଞ୍ଜନର ଅବସର ବହୁତ କମ୍ ଥିଲା। ତେଣୁ ୧୯୮୫ ମସିହାରେ ସ୍ଥାନୀୟ ନେତା କାଲୋର୍ସ ମାରିଯୋ ମୋଣ୍ଟୋୟା ଏବଂ ଲିବାର୍ଦୋ ରେଷ୍ଟ୍ରେପୋ ଏଭଳି ଏକ ଦିବସର ପରିକଳ୍ପନା କରିଥିଲେ। ଧୀରେ ଧୀରେ ଏହି ଉତ୍ସବ ସହରର ସାଂସ୍କୃତିକ ପରିଚୟ ପାଲଟିଗଲା। ଲୋକେ ଏହିଦିନ ତକିଆ, ଝୁଲି, ଖଟ ଓ ପାଇଜାମା ଆଦି ନେଇ ରାଜରାସ୍ତାକୁ ଓହ୍ଲାଇଥାନ୍ତି। ପୂରା ସହର ଏକ ବଡ଼ ମଞ୍ଚରେ ପରିଣତ ହୋଇଥାଏ। ଏହାସହ ସହରର ପ୍ରତିଟି ସ୍ଥାନରେ ସଙ୍ଗୀତ, ନୃତ୍ୟଭିତ୍ତିକ ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲିଥାଏ। ଲୋକେ ରାସ୍ତା ଉପରେ ଖଟ ଓ ବିଛଣା ପକାଇ ଶୋଇଥାନ୍ତି। କେହି କେହି ରାସ୍ତା ଉପରେ ତମ୍ବୁ ପକାଇ ତାକୁ ଘର ଭଳି ସଜାଇ ଶୋଇଥିବାର ମଧ୍ୟ ଦେଖାଯାଏ। ସକାଳ ୯ଟାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ଉତ୍ସବ ଚାଲେ। ଏହି ଉତ୍ସବରେ ଲାଇଭ୍ କନସର୍ଟ, କଳା ପ୍ରଦର୍ଶନୀ, ବିୟର୍ ଫେଷ୍ଟିଭାଲ, କ୍ଲାସିକ୍ କାର୍ ପରେଡ୍ ଏବଂ ଲେଜିନେସ୍ ବା ଅଳସୁଆ ପ୍ୟାରେଡ୍ ମଧ୍ୟ ହୋଇଥାଏ। ପ୍ରାୟ ଦୁଇ କିଲୋମିଟର ଲମ୍ବା ରାସ୍ତାରେ ହଜାର ହଜାର ଲୋକ ସାମିଲ ହୋଇଥାନ୍ତି । ସମୟ ସହିତ ଏହି ଆୟୋଜନ କେବଳ ଆଉ ଏକ ଉତ୍ସବ ହୋଇ ରହି ନାହିଁ, ଏହା ଏକ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟରେ ପରିଣତ ହୋଇଛି। ଏହି ଉତ୍ସବ ପ୍ରତିବର୍ଷ ଅଗଷ୍ଟ ୯ରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଏ। ୨୦୧୨ ମସିହାରେ ଏହାକୁ ଅନ୍ତର୍ଜାତୀୟ ସ୍ତରରେ ମାନ୍ୟତା ମିଳିଥିଲା।



# ରେଷ୍ଟୋରାଁର ନିଆରା ଅଫର୍
## ୫୦ ପଇସାରେ ମଧ୍ୟାହ୍ନ ଭୋଜନ





ସାଧାରଣତଃ ରେଷ୍ଟୋରାଁରେ ବିଭିନ୍ନ ଖାଦ୍ୟପଦାର୍ଥର ଦାମ୍ ଖୁବ୍ ମହଙ୍ଗା ହୋଇଥାଏ। ଏହି କ୍ରମରେ ମୁମ୍ବାଇର ଗୋରେଗାଓଁରେ ଥିବା ଉଡିପି ବିହାର ରେଷ୍ଟୋରାଁ ଏକ ନିଆରା ଅଫର୍ ଲାଗି ଚର୍ଚ୍ଚା ସାଉଁଟୁଛି। ଲୋକଙ୍କୁ ବହୁତ କମ୍ ଦାମ୍‌ରେ ମିଲ୍ ଯୋଗାଇ ଏହା ସଭିଙ୍କ ଦୃଷ୍ଟିଆକର୍ଷଣ କରିଛି। ଏହି ରେଷ୍ଟୋରାଁଟି ଭଙ୍ଗା ହେବା ପୂର୍ବରୁ ସେ ଲୋକଙ୍କୁ ୧୯୭୨ ମସିହାରେ ଖାଦ୍ୟର ଦାମ୍ ଯାହା ଥିଲା, ସେହି ମୂଲ୍ୟରେ ପରଷିଛି। ଏହି ଅଫର୍ ଦିନକ (ଅଗଷ୍ଟ ୧୮) ପାଇଁ ଉଦ୍ଦିଷ୍ଟ ଥିଲା। ଏହାର ଲାଭ ଉଠାଇବା ପାଇଁ ରେଷ୍ଟୋରାଁ ବାହାରେ ପ୍ରବଳ ଭିଡ଼ ଜମିଥିଲା। ତେବେ ଏକ ନୂଆ ବିଲ୍ଡିଂ ଲାଗି ଏହି ରେଷ୍ଟୋରାଁକୁ ଭଙ୍ଗା ଯାଉଛି। ରେଷ୍ଟୋରାଁଟି ଶେଷ ଦିନରେ ଗ୍ରାହକଙ୍କୁ ଏହି ଉପାୟରେ ଖାଦ୍ୟର ସ୍ୱାଦ ଚଖାଇବାକୁ ଚାହିଁଛି । ବିଦାୟକାଳୀନ ସ୍ମୃତିରେ ଉକ୍ତ ରେଷ୍ଟୋରାଁ ତା'ର ସମସ୍ତ ସ୍ୱାଦିଷ୍ଟ ତଥା ଲୋକପ୍ରିୟ ଖାଦ୍ୟକୁ ୧୯୭୨ ମସିହାରେ ବିକ୍ରି ହେଉଥିବା ଖାଦ୍ୟ ମୂଲ୍ୟରେ ପରଷିଥିଲା। ପଚାଶ ପଇସାରେ ଲୋକେ ପେଟ ପୂରା ମଧ୍ୟାହ୍ନ ଭୋଜନ କରିଛନ୍ତି। କେବଳ ସେତିକି ନୁହେଁ, ଜିଲାପି, ବରା, ଇଡ୍‌ଲି ୧୨ ପଇସାରେ ଗ୍ରାହକଙ୍କୁ ପରଷା ଯାଇଥିଲା। ସେହିଭଳି ରେଷ୍ଟୋରାଁର ଶେଷଦିନରେ ଗ୍ରାହକମାନେ ଏହି ଅଫର୍‌ର ସୁଯୋଗ ନେବା ପାଇଁ ବେଶ୍ ଉତ୍ସାହିତ ଥିବାର ଦେଖାଯାଇଥିଲା। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହାର ଭିଡିଓ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।

# ଗୁରୁ



ପ୍ରଣାମ ଘେନ ହେ ଗୁରୁବର  
ତୁମ ବିନା ନାହିଁ ମୁକତି ମୋର।  
ଜୀବନ ଆକାଶେ ଧ୍ରୁବ ତାରା ତୁମେ  
ଆଲୋକ ଶିଖାଟେ ଅନ୍ଧାରର।  
କୋଟିଏ ସୂରୁଯ ତୁମ ପାଶେ  
ମଥା ଅବନତ କରି ବସେ  
ତୁମଠୁ ଓଜନ କିଏ ହେବ ଆଉ  
ମୋର ଭାବନାରେ ନ ଆସେ।  
ତୁମର ଆଶିଷ ମୋର କାମ୍ୟ  
ତୁଣ୍ଡେ ମୋର ଥାଉ ତୁମ ନାମ  
ଚଲାପଥେ ମୋର ଆସ ବାରମ୍ବାର  
ତୁମ ଚରଣରେ ଚାରିଧାମ।■



**ପ୍ରଶାନ୍ତ କୁମାର ସାହୁ**

ଚନ୍ଦନ ମଣ୍ଡପ ସାହି, ଇନ୍ଦିପୁର, ଢେଙ୍କାନାଳ  
ମୋ-୯୭୭୭୦୯୦୦୫୬

# ଗୁରୁ ତୁମେ ଚିର ବନ୍ଦନୀୟ



**ନଳିନୀ ଦାଶ**

ଜୟ ଗୁରୁଦେବ ତୁମେ ନିତ୍ୟ ପୂଜନୀୟ  
ଜ୍ଞାନରସାଗର କ୍ଷମାଶୀଳ ତ୍ୟାଗମୟ  
ନରରୂପୀ ନାରାୟଣ ଚିର ବନ୍ଦନୀୟ  
ମହୀମଣ୍ଡଳରେ ଗୁରୁ ଚିର ମହନୀୟ ।  
ଶିଷ୍ୟଙ୍କ ପାଇଁ ତୁମେତ ଅଗତିର ଗତି  
ସ୍ନେହ ଶ୍ରଦ୍ଧା ଭରି ଜ୍ଞାନ ବାଣ୍ଟି ଦିଅ ଶାନ୍ତି  
ଉନ୍ନତି ପଥରେ ସାଜିଥାଅ ମହାଶକ୍ତି  
ଆକାଶ ଛୁଅନ୍ତି ଶିଷ୍ୟ କରି ପାଦେ ଭକ୍ତି ।  
ଗୁରୁ ବାକ୍ୟ ଶିଷ୍ୟ ପାଇଁ ହୁଏ ବେଦଗାର  
ଜ୍ୟୋତିଦେଇ ସେ ହଟାନ୍ତି ଅଜ୍ଞାନ ତିମିର  
ଶୁଭଚିନ୍ତକ ଶିକ୍ଷା ଦୀକ୍ଷାର କର୍ଣ୍ଣଧାର  
ଗୁରୁ ସର୍ବଶ୍ରେଷ୍ଠ ପୂଜ୍ୟ ଜୀବନ୍ତ ଠାକୁର ।  
ଗୁରୁଭକ୍ତି ବଳେ କେତେ ବିଶ୍ୱରେ ସନ୍ତାନ  
ଶିକ୍ଷାଲାଭ କରି ହୋଇଛନ୍ତି ମହୀୟାନ  
ଯୁଗେଯୁଗେ ଗୁରୁ ହେ ତୁମେ ଚିର ବନ୍ଦନ  
ଜିତେ ଶିଷ୍ୟ ପାଦଧୂଳି କରିଲେ ଚନ୍ଦନ ।  
ଅକୁଣ୍ଠରେ ଦାନ କର ଜ୍ଞାନର ଭଣ୍ଡାର  
ତୁମେତ ମଙ୍ଗଳମୟ କ୍ଷମାର ସାଗର  
ତୁମେ ତୀର୍ଥ ପୂଣ୍ୟ ବ୍ରତ ହେ ପରମେଶ୍ୱର  
ବିଶ୍ୱରେ ପୂଜିତ ହେ ଗୁରୁ ଚିରଅମର ।■

ଭିକାରିପଡ଼ା, ଶରଣକୁଳ, ନୟାଗଡ଼  
ମୋ-୯୨୩୮୯୯୬୬୪୯

## ସକାଳ ଶିଶୁ କୁଇଜ୍-୧୭୪



(୧) ଦଣ୍ଡ ନୃତ୍ୟ ପାଇଁ ଓଡ଼ିଶାର କେଉଁ ଜିଲ୍ଲା ପ୍ରସିଦ୍ଧ?  
ଉତ୍ତର : ____________

(୨) 'ବୃହତ୍ ସଂହିତା' ପୁସ୍ତକର ରଚୟିତାଙ୍କ ନାମ କ'ଣ?  
ଉତ୍ତର : ____________

(୩) କାଞ୍ଚନଜଙ୍ଘା ଜାତୀୟ ଉଦ୍ୟାନ ଭାରତର କେଉଁ ରାଜ୍ୟରେ ଅବସ୍ଥିତ?  
ଉତ୍ତର : ____________

(୪) ରାଜ୍ୟସଭାରେ କିଏ ଅଧ୍ୟକ୍ଷତା କରନ୍ତି?  
ଉତ୍ତର : ____________

(୫) କମ୍ପ୍ୟୁଟରରେ ଡାଟା ପ୍ରୋସେସ୍ କଲାବେଳେ କେଉଁ ଭାଷା ବ୍ୟବହାର କରାଯାଏ?  
ଉତ୍ତର : ____________

**ଗତ ସପ୍ତାହର କୁଇଜ୍ ବିଜେତା**
- ରେୟାଂଶୀ କାନୁନ୍‌ଗୋ, ଭୁବନେଶ୍ୱର
- ଦୀପୁ ନାୟକ, ଟାଙ୍ଗି, ଖୋର୍ଦ୍ଧା
- ସୁଜିତ୍ କୁମାର ରାଉତ,ସୋର, ବାଲେଶ୍ୱର

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

**ଆମର ଯୋଗାଯୋଗ ଠିକଣା**  
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍  
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

# ସୁମନ

## ଚୁପ୍ ! ସେଇଠି ରହ



**ଶିବ ପ୍ରସାଦ ରାଉତ**




ଥରେ ଦଳେ ବିଲୁଆ ତୁଳସୀ ବଣ ଜଙ୍ଗଲରୁ କେଉଁ ଏକ ନିରାପଦ ଜଙ୍ଗଲକୁ ଚାଲିଯିବାର ଯୋଜନା କରୁଥାନ୍ତି । କାରଣ ତୁଳସୀ ବଣ ଜଙ୍ଗଲରେ କୋଦାଳକ ନାମକ ଏକ ଭୟଙ୍କର ସିଂହ ଥିଲା। କୋଦାଳକ ଅତ୍ୟନ୍ତ ରାଗୀ ଓ ଜିଦ୍‌ଖୋର ଥିଲା। ଦିନରାତି ଜଙ୍ଗଲ ସାରା ବୁଲିବୁଲି ଅନେକ ଜୀବଜନ୍ତୁକୁ ମାରି ଖାଉଥିଲା। ସେ ଜଙ୍ଗଲରେ ଦୁଇଶହ ବିଲୁଆ ଥିଲେ । ଏହି ଆଠଟାଙ୍କୁ ଛାଡ଼ି ଆଉ ସମସ୍ତଙ୍କୁ କୋଦାଳକ ମାରି ଖାଇ ସାରିଥିଲା। ତେଣୁ ଏଠାରୁ ଚାଲିଗଲେ ବିଲୁଆମାନେ ବଞ୍ଚି ରହିପାରିବେ ବୋଲି ଭାବୁଥାନ୍ତି। ଏକଦା ବିଲୁଆମାନେ ତୁଳସୀ ବଣର ଦକ୍ଷିଣକୁ ଥିବା ସୁଉଚ୍ଚ ପାହାଡ଼ଟା ଡେଇଁ ଅନ୍ୟପଟକୁ ପାରି ହୋଇ ଯିବାକୁ ବସିଥିବାବେଳେ ହଠାତ୍ କୋଦାଳକ ନଜରକୁ ଆସିଗଲେ । ବିଲୁଆମାନେ ଭାବିଲେ ଆଜି ସମସ୍ତଙ୍କର କାଳ ପୂରିଗଲା ସେହି ଆଠ ଜଣିଆ ବିଲୁଆ ଦଳର ଦଳପତି ଚିରାଳ ସମସ୍ତଙ୍କୁ ଚୁପ୍ ଚୁପ୍ କହିଲା -"ଭାଇମାନେ କୋଦାଳକ ତ ଆସୁଛି । ଆମର ଆଉ ବଞ୍ଚିବାର ଉପାୟ ନାହିଁ । ତଥାପି ମୁଁ ଯାହା କହୁଛି, ତୁମେ ତାହା କର । ବର୍ତ୍ତମାନ ସମସ୍ତେ ଧାଡ଼ିରେ ଛିଡ଼ା ହୋଇଯାଅ ଓ ପ୍ରଥମେ ମରିବାକୁ ସମସ୍ତେ ମିଥ୍ୟାରେ କଳି କର।" ସିଂହ କୋଦାଳକ ଭୟଙ୍କର ଗର୍ଜନ କରି ତାଙ୍କ ଆଗକୁ ଦୌଡ଼ି ଆସି ବାଟ ଓଗାଳି ଛିଡ଼ା ହେଲା ।

ହେଲେ ସିଂହ ଆଶ୍ଚର୍ଯ୍ୟ ହେଲା ଯେ ତା'ର ଗର୍ଜନ ଶୁଣି, ତାକୁ ଦେଖି ବିଲୁଆମାନେ ପଳେଇ ଯାଉନାହାନ୍ତି କି ଡରୁନାହାନ୍ତି । ଓଲଟି ପରସ୍ପର ମଧ୍ୟରେ କଳି କରୁଛନ୍ତି। କୋଦାଳକ ତାଙ୍କୁ ମାରିବା ପରିବର୍ତ୍ତେ ଘଟଣା କ'ଣ ଜାଣିବାକୁ ଚେଷ୍ଟାକଲା । ବିଲୁଆଙ୍କ ଦଳପତି ଚିରାଳ କହିଲା, "ମହାରାଜ ମୁଁ ଏମାନଙ୍କର ଦଳପତି। ଏମାନେ ମୋ କଥା ମାନୁ ନାହାନ୍ତି । ଏଇ କିଛି ସମୟ ପର୍ବରୁ ଆକାଶବାଣୀ ହେଲା ଯେ, ଯିଏ ଏହି ତୁଳସୀ ବଣରେ ପ୍ରଥମେ ମରିବ ସେ ସଙ୍ଗେସଙ୍ଗେ ମଣିଷ ଜନ୍ମ ହୋଇ ବିରାଟ ଦେଶର ରାଜା ହେବ। ଏଣୁ ମୁଁ ଏମାନଙ୍କର ଦଳପତି ଭାବରେ ପ୍ରଥମେ ମରିବାକୁ ଚାହିଁଲି ଯେ ଏମାନେ ମୋତେ ପ୍ରଥମେ ମରିବାକୁ ନ ଦେଇ ନିଜେ ମରିବାକୁ ଚାହୁଁଛନ୍ତି । ଆପଣ ତ ଆମ ପଶୁରାଜ କୁହନ୍ତୁ ତ ମୁଁ ମଣିଷ ହୋଇ ଏ ବିରାଟ ଦେଶର ରାଜା ହେବାର ସୌଭାଗ୍ୟ ପ୍ରାପ୍ତହେବା ଉଚିତ୍ କି ନୁହେଁ !" ଚିରାଳ ପୁଣି କହିଲା, "ମହାରାଜ, ମୁଁ ଏମାନଙ୍କୁ ବୁଝାଇଲା ପରେ ବି ସେମାନେ କହୁଛନ୍ତି, ଆମେ ସମସ୍ତେ ଧାଡ଼ିରେ ଛିଡ଼ା ହେବୁ ଏବଂ ଏକସଙ୍ଗରେ ଦୌଡ଼ ଆରମ୍ଭ କରିବୁ । ଆମ ଆଗରେ ଏ ପାହାଡ଼ରୁ ଯେଉଁ ଝରଣା ବହିଯାଉଛି, ତା'ର ଠିକ୍ ତଳେ ଗୋଟିଏ ଭୟଙ୍କର ପ୍ରପାତ ଅଛି । ଯିଏ ଦୌଡ଼ରେ ଆଗୁଆ ହେବ ସେ ସେହି ପ୍ରପାତକୁ ଡେଇଁ ମଣିଷ ରାଜା ହୋଇ ଦେଶ ପାଳନ କରିବ ।" ଚିରାଳ ପୁଣି କୋଦାଳକକୁ ଅନୁରୋଧ କଲା ଯେ, "ହେ ! ମହାରାଜ ଆପଣ ମୋତେ ପ୍ରଥମେ ଏଇଠି ମାରିଦିଅନ୍ତୁ , ମୁଁ ଟିକେ ଶୂନ୍ୟବାଣୀ ଅନୁଯାୟୀ ରାଜା ହେବି ।" ଚିରାଳ ମୁହଁରୁ କଥା ଛଡ଼ାଇ କୋଦାଳକ କହିଲା,' ଚୁପ୍ ! ତୋର ତ ଭାରି ସାହାସ । ତୁ ହେବୁ ମଣିଷ ରାଜା । ଆଉ ମୁଁ ସବୁବେଳେ ଏଇ ପଶୁରାଜ ହେଇ ରହିଥିବି । ତେଣୁ ତୁମେମାନେ ସେଇଠି ସେମିତି ଧାଡ଼ିରେ ଛିଡ଼ା ହୁଅ । ମୁଁ ପ୍ରପାତକୁ ଡେଇଁ ଏ ଦେଶର ରାଜା ହେଉଛି । ବାସ୍ । ଅପରିଣାମଦର୍ଶୀ କୋଦାଳକ, ଚିରାଳର ଚତୁରତା ଠଉରେଇ ପାରିଲା ନାହିଁ। ତା'ର ମୃତ୍ୟୁରେ ତୁଳସୀବଣ ଅରଣ୍ୟ ଶାନ୍ତିରେ ନିଃଶ୍ୱାସ ମାରିଲା ।■

ବଛଦା, ବାସୁଦେବପୁର, ଭଦ୍ରକ  
ମୋ- ୯୪୩୭୭୯୬୬୨୧

## ଆମର ତୁଳୀ






**ସନ୍ଦୀପ୍ତା ଦିବ୍ୟାରାଣୀ**  
ଚତୁର୍ଥ ଶ୍ରେଣୀ  
ଡିଏଭି ପବ୍ଲିକ୍ ସ୍କୁଲ  
ପୋଖରୀପୁଟ  
ଭୁବନେଶ୍ୱର





**ସାଇ ସମୀକ୍ଷା ସ୍ୱାଇଁ**  
ସପ୍ତମ ଶ୍ରେଣୀ  
ନାରାୟଣ ସ୍କୁଲ  
କଟକ





**ଅଂଶୁମାନ ସାହୁ**  
ଅଷ୍ଟମ ଶ୍ରେଣୀ  
ଓଡିଶା ଆଦର୍ଶ ବିଦ୍ୟାଳୟ  
ଅଙ୍କରାନ୍ତିପୁର, ଢେଙ୍କାନାଳ





**ଅନ୍ୱେଷା ବଳ**  
ତୃତୀୟ ଶ୍ରେଣୀ  
ଡିଏଭି ପବ୍ଲିକ୍ ସ୍କୁଲ  
ପୋଖରୀପୁଟ, ଭୁବନେଶ୍ୱର





**ସ୍ୱର୍ଣ୍ଣଶ୍ରୀ ମହାନ୍ତି**  
ଚତୁର୍ଥ ଶ୍ରେଣୀ  
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର  
ନିମାପଡ଼ା

ଦୁଲୀପ୍ ଟ୍ରଫିରେ ଦାରଙ୍କ ହ୍ୟାଟ୍ରିକ୍

## ଉତ୍ତରାଞ୍ଚଳ ଇନିଂସ ଅଗ୍ରଣୀ



ବେଙ୍ଗାଲୁରୁ,୨୯।୮ (ଏଜେନ୍ସି): ଜମ୍ମୁ-କଶ୍ମୀର ମିଡିୟମ୍ ପେସ୍ ବୋଲର ଆକ୍ୱିବ ନବି ଦାରଙ୍କ ବୋଲିଂର ଉଚିତ ମୁକାବିଲା କରି ନ ପାରି ଏଠାରେ ପୂର୍ବାଞ୍ଚଳ ସହ ଚାଲିଥିବା ଦୁଲୀପ୍ ଟ୍ରଫି କ୍ୱାର୍ଟର ଫାଇନାଲରେ ଉତ୍ତରାଞ୍ଚଳ ପ୍ରଥମ ଇନିଂସ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ୱିକେଟରକ୍ଷକ କହ୍ନେୟା ୱାଧାୱାନ୍‌ଙ୍କ ୭୬ ଓ ଆୟୁଷ ବଦୋନିଙ୍କ ୬୩ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତରାଞ୍ଚଳ ପ୍ରଥମ ଇନିଂସରେ ୪୦୫ ରନ୍ କରିଥିଲା। ପୂର୍ବାଞ୍ଚଳ ପକ୍ଷରୁ ଖେଳୁଥିବା ଝାଡଖଣ୍ଡ ବାମହାତୀ ସ୍ପିନର ମନିଷ ସର୍ବାଧିକ ୬ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ନବିଙ୍କ ଘାତକ ବୋଲିଂ ବଳରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ପୂର୍ବାଞ୍ଚଳ ମାତ୍ର ୨୩୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବିରାଟ ସିଂ ସର୍ବାଧିକ ୬୯, କାମଚଳା ଅଧିନାୟକ ରିୟାନ ପରାଗ ୩୯, ଉତ୍କର୍ଷ ସିଂ ୩୮ ଓ ୱିକେଟରକ୍ଷକ କୁମାର କୁଶାଗ୍ର ୨୯ ରନ୍ କରିଥିଲେ। ଉତ୍ତରାଞ୍ଚଳ ପକ୍ଷରୁ ଦାର ମାତ୍ର ୧୦.୧ ଓଭର ବୋଲିଂ କରି ୨୮ ରନ୍‌ରେ ସର୍ବାଧିକ ୫ଟି ୱିକେଟ ପାଇଥିଲେ। ଦୁଲୀପ୍ ଟ୍ରଫିରେ ୩ୟ ବୋଲର ଭାବେ ଦାର୍ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।

### ଡାନିସ ମାଲେୱରଙ୍କ ଦ୍ୱିଶତକ

ଏଠାରେ ଚାଲିଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ କେନ୍ଦ୍ରାଞ୍ଚଳର ଡାନିସ ମାଲେୱର ଦ୍ୱିଶତକ ହାସଲ କରିଛନ୍ତି। ସେ ୨୦୩, ଅଧିନାୟକ ରଜତ ପାଟିଦାର ୧୨୫ ଓ ୟଶ୍ ରାଠୋଡଙ୍କ ଅପରାଜିତ ୮୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦ୍ରାଞ୍ଚଳ ୪ ୱିକେଟରେ ୫୩୨ ରନ୍ କରି ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷସୁଦ୍ଧା ଉତ୍ତର-ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୭ ୱିକେଟ ହରାଇ ୧୬୮ ରନ୍ କରିନେଇଛି। ଷ୍ଟମ୍ପ ଅପସାରଣ ବେଳକୁ ଅଙ୍କୁର ମଲିକ ୩୧ ଓ ପାଲଜୋର ତାମଙ୍ଗ ୩ ରନ୍‌ରେ ବ୍ୟାଟିଂ କରୁଥିଲେ। ଓପନର କାମାଜିତ୍ ୟୁମନାମ ସର୍ବାଧିକ ୪୮, ଆଶିଷ ଥାପ୍ପା ୩୫ ରନ୍‌ର ଉଲ୍ଲେଖନୀୟ ସ୍କୋର କରିଥିଲେ। କେନ୍ଦ୍ରାଞ୍ଚଳ ପକ୍ଷରୁ ଆଦିତ୍ୟ ଠାକ୍‌ରେ ୩ଟି ଓ ହର୍ଷ ଦୁବେ ୨ଟି ୱିକେଟ ଅକ୍ତିଆର କରିଥିଲେ।

## ୧୩ରେ ରୋହିତଙ୍କ ଫିଟ୍‌ନେସ୍ ପରୀକ୍ଷା

ମୁମ୍ବଇ,୨୯।୮ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ ରୋହିତ ଶର୍ମାଙ୍କର ଫିଟନେସ୍ ଟେଷ୍ଟ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ସେପ୍ଟେମ୍ବର ୧୩ରେ ହେବ। ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ପୂର୍ବରୁ ସେ ଓ ବିରାଟ କୋହଲି ଦଳକୁ ଫେରିବେ ବୋଲି ଆଶା କରାଯାଉଛି। ଏଣୁ ୧୩ରେ ତାଙ୍କର ନିୟମିତ ହେଉଥିବା ୟୋ ୟୋ ଏବଂ ଏବେ ବ୍ରୋଙ୍କୋ ଟେଷ୍ଟ ଦେବେ ବୋଲି ଜଣାଯାଇଛି। ଉଭୟ ଖେଳାଳି ଅଷ୍ଟ୍ରେଲିଆ-ଏ' ସହ କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ୫ରେ ଖେଳାଯିବାକୁ ଥିବା ଦିନିକିଆ ମ୍ୟାଚ୍‌ରେ ଖେଳିବେ। ଏହା ପରେ ଅଷ୍ଟ୍ରେଲିଆ ସିନିୟର ଦଳ ସହ ଭାରତ ସୀମିତ ଓଭର ସିରିଜ୍ ଖେଳିବାକୁ ଯିବ। ଏହା ପୂର୍ବରୁ ଦୁଇ ବରିଷ୍ଠ ଖେଳାଳିଙ୍କୁ ଫିଟ୍ କରାଇବା ଏବଂ ଅଭ୍ୟାସ କରିବାକୁ ପର୍ଯ୍ୟାପ୍ତ ସୁଯୋଗ ଦେବାକୁ ଏଭଳି ନିଷ୍ପତ୍ତି ହୋଇଛି। ଅକ୍ଟୋବରରେ ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଓ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବାର କାର୍ଯ୍ୟକ୍ରମ ରହିଛି।

## ଶୁକ୍ଳା ବିସିସିଆଇର କାମଚଳା ସଭାପତି

ମୁମ୍ବଇ,୨୯।୮ (ଏଜେନ୍ସି): ବରିଷ୍ଠ ଉପସଭାପତି ରାଜୀବ ଶୁକ୍ଳାଙ୍କୁ ବିସିସିଆଇର କାମଚଳା ସଭାପତି ଭାବେ ନିଯୁକ୍ତ କରାଯାଇଛି। ବର୍ତ୍ତମାନର କ୍ରୀଡ଼ା ନିୟମ ଅନୁଯାୟୀ ସଭାପତି ଥିବା ରୋଜର ବିନ୍ନିଙ୍କୁ ୭୦ ବର୍ଷ ପୁରିଯିବାରୁ ସଭାପତି ପଦ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଶୁକ୍ଳା ଏହି ପଦରେ ବିସିସିଆଇର ପରବର୍ତ୍ତୀ ନିର୍ବାଚନ ଯାଏ ବା ଆସନ୍ତା ସେପ୍ଟେମ୍ବର ମାସଯାଏ ରହିପାରିବେ। ଏବେ ସରକାର ଆଣିଥିବା କ୍ରୀଡ଼ାନୀତି ଅନୁଯାୟୀ ବିନ୍ନିଙ୍କୁ ୭୦ ବର୍ଷ ପୁରିଯାଇଥିଲେ ମଧ୍ୟ ସଭାପତି ହୋଇପାରିବେ। କିନ୍ତୁ ନିର୍ବାଚନ ବେଳକୁ ନୂଆ କ୍ରୀଡ଼ାନୀତି ପ୍ରଣୟନ ହୋଇଥିବା ଆବଶ୍ୟକ।

ଏସିଆ କପ୍ ପୁରୁଷ ହକି

# ଚୀନ୍‌କୁ ହରାଇ ଭାରତ ବିଜୟୀ

ରାଜଗିର,୨୯।୮ (ଏଜେନ୍ସି)

ଅଧିନାୟକ ତଥା ଡ୍ରାଗ୍ ଫ୍ଲିକର ହରମନପ୍ରୀତ୍ ସିଂହଙ୍କ ହ୍ୟାଟ୍ରିକ ଗୋଲ ବଳରେ ଜାତୀୟ କ୍ରୀଡ଼ା ଦିବସରେ ଆରମ୍ଭ ହୋଇଥିବା ଏସିଆ କପ୍ ହକିରେ ଚୀନ୍‌କୁ ୪-୩ ଗୋଲରେ ପରାସ୍ତ କରି ଭାରତ ବିଜୟ ଅଭିଯାନ ଆରମ୍ଭ କରିଛି। ବିହାର ସ୍ପୋର୍ଟ୍ସ ୟୁନିଭର୍ସିଟି ହକି ଷ୍ଟାଡିୟମ୍‌ରେ ଶୁକ୍ରବାର ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ହରମନପ୍ରୀତ୍ ୩ଟି ଗୋଲ ଦେଇଥିଲେ। ଅନ୍ୟ ଗୋଲଟି ଜୁଗରାଜ ସିଂହଙ୍କ ଷ୍ଟିକ୍‌ରୁ ଆସିଥିଲା। ଚୀନ୍ ପକ୍ଷରୁ ଶେଷ ମୁହୂର୍ତ୍ତରେ ଲଢୁଆ ପ୍ରତ୍ୟାବର୍ତ୍ତନ ହୋଇଥିଲେ ମଧ୍ୟ ଭାରତର ରକ୍ଷଣଭାଗ ଶେଷ ପର୍ଯ୍ୟନ୍ତ ଆଉ ଗୋଲ ହେବାକୁ ଦେଇ ନ ଥିଲେ। ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ଅପରାହ୍ଣରେ ଜାପାନ ସହ ଖେଳିବ। ଶୁକ୍ରବାର ଖେଳାଯାଇଥିବା ଅନ୍ୟ ୩ଟି ମ୍ୟାଚ୍‌ରେ ଜାପାନ ୭-୦ ଗୋଲରେ କାଜାଖସ୍ଥାନକୁ, ମାଲେସିଆ ୪-୧ ଗୋଲରେ ବାଂଲାଦେଶକୁ ଓ ଦକ୍ଷିଣ କୋରିଆ ୭-୦ ଗୋଲରେ ଚାଇନିଜ୍ ତାଇପେଇକୁ ପରାସ୍ତ କରି ପୂରା ପଏଣ୍ଟ ହାସଲ କରିଛି। ଦକ୍ଷିଣ କୋରିଆର ସନ ଡା-ଇନ୍ ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି।

ଅନ୍ତର୍ଜାତୀୟସ୍ତରରେ ପ୍ରଭାବ ବିସ୍ତାର କରି ନ ଥିଲେ ମଧ୍ୟ ଭାରତ ବିପକ୍ଷରେ ସର୍ବଦା ଲଢୁଆ ଖେଳିଛି ଚୀନ୍। ତାହାର ଏକ ଉଦାହରଣ ଏଠାରେ ଆଜି ଆରମ୍ଭ ହୋଇଥିବା ଏସିଆ କପ୍‌ରେ ଦେଖିବାକୁ ମିଳିଛି। ଭାରତର ରକ୍ଷଣଭାଗ ଦୁର୍ବଳତାର ସୁଯୋଗ ନେଇ ଚୀନ୍‌ର ଅଗ୍ରଭାଗ ଖେଳାଳିମାନେ ବାରମ୍ବାର ଆକ୍ରମଣ କରି ଘରୋଇ ଦଳକୁ ଅସ୍ତବ୍ୟସ୍ତ କରିପକାଇଥିଲେ। ଯାହା ଫଳରେ ଖେଳର ୧୨ତମ ମିନିଟ୍‌ରେ ଡୁ ସିଆଓ ପେନାଲ୍ଟି କର୍ଣ୍ଣରରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ଏହି ଗୋଲ ଖାଇବା ପରେ ଭାରତୀୟ ଶିବିରରେ ଛନକା ପଶିଥିଲା ଓ ୧୮ତମ ମିନିଟ୍‌ରେ ଭାରତ ପାଇଥିବା ପେନାଲ୍ଟି କର୍ଣ୍ଣରରୁ ଗୋଲ ଦେଇ ଖେଳକୁ ୧-୧ରେ ସମାନ ସ୍ଥିତିକୁ ନେଇଯାଇଥିଲେ। ଏହା ପରେ ଦୁଇଟି ପେନାଲଟି କର୍ଣ୍ଣରରୁ ହରମନପ୍ରୀତ୍ ସିଂହ ଦୁଇଟି ଗୋଲ ଦେବା ପରେ ଭାରତ ୩-୧ରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷବେଳକୁ ଚୀନ ପାଇଥିବା ପେନାଲ୍ଟି କର୍ଣ୍ଣରରୁ ଚେନ୍ ବି ଗୋଲ ଦେଇ ଗୋଲ ବ୍ୟବଧାନକୁ ୩-୨କୁ କମାଇ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଚୀନ୍ ଦଳ ଅଧିକ ଆକ୍ରମଣାତ୍ମକ ହୋଇ ଖେଳିଥିଲା। ଯାହା ଫଳରେ ପୁଣି ଏକ ପେନାଲ୍ଟି କର୍ଣ୍ଣରରୁ ଗାଓ ଜିଶେଙ୍ଗ ଗୋଲ ଦେଇ ଖେଳକୁ ୩-୩ରେ ସମାନ ସ୍ତରକୁ ନେଇଆସିଥିଲେ। ଏହି ସମୟରେ ଭାରତ ମଧ୍ୟ ଗୋଲ ଶୁଝାଇବାକୁ ପ୍ରବଳ ଉଦ୍ୟମ କରିଥିଲେ ମଧ୍ୟ ତୃତୀୟ କ୍ୱାର୍ଟରରେ ସମର୍ଥ ହୋଇ ନ ଥିଲା। ଚତୁର୍ଥ ତଥା ଶେଷ କ୍ୱାର୍ଟରରେ ଚୀନ୍ ରକ୍ଷଣଭାଗର ଏକ ଫାଉଲକୁ ଭାରତକୁ ମିଳିଥିଲା ପେନାଲ୍ଟି କର୍ଣ୍ଣର। ଅଧିନାୟକ ହରମନପ୍ରୀତ୍ ଏହାକୁ ଗୋଲରେ ପରିଣତ କରି ଭାରତକୁ ୪-୩ରେ ଆଗୁଆ କରିଥିଲେ। ଚୀନ୍‌ର ପ୍ରବଳ ଆକ୍ରମଣ ଓ ପେନାଲ୍‌ଟି କର୍ଣ୍ଣରକୁ ପ୍ରତିହତ କରିଥିଲେ ଭାରତୀୟ ଖେଳାଳି। ଏହି ସମୟରେ ବିପଜ୍ଜନକ ଖେଳ ଲାଗି ଜରମନପ୍ରୀତ୍ ସିଂହଙ୍କୁ ହଳଦିଆ କାର୍ଡ ମିଳିଥିଲା। ଏସବୁକୁ ମୁକାବିଲା କରି ଭାରତ ଏହି ମ୍ୟାଚ୍‌କୁ ୪-୩ ଗୋଲରେ ଜିତିନେଇଥିଲା। ଏହି ମ୍ୟାଚ୍‌ରେ ସମସ୍ତ ଗୋଲ ପେନାଲ୍ଟି କର୍ଣ୍ଣରରୁ ସ୍କୋର ହୋଇଥିଲା। ଏହି ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚରେ ଜାପାନ ୭-୦ ଗୋଲରେ କାଜାଖସ୍ଥାନକୁ ସହଜରେ ହରାଇଥିଲା।



### ସନ୍‌ଙ୍କ ହ୍ୟାଟ୍ରିକ୍, କୋରିଆର ଜିତ୍

ସକାଳେ ଖେଳାଯାଇଥିବା ଗ୍ରୁପ୍-ବି'ର ପ୍ରଥମ ମ୍ୟାଚ୍‌ରେ ମାଲେସିଆ ୪-୧ ଗୋଲରେ ବାଂଲାଦେଶକୁ ପରାସ୍ତ କରିଥିଲା। ମାଲେସିଆ ଆଗରେ ପ୍ରତିଦ୍ୱନ୍ଦ୍ୱୀ ଦଳ ତିଷ୍ଠି ପାରି ନ ଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ସନ୍‌ଙ୍କ ହ୍ୟାଟ୍ରିକ ଯୋଗୁ ଦକ୍ଷିଣ କୋରିଆ ୭-୦ ଗୋଲରେ ଚାଇନିଜ୍ ତାଇପେକୁ ହରାଇଥିଲା। ଦଳ ପକ୍ଷରୁ ୟାଙ୍ଗ୍ ମଧ୍ୟ ୨ଟି ଗୋଲ ସ୍କୋର କରିଥିଲେ।

ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ

## ହୃଦାନନ୍ଦଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର,୨୯।୮ (ସମିସ): ଅହମ୍ମଦାବାଦ୍‌ରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଭାଗନେଇଥିବା ଏକମାତ୍ର ପୁରୁଷ ଓଡ଼ିଆ ପ୍ରତିଯୋଗୀ ହୃଦାନନ୍ଦ ଦାସ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଆଜି ଅନୁଷ୍ଠିତ କନିଷ୍ଠ ୮୮ କେଜି କାଟାଗୋରୀର ସ୍ନାଚ୍‌ରେ ୧୩୯, କ୍ଲିନ୍ ଆଣ୍ଡ ଜର୍କରେ ୧୭୮ ଓ ମୋଟରେ ୩୧୭ କେଜି ଓଜନ ଉଠାଇ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହା ଫଳରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ୬ଜଣ ଓଡ଼ିଆଙ୍କ ମଧ୍ୟରୁ ୫ଜଣ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଢ଼େଙ୍କାନାଳର ଦୁଇ ଭଉଣୀ ପ୍ରୀତିସ୍ମିତା ଓ ବିଦୁସ୍ମିତା ଭୋଇ ସ୍ୱର୍ଣ୍ଣପଦକ, ମିନା ସାନ୍ତା-ଏ' ସ୍ୱର୍ଣ୍ଣପଦକ ଓ ସ୍ନେହା ସୋରେନ୍ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହା ଫଳରେ ଓଡ଼ିଆ ଭାରୋତ୍ତୋଳକମାନେ ବିଭିନ୍ନ କାଟାଗୋରୀରେ ୩ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ଭାରତ ଖାତାରେ ଯୋଡିବାରେ ସମର୍ଥ ହୋଇଛନ୍ତି। ଏମାନେ ସମସ୍ତେ ଭାରୋତ୍ତୋଳନ ହାଇ ପରଫର୍ମାନ୍ସ ସେଣ୍ଟରରେ କୋଚ୍ ଗୋପାଳକୃଷ୍ଣ ଦାସଙ୍କ ଠାରୁ ପ୍ରଶିକ୍ଷଣ ନେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଭାରୋତ୍ତୋଳନ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍

## ପ୍ରି-କ୍ୱାର୍ଟରରେ କାର୍ଲୋସ ଆଲ୍‌କାରାଜ୍

ନ୍ୟୁୟର୍କ,୨୯।୮ (ଏଜେନ୍ସି): ଏଠାରେ ଚାଲିଥିବା ବର୍ଷର ଶେଷ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ ଟେନିସ ପ୍ରତିଯୋଗିତାରେ ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୩୨'ର ଏକ ମ୍ୟାଚରେ ୨ୟ ସିଡ୍ ଆଲ୍‌କାରାଜ ୬-୨, ୬-୪, ୬- ରେ ଇଟାଲୀର ଲୁସିଆନୋ ଡାର୍‌ଡେରୀଙ୍କୁ ସହଜରେ ପରାସ୍ତ କରିଥିଲେ। ପଞ୍ଚମ ଦିବସରେ ସୁଦ୍ଧା ସମସ୍ତ ଦ୍ୱିତୀୟ ରାଉଣ୍ଡ ଖେଳ ଶେଷ ହୋଇଛି। ତୃତୀୟ ରାଉଣ୍ଡରେ ଟପ୍ ସିଡ୍ ଜାନିକ ସିନ୍ନରଙ୍କ ସହ ୨୭ ନମ୍ବର ସିଡ ଡିନିଲ ସାପୋଭାଲୋଭଙ୍କର ମୁକାବିଲା ହେବ। ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଇଟାଲୀର ସିନ୍ନର ୬-୩, ୬-୨, ୬-୨ରେ ଅଷ୍ଟ୍ରେଲିଆର ଆଲେକ୍ସେଇ ପପିରିନ୍‌ଙ୍କୁ ପରାସ୍ତ କରିଥିଲେ। ଚଳିତବର୍ଷ ଶେଷ ହୋଇଥିବା ସମସ୍ତ ୩ଟି ଯାକ ଗ୍ରାଣ୍ଡସ୍ଲାମ୍ ଫାଇନାଲରେ ପ୍ରବେଶ କରିଥିବା ସିନ୍ନର ଏହାକୁ ମିଶାଇ ୨୩ତମ ବିଜୟ ହାସଲ କରିଛନ୍ତି। ଅଷ୍ଟ୍ରେଲିଆନ ଓପନ ଓ ୱିମ୍ବଲଡନରେ ଚାମ୍ପିଅନ ହୋଇଥିବା ସିନ୍ନର ଫ୍ରେଞ୍ଚ ଓପନ ଫାଇନାଲରେ ଆଲକାରାଜଙ୍କଠାରୁ ପରାଜିତ ହୋଇଥିଲେ। ଏବେ ତୃତୀୟ ରାଉଣ୍ଡରେ ସେ କାନାଡାର ସାପୋଭାଲୋଭଙ୍କୁ ଭେଟିବେ। ତେବେ ଦ୍ୱିତୀୟ ରାଉଣ୍ଡରେ ୯ମ ସିଡ୍ କାରେନ ଖାଚାନୋଭ୍ ଓ ୫ମ ସିଡ୍ ଜେକ୍ ଡ୍ରେପର ବିଦାୟ ନେଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇଥିବା ଖେଳାଳିଙ୍କ ମଧ୍ୟରେ ତୃତୀୟ ସିଡ୍ ଆଲେକଜାଣ୍ଡର ଜ୍ୱେରେଭ୍, ଷଷ୍ଠ ସିଡ୍ ବେନ୍ ଶେଲଟନ, ୮ମ ସିଡ୍ ଆଲେକ୍ସ ଡି ମିନାଉର, ୧୦ମ ସିଡ୍ ଲୋରେଞ୍ଜୋ ମୁସେଟୀ, ୧୪ତମ ସିଡ୍ ଟମି ପଲ ଓ ୧୫ତମ ସିଡ୍ ଆନ୍ଦ୍ରେ ରୁବ୍‌ଲେଭ୍ ପ୍ରମୁଖ ରହିଛନ୍ତି।



ଜାନିକ ସିନ୍ନର

### ପେଗୁଲା, ପାଓଲିନ୍ ତୃତୀୟ ରାଉଣ୍ଡରେ

ମହିଳା ବିଭାଗ ଏକକରେ ଦୁଇ ଟପ୍ ସିଡ ଆରିନା ସାବାଲେଙ୍କା ଓ ଇଗା ସ୍ୱିଆଟେକ୍ କିଛିଟା ସଂଘର୍ଷ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତୃତୀୟ ରାଉଣ୍ଡରେ ସାବାଲେଙ୍କାଙ୍କ ସହ ଲିଲା ଫର୍ଣ୍ଣାଣ୍ଡିଜ୍, ଦ୍ୱିତୀୟ ସିଡ ଇଗା ସ୍ୱିଆଟେକଙ୍କ ସହ ଆନ୍ନା କଲିନସ୍କୟା, ତୃତୀୟ ସିଡ କୋକୋ ଗଫ୍‌ଙ୍କ ସହ ୨୮ ନମ୍ବର ସିଡ୍ ମାଗଡାଲେନା ଫ୍ରେକ୍, ଚତୁର୍ଥ ସିଡ୍ ଜେସିକା ପେଗୁଲାଙ୍କ ସହ ଭେଟେରାନ ଭିକ୍ଟୋରିଆ ଆଜରେଙ୍କାଙ୍କର ମୁକାବିଲା ହେବ। ଅନ୍ୟ ପ୍ରମୁଖ ସିଡେଡ ଖେଳାଳିଙ୍କ ମଧ୍ୟରେ ନାଓମି ଓସାକା, କାରୋଲିନା ମୁଚୋଭା, ୮ମ ସିଡ ଆମାଣ୍ଡେ ଆନିସିମୋଭା, ୧୫ତମ ସିଡ୍ ଡାରିଆ କାସତକିନା, ୭ମ ସିଡ୍ ଜଷ୍ଟିନ୍ ପାଓଲିନ୍, ୯ମ ସିଡ୍ ଏଲେନା ରିବାକିନା ମଧ୍ୟ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଗତକାଲିଠାରୁ ମହିଳା ଯୁଗଳ ବିଭାଗରେ ଖେଳ ଆରମ୍ଭ ହୋଇଛି। ପ୍ରଥମ ରାଉଣ୍ଡ ଖେଳରେ ଟପ୍ ସିଡ୍ କାଟେରିନା ସିନିଆକୋଭା ଓ ଟେଲର ଟାଉନସେଣ୍ଡ, ଦ୍ୱିତୀୟ ସିଡ୍ ଜସ୍ମିନ ପାଓଲିନ୍ ଓ ସାରା ଏରାନି, ତୃତୀୟ ସିଡ୍ ଗାବ୍ରିଏଲା ଡାବ୍ରୋୱସ୍କି ଓ ଏରିନ୍ ରୁଟଲାଇଫ୍, ଚତୁର୍ଥ ସିଡ୍ ଏଲିସେ ମେର୍ଟେନ୍ସ ଓ ଭେରୋନିକା କୁଦରମେଟୋଭା ପ୍ରଥମ ରାଉଣ୍ଡରେ ସହଜ ବିଜୟ ହାସଲ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଜିଠାରୁ ପୁରୁଷ ଯୁଗଳ ବିଭାଗରେ ମ୍ୟାଚ୍ ଖେଳାଯିବ। ଏଥିରେ ଭାରତୀୟ ଯୋଡି ଏନ୍ ବାଲାଜୀ ଓ ଆର୍ ବୋଲିପାଲି, ରୋହନ ବୋପନ୍ନା, ୟୁକି ଭାମ୍ବ୍ରୀ ଓ ଅର୍ଜୁନ ଖାଡେ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ।



ଇଗା ସ୍ୱିଆଟେକ୍

ଜାତୀୟ କ୍ରୀଡ଼ା ଦିବସ

## ଅନିମେଶ, ରାଖାଲଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର


ଭୁବନେଶ୍ୱର, ୨୯।୮ (ସମିସ)

ହକି ଯାଦୁଗର ମେଜର ଧ୍ୟାନ ଚାନ୍ଦଙ୍କ ୧୨୦ତମ ଜନ୍ମ ବାର୍ଷିକୀ ଅବସରରେ ଶୁକ୍ରବାର ସାରା ଦେଶରେ ପାଳିତ ହୋଇଯାଇଛି 'ଜାତୀୟ କ୍ରୀଡ଼ା ଦିବସ'। ଏହି ଅବସରରେ ପ୍ରତିବର୍ଷ ଭଳି ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ରାଜ୍ୟର ସର୍ବଶ୍ରେଷ୍ଠ କ୍ରୀଡ଼ା ସମ୍ମାନ 'ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର' ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଏକ ଉତ୍ସବରେ ୮ଜଣ ବ୍ୟକ୍ତି ବିଶେଷଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା। ବର୍ଷ ୨୦୨୪ ଲାଗି କ୍ରୀଡ଼ାର ବିଭିନ୍ନ କ୍ଷେତ୍ରରେ ଏସମସ୍ତେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲେ।




ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିଜେତାଙ୍କୁ ସମ୍ମାନିତ କରିଥିଲେ।

ଦେଶର ଦ୍ରୁତତମ ଧାବକ ଅନିମେଶ କୁଜୁରଙ୍କୁ ଉଲ୍ଲେଖନୀୟ ସଫଳତା ଲାଗି ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦକୁ ଟ୍ରଫି ଓ ମାନପତ୍ର ସହ ତାଙ୍କୁ ୩ ଲକ୍ଷ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଅନିମେଶ ୧୦୦ ଓ ୨୦୦ ମିଟରରେ ଜାତୀୟ ରେକର୍ଡର ଅଧିକାରୀ ରହିଛନ୍ତି। ଗତ ଦୁଇବର୍ଷ ଧରି ସେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଏକାଧିକ ପଦକ ଜିତି ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ଛତିଶଗଡ଼ର ଏହି ଉଦୀୟମାନ ଧାବକ ବେଶ୍ କିଛି ବର୍ଷ ଧରି କଳିଙ୍ଗ ଷ୍ଟାଡିୟମରେ ପ୍ରଶିକ୍ଷଣ ନେଉଛନ୍ତି। ସେହିଭଳି ବର୍ଷର ଶ୍ରେଷ୍ଠ କନିଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି ସାତ୍ତ୍ୱିକ ସ୍ୱାଇଁ। ଗତ ଜୁନରେ ଅନୁଷ୍ଠିତ ୩୮ତମ ଜାତୀୟ ୯ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍‌ରେ ସାତ୍ତ୍ୱିକ ଚାମ୍ପିଅନ ହୋଇ ଇତିହାସ ରଚିଥିଲେ। ରାଖାଲ କୁମାର ସେଠୀ ବର୍ଷର'ଶ୍ରେଷ୍ଠ ପାରା କ୍ରୀଡ଼ାବିତ୍' ପୁରସ୍କାର ହାସଲ କରିଥିଲେ।



### ବିଜୟ ଶତପଥୀଙ୍କୁ ଆଜୀବନ ସାଧନା ସମ୍ମାନ

କ୍ରୀଡ଼ା କ୍ଷେତ୍ରରେ ଆଜୀବନ ସାଧନା ଲାଗି ବିଜୟ ଶତପଥୀଙ୍କୁ ପୁରସ୍କୃତ କରାଯାଇଛି। ଅସୁସ୍ଥତା ଯୋଗୁ ତାଙ୍କ ପୁଅ ସୋମନାଥ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ବର୍ଷର ଶ୍ରେଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ପୁରସ୍କାର ସୁଷମା ନନ୍ଦଙ୍କୁ ମିଳିଥିଲା। ଦୀର୍ଘ ବର୍ଷ ଧରି ସେ କଳିଙ୍ଗ ଷ୍ଟାଡିୟମସ୍ଥିତ ଛାତ୍ରାବାସରେ ଭଲିବଲ୍ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଅପରପକ୍ଷରେ କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି 'ପ୍ରମେୟ'ର ବିମଳ କୁମାର ରାଉଳଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାର ପ୍ରଚାର ଓ ପ୍ରସାର ଲାଗି ପ୍ରଦ୍ୟୁମ୍ନ ମିଶ୍ର ଓ ଶ୍ରେଷ୍ଠ ବୈଷୟିକ କ୍ରୀଡ଼ା ଅଧିକାରୀ ଭାବେ ଡାକ୍ତର ସୁଦୀପ ଶତପଥୀଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନ ଦିଆଯାଇଥିଲା। ପ୍ରଦ୍ୟୁମ୍ନ ବର୍ତ୍ତମାନ ରାଜ୍ୟ ଖୋ ଖୋ ସଭାପତି ଭାବେ କାର୍ଯ୍ୟ କରୁଛନ୍ତି। ଏହାବାଦ୍ ଦୁଇଜଣଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। କଟକର ଜୀବନ କୁମାର ବେହେରା ଓ ନୟାଗଡ଼ର ଚିତ୍ତରଞ୍ଜନ ପ୍ରଧାନ ଯୁଗ୍ମ ଭାବେ ଏହି ପୁରସ୍କାର ପାଇଥିଲେ।

ବିମଳ ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ

## ନିରାଶ କଲେ ନୀରଜ



ଜୁରିଚ, ୨୯।୮ (ଏଜେନ୍ସି): ବିଶ୍ୱ ଦୌଡ଼କୁଦ ପ୍ରତିଯୋଗିତା ଅନ୍ୟତମ ସମ୍ମାନଜନକ ପ୍ରତିଯୋଗିତା ଡାଏମଣ୍ଡ ଲିଗ୍ ଫାଇନାଲ ଗୁରୁବାରଠାରୁ ସୁଇଜରଲାଣ୍ଡର ଜୁରିକରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ହୋଇଥିବା ଇଭେଣ୍ଟ ଗୁଡ଼ିକ ମଧ୍ୟରେ ପୁରୁଷ ଜାଭେଲିନ ଥ୍ରୋ ରହିଥିଲା। ଏଥିରେ ଦୁଇଥରର ଅଲିମ୍ପିକ ପଦକ ବିଜେତା ଭାରତୀୟ ତାରକା ନୀରଜ ଚୋପ୍ରା ନିରାଶ କରିଛନ୍ତି। ଛ' ରାଉଣ୍ଡ ବିଶିଷ୍ଟ ଥ୍ରୋ'ରେ ସେ ୮୫.୦୧ ମିଟର ଥ୍ରୋ ସହ ୨ୟ ସ୍ଥାନରେ ରହିଛନ୍ତି। ନୀରଜ ତାଙ୍କ ଶେଷ ତଥା ୬ଷ୍ଠ ପ୍ରୟାସରେ ଏହି ଦୂରତା ହାସଲ କରିଥିଲେ। ସେ ବାରମ୍ବାର ଫାଉଲ କରିଥିଲେ। ଏଥିରେ ଜର୍ମାନୀର ତାରକା ଥ୍ରୋୟର ଜୁଲିଏନ ୱେବର ୯୧.୫୧ ମିଟର ଜାଭେଲିନ ଫିଙ୍ଗି ପ୍ରଥମ ସ୍ଥାନରେ ରହିବା ସହ ଡାଏମଣ୍ଡ ଟ୍ରଫି ଜିତିଥିଲେ। ତ୍ରିନିଦାଦ ଓ ଟବାଗୋର କେଶି ୱାଲକଟ୍ଟ ୮୪.୯୫ ମିଟର ସହ ତୃତୀୟ ସ୍ଥାନ ହାସଲ କରିଥିଲେ। ଉଲ୍ଲେଖଯୋଗ୍ୟ, ନୀରଜ ଏଠାରେ ୨୦୨୨ରେ ପ୍ରଥମ ସ୍ଥାନରେ ରହି ଡାଏମଣ୍ଡ ଟ୍ରଫି ହାସଲ କରିଥିଲେ।

BNSS

REQUIREMENT OF VOCATIONAL TRAINERS IN ODISHA
**Bhagini Nivedita Shiksha Samiti**

**Bhagini Nivedita Shiksha Samiti, Bhopal** Partner of NSDC, invites application for the role of **Vocational Trainer & Vocational Coordinator on Contractual basis** under **CSS-VHSE Program (NSQF)** in Odisha. **Candidates must be Odisha domicile.**

| Sector & Post | Qualification for Vocational Trainer |
|---|---|
| Apparel (14) | PG in Textile and Clothing or Relevant Area. **With** 1 year work/teaching experience in Textile and Clothing. |
| Beauty & Wellness (12) | Diploma in Cosmetology/Beauty Therapy/ Beauty Culture from a recognized Institution **with** Minimum 1 Year Experience in the profession. |
| Organised Retail (39) | Graduate or Diploma in Retail Management, P.G. Diploma in Marketing with at least 50% marks **with** 1 year work/teaching experience. |
| Tourism & Hospitality (37) | Diploma/Degree in Hotel Management from a recognized Institute /University **with** 5 yrs work/teaching experience in Food and Beverage service including one year as supervisory capacity in a classified Hotel. |
| Power (01) | B. Tech/Diploma in Electrical Engineering from a recognized Institute/University **with** 1-3 year work/teaching experience |

**Qualification for Vocational Coordinator:-** PG (Master's Degree in Related Domain / Rural Development / Management / MSW / Sociology. **With** 3 Year Experience in Skill/Education Sector

**Age Limit:** 18 to 45 Years (Age relaxation to be provided as per Govt. rules)

**Gross salary 20000/- per month for Vocational Trainers and Rs. 30000/- per month for Vocational Coordinator inclusive of all applicable deduction**

**How to apply :- Eligible candidates can submit applications by scanning QR code or given Google Form Link https://forms.gle/PwMBNmRGRK6iffBk9 from 29-08-2025 to 04-09-2025 till 6 PM. Application accepted on link or QR Code only.**
**For Queries call between 11 AM to 05 PM - +917974047935, +919352849238**

Scan QR for Apply

*Short listed candidates will be intimated within short notice for Interview through email.For more information contact above given number.*
This is not a Govt. Job Management reserve the rights to accept or reject any application.

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS